SEPTEMBER 16, 2026
WEDNESDAY, BHUBANESWAR

ସେପ୍ଟେମ୍ବର ୧୬, ୨୦୨୬
ବୁଧବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA | ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 14 ବର୍ଷ- ୨ ● ସଂଖ୍ୟା- ୧୪ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

### ସେବା ସଂକଳ୍ପ ଅଭିଯାନ ଆନୁକୂଲ୍ୟରେ ବାରାଣାସୀରୁ-ବାଡ଼ନଗର ଯାତ୍ରା

# ଦେଶ ବିକାଶର ମୁକସାକ୍ଷୀ ହେବେ ଯୁବବର୍ଗ : ଉପମୁଖ୍ୟମନ୍ତ୍ରୀ






❖ ମୋଦିଜୀଙ୍କ ଶାସନକାଳର ୨୫ ବର୍ଷ ମଧ୍ୟରେ ଗୁଜୁରାଟରୁ ଆରମ୍ଭ କରି ପୂରାଦେଶରେ କିଭଳି ରୁପାନ୍ତରଣ ହୋଇଛି ତାହାକୁ ଆଖିରେ ଦେଖିବେ ଯୁବବର୍ଗ

❖ ୧୮୦୦ କିଲୋମିଟର ଯାତ୍ରାରେ ୩ ମନ୍ତ୍ର ଯଥା ଜଳ, ଜନ ଏବଂ ସେବାକୁ ଗୁରୁତ୍ୱ ଦିଆଯାଇଛି: ଅଭିଳାଷ ପଣ୍ଡା

❖ ଓଡ଼ିଶାରୁ ୩୦ ଜଣ ଯୁବକଙ୍କୁ ଏହି ଯାତ୍ରାରେ ସାମିଲ କରାଯାଇଛି

ଭୁବନେଶ୍ୱର, ୧୫/୦୯: ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କେବଳ ସର୍ବାଧିକ ସମୟ ଶାସନ ବ୍ୟବସ୍ଥା ମୁଖ୍ୟ ଭାବେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିନାହାନ୍ତି, ସେ ସର୍ବାଧିକ ଜନସାଧାରଣଙ୍କର ହୃଦୟରେ ସ୍ୱତନ୍ତ୍ର ଘର ତୋଳି ପାରିଛନ୍ତି। ତାଙ୍କର ଏହି ଶାସନକାଳ ଭାରତର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବାକୁ ଯାଉଛି । ଏନେଇ ତାଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରରୁ ବିଜେପି ପକ୍ଷରୁ ଏକ ମାସଧରି ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆୟୋଜନ କରାଯାଉଛି । ଏହି ଅଭିଯାନର ଆନୁକୂଲ୍ୟରେ ବିଜେପି ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ତତ୍ୱାବଧାନରେ ଭୁବନେଶ୍ୱରରୁ ବାରାଣାସୀ ଗସ୍ତ କରିବେ। ସେଠାରୁ ବାଡ଼ନଗର ଅଭିମୁଖେ ଯାତ୍ରା କରିବେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଯୁବଶକ୍ତିମାନେ ଏହି ୨୫ ଦିନିଆ କାର୍ଯ୍ୟକ୍ରମରେ ସାଂସ୍କୃତିକ ଆଦାନପ୍ରଦାନ କରିବା ସହ ବିକାଶର ମୁକସାକ୍ଷୀ ହେବେ । ମୋଦିଜୀଙ୍କ ଶାସନକାଳର ୨୫ ବର୍ଷ ମଧ୍ୟରେ ଗୁଜୁରାଟରୁ ଆରମ୍ଭ କରି ପୂରାଦେଶରେ କିଭଳି ରୁପାନ୍ତରଣ ହୋଇଛି, ଲୋକଙ୍କ ଜୀବନ ଶୈଳିରେ କିପରି ପରିବର୍ତନ ହୋଇଛି, ଯୁବକମାନେ କିପରି ଆତ୍ମନିର୍ଭର ହୋଇଛନ୍ତି ଏବଂ ବିଶ୍ୱରେ ଭାରତ କିପରି ଏକ ଗ୍ରୋଥ୍ ଇଞ୍ଜିନ ରୂପେ ଆଗକୁ ବଢୁଛି ତାହାର ଛବି ନିଜ ଆଖିରେ ଦେଖିବେ । ଏଥିସହ ବିକଶିତ ଭାରତର ନୂଆ ସଂକଳ୍ପ ନେଇ ଫେରିବେ । ଅମୃତ କାଳରେ ଏହି ଯାତ୍ରା ଯୁବକମାନଙ୍କ ମଧ୍ୟରେ ନୂତନ ଆଶା, ଉଦ୍ଦୀପନା ଏବଂ ଅନୁଭବ ଆଣିଦେବା ସହ ଏକ ଭିନ୍ନ ରାଜନୈତିକ ଦଳର ନେତାଭାବେ ନିଜକୁ ତିଆରି କରିପାରିବେ ବୋଲି ବାରାଣାସୀରୁ-ବାଡ଼ନଗର ପର୍ଯ୍ୟନ୍ତ ହେବାକୁ ଥିବା ସେବା ସଂକଳ୍ପ ଯାତ୍ରାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି ଯେ, ସେବା ସଂକଳ୍ପ ଅଭିଯାନ ଆନୁକୂଲ୍ୟରେ ଅନେକ କାର୍ଯ୍ୟକ୍ରମ ସଂଗଠିତ ହେବାକୁ ଯାଉଛି । ତା'ମଧ୍ୟରେ ଯୁବବର୍ଗର ବାରାଣାସୀରୁ-ବାଡ଼ନଗର ଯାତ୍ରା ରହିଛି। ଏହି ୧୮୦୦ କିଲୋମିଟର ଯାତ୍ରାରେ ୩ ମନ୍ତ୍ର ଯଥା ଜଳ, ଜନ ଏବଂ ସେବାକୁ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶାର ୩୦ ଜଣ ଯୁବକଙ୍କୁ ଏହି ପ୍ରତିନିଧିମଣ୍ଡଳୀରେ ସାମିଲ କରାଯାଇଛି। ଯୁବ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ସୌମ୍ୟରଞ୍ଜନ ନାୟକ ଏହାର ନେତୃତ୍ୱ ନେଉଛନ୍ତି । ଭୁବନେଶ୍ୱରର ☞ପୃଷ୍ଠା-୨

### ଗ୍ରାମାଞ୍ଚଳରେ ସବୁଠାରୁ ଅଧିକ ଦରଦାମ୍ ଚାପ

## ୫.୯୦%କୁ ଛୁଇଁଲା ଗ୍ରାମୀଣ ମୁଦ୍ରାସ୍ଫୀତି



ଭୁବନେଶ୍ୱର, ୧୫/୦୯ : ରାଜ୍ୟର ଖାଉଟିଙ୍କ ପକେଟ୍ ଉପରେ ଦରଦାମ୍‌ର ବୋଝ ଦିନକୁ ଦିନ ବଢ଼ିବାରେ ଲାଗିଛି। ଦରଦାମ୍‌ରେ ଲଗାତାର ବୃଦ୍ଧି ଯୋଗୁଁ ଅଗଷ୍ଟ ମାସରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ସିଧାସଳଖ ୫.୫୨ ପ୍ରତିଶତକୁ ଡେଇଁଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି ହାର ଜାତୀୟ ହାର (୪.୮୨%) ତୁଳନାରେ ୦.୭୦ ପ୍ରତିଶତ ଅଧିକ ରହିଛି ଏବଂ ଏହାସହ ଓଡ଼ିଶା ଦେଶର ପଞ୍ଚମ ମହଙ୍ଗା ବଜାର ଭାବେ ପରିଗଣିତ ହୋଇଛି ।କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ଜୁଲାଇ ମାସରେ ରାଜ୍ୟର ମୁଦ୍ରାସ୍ଫୀତି ୪.୮୩ ପ୍ରତିଶତ ଥିବାବେଳେ ଅଗଷ୍ଟରେ ଏହା ୦.୬୯ ପ୍ରତିଶତ ବୃଦ୍ଧି ପାଇଛି। ଚଳିତ ବର୍ଷ ଜାନୁଆରିରେ ଏହି ହାର ୨.୯୫ ପ୍ରତିଶତ ଥିବାବେଳେ ଏବେ ସୁଦ୍ଧା ୧.୮୭ ପ୍ରତିଶତ ବୃଦ୍ଧି ହୋଇଛି, ଯାହା ଦେଶରେ ସର୍ବାଧିକ ବୃଦ୍ଧି ମଧ୍ୟରୁ ଗୋଟିଏ। ☞ପୃଷ୍ଠା-୨

### ଡିଜିଟାଲ୍ ଇଣ୍ଡିଆ ପାଇଁ ବଡ଼ ଆଶ୍ୱସ୍ତି

## ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ଏବଂ ରୁପେ କାରବାର ସମ୍ପୂର୍ଣ ଦେୟମୁକ୍ତ




ଭୁବନେଶ୍ୱର, ୧୫/୦୯ : ଅନଲାଇନ୍ ଜରିଆରେ ଦୈନନ୍ଦିନ ଟଙ୍କା ନେଣଦେଣ କରୁଥିବା କୋଟି କୋଟି ଭାରତୀୟ ଖାଉଟିଙ୍କ ପାଇଁ ଏକ ବଡ଼ ଏବଂ ଖୁସିର ଖବର ସାମ୍ନାକୁ ଆସିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁନିଫାଏଡ୍ ପେମେଣ୍ଟ୍‌ସ ଇଣ୍ଟରଫେସ୍ (UPI) ଏବଂ ରୁପେ ଡେବିଟ୍ କାର୍ଡ ଜରିଆରେ ହେଉଥିବା ନେଣଦେଣକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ଏନେଇ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପେମେଣ୍ଟ ☞ପୃଷ୍ଠା-୨

### ନୂଆଖାଇର ଅମୂଲ୍ୟ ଭେଟି

## ଲୋକାର୍ପିତ ହେବ ଡପ୍ଲର ରାଡାର ଓ ଅନେକ ପ୍ରକଳ୍ପ



**ଛୁଟି ଦିନରେ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ**

ସମ୍ବଲପୁର, ୧୫/୦୯ : ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଅବସରରେ ସମ୍ବଲପୁରବାସୀଙ୍କୁ ବିକାଶର ଏକ ବଡ଼ ଏବଂ ସ୍ମରଣୀୟ ଉପହାର ଦେବାକୁ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନୂଆଁଖାଇର ପବିତ୍ର ଦିନରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ସମ୍ବଲପୁରରେ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରାଯାଇଛି। ସରକାରୀ କାର୍ଯ୍ୟସୂଚୀ ଅନୁସାରେ ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ସକାଳ ୧୦ଟାରେ ହେଲିକପ୍ଟର ଯୋଗେ ଜମାଦାରପାଲି ଏୟାରଷ୍ଟ୍ରିପରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଯାଇ ପ୍ରଥମେ ନବନିର୍ମିତ ଡପ୍ଲର ରାଡାର କେନ୍ଦ୍ରର ଉଦ୍‌ଘାଟନ କରିବେ। ଏହି ରାଡାର କେନ୍ଦ୍ର ପଶ୍ଚିମ ଓଡ଼ିଶାରେ ପାଣିପାଗ ପୂର୍ବାନୁମାନ ଓ ବିପର୍ଯ୍ୟୟ ପରିଚାଳନାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହାପରେ ସକାଳ ୧୦ଟା ୪୫ ମିନିଟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ☞ପୃଷ୍ଠା-୨

## ମା' ସମଲେଇଙ୍କ ପୀଠରୁ ଗୁଞ୍ଜରିଲା ନୂଆଁଖାଇର ଲଗ୍ନ ଓ ଉଲ୍ଲାସ

### ଭେଟଘାଟ ଆଉ ମୁଣ୍ଡିଆ ମାର୍, ଏ ମାଟିର ପରମ୍ପରା ଅପାର



**ବର୍ଷା ସାଙ୍ଗେ ନୂଆ ଧାନର ଭୋଗ, ନୂଆଁଖାଇ ଆଣିଦିଏ ଅପାର ସ୍ନେହ**

ସମ୍ବଲପୁର, ୧୫/୦୯ : ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଅବସରରେ ଚାରିଆଡ଼େ ଉତ୍ସବର ମାହୋଲ୍ ଦେଖିବାକୁ ମିଳିଛି। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ପରିସର ଘଣ୍ଟଘଣ୍ଟା ଏବଂ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି। ପୂର୍ବ ନିର୍ଦ୍ଧାରିତ ସମୟରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କ ନିକଟରେ ଲାଗି ହେଲା ନବାନ୍ନ। ନୂଆଁଖାଇ ପାଇଁ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ମଙ୍ଗଳବାର ସକାଳ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ମା'ଙ୍କଠାରେ ନୂଆଅନ୍ନ ଲାଗି ହୋଇଛି। ଘଣ୍ଟଘଣ୍ଟା ଧ୍ୱନି ପ୍ରକମ୍ପିତ ହେଉଛି ମନ୍ଦିର ପରିସର। ଏହାପରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଘରେଘରେ ନୂଆଁଖାଇ ହେବ। ନୂଆଁ ଖାଇ ସାରିଲାପରେ ସାନମାନେ ବଡ଼ମାନଙ୍କୁ ମୁଣ୍ଡିଆମାରି ଆଶୀର୍ବାଦ ନେବାର ପରମ୍ପରା ରହିଛି।

ନୂଆଁଖାଇ ପାଇଁ ସମଲେଶ୍ୱରୀ ମନ୍ଦିରକୁ ତିନି ପୂଜକଙ୍କ ଘରୁ ପ୍ରଥମେ ଭୋଗ ଆସିଥିଲା। ତାପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ନବାନ୍ନ ଲାଗି ହୋଇଥିଲା। ଏହି ଅବସରରେ ନୂଆ ଚାଉଳ ସହିତ କ୍ଷୀରି, ପିଠା, ସାରୁଶାଗ ଲାଗି ହୋଇଛି। ଏହା ପରେ ଲୋକେ ନିଜ ନିଜ ଘରେ କୁଳ ଦେବଦେବୀଙ୍କୁ ନୂଆଭୋଗ ଲାଗି କରି ନିଜେ ନୂଆ ଖାଇବେ। ସନ୍ଧ୍ୟାରୁ ନୂଆଁଖାଇ ଭେଟଘାଟ ଓ ଜୁହାର ବିଧି ଚାଲିବ ନିର୍ଦ୍ଧାରିତ ଲଗ୍ନରେ କ୍ଷେତ ପୂଜା, ଗୁରସ ରୁକା ଆଦି ପର୍ବ ପରେ ଇଷ୍ଟ ଦେବାଦେବୀ, ପିତୃପୁରୁଷଙ୍କୁ ନବାନ୍ନ ଲାଗି ହେବ। ଏହାପରେ ପରିବାରର ବରିଷ୍ଠ ସଦସ୍ୟ ଅନ୍ୟ ସମସ୍ତ ସଦସ୍ୟଙ୍କୁ ନବାନ୍ନ ଭୋଗ ପ୍ରଦାନ କରିବେ। ଏଥିପାଇଁ ଘରେଘରେ ନାନା ପିଠାପଣା ପ୍ରସ୍ତୁତି ସରିଲାଣି। ନୂଆଁଖାଇ ପର୍ବ ସମୟରେ ଅନେକ ଲୋକ ନୂଆଁ ଲୁଗା ପିନ୍ଧୁଥିବାରୁ ପୋଷାକ ଓ ଲୁଗା ଦୋକାନଗୁଡ଼ିକରେ ବି ଗତକାଲି ଭିଡ଼ ଦେଖିବାକୁ ମିଳିଥିଲା। ମଙ୍ଗଳବାର ମଧ୍ୟାହ୍ନରେ ନୂଆଁଖାଇ ପର୍ବ ଶେଷ ହେବା ପରେ ସନ୍ଧ୍ୟାରୁ ନୂଆଁଖାଇ ଭେଟଘାଟ ଓ ଜୁହାର ବିଧି ଚାଲିବ। ନୂଆଁଖାଇ ଭେଟଘାଟ ପରମ୍ପରା ଏବେ ବଦଳି ଯାଇଥିବାରୁ ଗାଁ ଗହଳିରୁ ନେଇ ଦେଶବିଦେଶରେ ବି ଏହାର ଝଲକ ଦେଖିବାକୁ ମିଳୁଛି। ଯେଉଁଠି ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ନୃତ୍ୟ ଦର୍ଶକଙ୍କ ମନମୋହିବ।

## ଗ୍ୟାସ କଳାବଜାରୀଙ୍କ ଉପରେ ସରକାରୀ ଆକ୍ସନ୍



▲ ୩,୮୩୮ ସ୍ଥାନରେ ରେଡ୍
▲ ୮,୪୫୭ ଗ୍ୟାସ ସିଲିଣ୍ଡର ଜବତ
▲ ପ୍ରକୃତ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷାପାଇଁ ଜାରି ରହିବ ରେଡ୍

ଭୁବନେଶ୍ୱର, ୧୫/୦୯ : ରାଜ୍ୟରେ ସବସିଡିଯୁକ୍ତ ରନ୍ଧନ ଗ୍ୟାସର ବେଆଇନ କଳାବଜାରୀ ଏବଂ ମହଜୁଦଦାରୀକୁ ଦମନ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏକ ବଡ଼ଧରଣର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ପ୍ରକୃତ ଉପଭୋକ୍ତାଙ୍କୁ ସେମାନଙ୍କର ପ୍ରାପ୍ତ ଅଧିକାର ଓ ସ୍ୱଚ୍ଛ ସେବା ଯୋଗାଇଦେବାକୁ ସରକାର ଏହି କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟବ୍ୟାପୀ ୩,୮୩୮ଟି ସ୍ଥାନରେ ରେଡ୍ ଓ ଯାଞ୍ଚ କରାଯାଇଥିବା ବେଳେ ୮,୪୫୭ଟି LPG ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଚଢ଼ାଉ ସମୟରେ କଳାବଜାରୀ ଓ ମହଜୁଦଦାରୀ ଅଭିଯୋଗରେ ୪୭ଟି FIR ରୁଜୁ ହୋଇଛି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ଆଇନ (EC Act) ଅଧୀନରେ ୪୯୮ଟି ମାମଲା ରୁଜୁ କରାଯାଇଥିବା ବେଳେ ୯ ଜଣଙ୍କୁ ଗିରଫ କରାଯାଇଛି ।ବିଭାଗର ସୂଚନା ଅନୁସାରେ, ଘରୋଇ ସବସିଡି LPG ସିଲିଣ୍ଡରକୁ ବେଆଇନ ଭାବେ ମହଜୁଦ ରଖି ଅଧିକ ଦାମରେ ବିକ୍ରି କରୁଥିବା ଚକ୍ର ବିରୋଧରେ ଏହି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ। ପ୍ରକୃତ ଉପଭୋକ୍ତାଙ୍କ ସ୍ୱାର୍ଥ ସୁରକ୍ଷା ଓ ସବସିଡି ଗ୍ୟାସର ସ୍ୱଚ୍ଛ ବଣ୍ଟନ ନିଶ୍ଚିତ କରିବାକୁ କଡ଼ା ଆଇନଗତ ପଦକ୍ଷେପ ଜାରି ରହିବ ବୋଲି ବିଭାଗ ସ୍ପଷ୍ଟ କରିଛି।



ଅକ୍ଷର
AKHYARA ODISHA | ଓଡ଼ିଶା

**ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

ଯୁବ ବର୍ଗଙ୍କର ବିକାଶରେ
ଦେଶର ହୋଇବ ବିକାଶ
ଏକଥା ଆଜି ଉପମୁଖ୍ୟମନ୍ତ୍ରୀ
କରିଲେ ଆମର ପ୍ରକାଶ
ଯୁବକ ଏଇଠି ହତାଶ
ସରକାର ଖାଲି ଭାଷଣ ବାଜିରେ
ନିତି ଦେଉଛନ୍ତି ସାହସ

# ରାଷ୍ଟ୍ରପତି ଭବନରେ ଗୁଞ୍ଜରିବ କୋରାପୁଟିଆ ଢେମସାର ତାଳ




◆ ନୂଆଁଖାଇରେ ଝଙ୍କୃତ ହେବ ଚମତ୍କାର ନୃତ୍ୟ

◆ ରାଷ୍ଟ୍ରପତିଙ୍କ ସମ୍ମୁଖରେ ଝଙ୍କୃତ ହେବ ଆଦିବାସୀ ସଂସ୍କୃତିର ଛନ୍ଦ

ଜୟପୁର, ୧୫/୦୯ : ଦେଶର ସର୍ବୋଚ୍ଚ ସାମ୍ବିଧାନିକ ଭବନ ରାଷ୍ଟ୍ରପତି ଭବନ ପରିସରରେ ଝଙ୍କୃତ ହେବାକୁ ଯାଉଛି କୋରାପୁଟର ପାରମ୍ପରିକ ଏବଂ ଗର୍ବର ପ୍ରତୀକ 'ଢେମସା' ନୃତ୍ୟର ତାଳ। ନୂଆଁଖାଇ ପର୍ବ ଉପଲକ୍ଷେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା କୋଟପାଡ଼ର 'କଳା ବିକାଶ କେନ୍ଦ୍ର' ପକ୍ଷରୁ ଏହି ଚମତ୍କାର ନୃତ୍ୟ ପରିବେଷଣ କରାଯିବ। ଦଳପତି ସାଗର ବିଶୋୟୀଙ୍କ ନେତୃତ୍ୱରେ କଳାକାର ଦଳ ନୂଆଦିଲ୍ଲୀରେ ପହଞ୍ଚି ନିଜର ପ୍ରସ୍ତୁତି ସାରିଛନ୍ତି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ୍ରମେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ଉତ୍ସବରେ ଭାଗ ନେବା ପାଇଁ ଓଡ଼ିଶାରୁ ମନୋନୀତ ସାଂସ୍କୃତିକ ଦଳଗୁଡ଼ିକ ମଧ୍ୟରେ କୋଟପାଡ଼ କଳା ବିକାଶ କେନ୍ଦ୍ର ସ୍ଥାନ ପାଇଛି। ଆଦିବାସୀ ଅଧ୍ୟୁଷିତ କୋରାପୁଟ ମାଟିର ବାର୍ତ୍ତା ଓ ମହାନ ପରମ୍ପରାକୁ ଢେମସା ନୃତ୍ୟର ଛନ୍ଦ ମାଧ୍ୟମରେ କଳାକାରମାନେ ରାଷ୍ଟ୍ରପତି ତଥା ଉପସ୍ଥିତ ଅତିଥିମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବେ। କୋରାପୁଟର ମାଟି, ସଂସ୍କୃତି ଓ ନୃତ୍ୟଶୈଳୀ ଦେଶର ରାଜଧାନୀରେ ନୂଆଁଖାଇ ଭଳି ଗଣପର୍ବରେ ପରିବେଷିତ ହେବା ସମଗ୍ର ଜିଲ୍ଲା ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବୁଦ୍ଧିଜୀବୀ ଓ କଳାପ୍ରେମୀ ମତ ପ୍ରକାଶ କରିଛନ୍ତି।

### ନୂଆଁଖାଇର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି



ଭୁବନେଶ୍ୱର, ୧୫/୦୯ : କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ମୁଁ ଦେଶବାସୀଙ୍କୁ ବିଶେଷକରି ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି। ନୂଆଁଖାଇ କେବଳ ଏକ ପାରମ୍ପରିକ ପର୍ବ ନୁହେଁ, ପଂକ୍ତି ଭୋଜନ ଓ ବନ୍ଧୁମିଳନ ମାଧ୍ୟମରେ ସାମାଜିକ ଓ ପାରିବାରିକ ଆତ୍ମୀୟତାର ପ୍ରତୀକ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଦେଶ ବିକାଶର ମୁକସାକ୍ଷୀ...

ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ କରି ଏହି ପ୍ରତିନିଧିମଣ୍ଡଳୀ ବାରାଣସୀ ଗସ୍ତ କରିଛନ୍ତି। ସେଠାକାର ପ୍ରସିଦ୍ଧ ଶୈବପୀଠ ବିଶ୍ୱନାଥ ମନ୍ଦିରରୁ ଗୁଜୁରାଟର ବାବା ସୋମନାଥଙ୍କ ମନ୍ଦିର ପର୍ଯ୍ୟନ୍ତ ଓ ଗୁଜୁରାଟ ମାଟି ପର୍ଯ୍ୟନ୍ତ ଏହି ଯାତ୍ରା ଚାଲିବ। ଏହି ଯାତ୍ରା ସେମାନଙ୍କ ଜୀବନକୁ ନୂତନ ଦିଗଦର୍ଶନ ଦେବା ସହ ବିକଶିତ ଭାରତ ପାଇଁ ନୂତନ ଆଶା ଜାଗ୍ରତ କରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

### ୫.୯୦%କୁ ଛୁଇଁଲା...

ସବୁଠାରୁ ଚିନ୍ତାର ବିଷୟ ହେଉଛି ଗ୍ରାମାଞ୍ଚଳର ସ୍ଥିତି। ରାଜ୍ୟର ଗ୍ରାମୀଣ ମୁଦ୍ରାସ୍ଫୀତି ୫.୯୦ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ଏହା ୪.୪୭ ପ୍ରତିଶତ ରହିଛି। ଅର୍ଥାତ୍ ଗ୍ରାମାଞ୍ଚଳର ଲୋକମାନେ ଦୈନନ୍ଦିନ ସାମଗ୍ରୀ ପାଇଁ ଅଧିକ ଦାମ୍ ଦେବାକୁ ବାଧ୍ୟ ହେଉଛନ୍ତି। ମୁଦ୍ରାସ୍ଫୀତି ହାରରେ ତେଲେଙ୍ଗାନା (୬.୭୬%), ତାମିଲନାଡୁ (୫.୯୯%), ଆନ୍ଧ୍ରପ୍ରଦେଶ (୫.୫୩%) ଓ ମଧ୍ୟପ୍ରଦେଶ ପରେ ଓଡ଼ିଶା ରହିଛି। ବିଶେଷଜ୍ଞଙ୍କ ମତରେ, ଖାଦ୍ୟ ସାମଗ୍ରୀ ଓ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ଏହି ମୁଦ୍ରାସ୍ଫୀତିକୁ ଅଧିକ ପ୍ରଭାବିତ କରିଛି।

### ୨୦୦୦ ଟଙ୍କା ପର୍ଯ୍ୟନ୍ତ...

ଆଣ୍ଡ ସେଟେଲମେଣ୍ଟ ସିଷ୍ଟମ୍ ଆଇନ, ୨୦୦୭ର ୫୧ର ଧାରା ୧୦(କ) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି କେନ୍ଦ୍ର ସରକାର ଅନଲାଇନ୍ ଟଙ୍କା ନେଣଦେଣର ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରିଛନ୍ତି। ରୁପେ (RuPay) ଦ୍ୱାରା ପରିଚାଳିତ ଡେବିଟ୍ କାର୍ଡ ଏବଂ ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (UPI) କାରବାରକୁ ସରକାର ଦେୟମୁକ୍ତ କରିଛନ୍ତି। ଏହି ନିର୍ଦ୍ଦିଷ୍ଟ ଅନଲାଇନ୍ ପେମେଣ୍ଟ ପଦ୍ଧତି ବ୍ୟବହାର କରି ଟଙ୍କା କାରବାର ଉପଭୋକ୍ତାଙ୍କ ଉପରେ କୌଣସି ବ୍ୟାଙ୍କ କିମ୍ବା ସିଷ୍ଟମ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୌଣସି ଶୁଳ୍କ ଲାଗୁ କରିବେ ନାହିଁ।

### ଲୋକାର୍ପିତ ହେବ ଡପ୍ଲର...

ଅଡିଟୋରିୟମରେ ଆୟୋଜିତ ସତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସେ ଭର୍ଚ୍ଚୁଆଲ ମାଧ୍ୟମରେ ଅନେକ ଆଞ୍ଚଳିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିକାଶ ସହ ଜଡିତ ବିଭିନ୍ନ ପ୍ରକଳ୍ପକୁ ସବୁଜ ସଙ୍କେତ ମିଳିବ। ସମ୍ବଲପୁରର କାର୍ଯ୍ୟକ୍ରମ ସାରିବା ପରେ ମୁଖ୍ୟମନ୍ତ୍ରୀ ପୁଣି ଜମାଦାରପାଲି ଏୟାରଷ୍ଟ୍ରିପକୁ ଫେରି କୁଚିଣ୍ଡା ଅଭିମୁଖେ ଯିବେ। ସେଠାରେ ପଞ୍ଚାୟତିରାଜ ମନ୍ତ୍ରୀ ତଥା କୁଚିଣ୍ଡା ବିଧାୟକ ରବି ନାରାୟଣ ନାୟକଙ୍କ ବାସଭବନକୁ ଯାଇ ପାରିବାରିକ ଶୋକବାର୍ତ୍ତା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ସେ ଭୁବନେଶ୍ୱର ଫେରିବେ। ନୂଆଖାଇ ଅବସରରେ ରାଜ୍ୟରେ ସରକାରୀ ଛୁଟି ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଗସ୍ତକୁ ନେଇ ପ୍ରଶାସନ, ପୋଲିସ ଓ ସରକାରୀ କର୍ମଚାରୀମାନେ ଦିନସାରା ସକ୍ରିୟ ରହିବେ। ଏହି ଗସ୍ତରେ ଅନେକ ମନ୍ତ୍ରୀ, ସାଂସଦ ଓ ବିଧାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଉପସ୍ଥିତ ରହିବେ।

## ଧୁମଧାମରେ ଆଠଗଡ଼ରେ ଗଣେଶ ପୂଜା ପାଳିତ



ଆଠଗଡ଼,୧୫/୯ (ଅକ୍ଷର ଓଡ଼ିଶା) ଆଠଗଡ଼ର ବିଭିନ୍ନ ପୂଜା ମଣ୍ଡପରେ ପୂଜା କମିଟି ପକ୍ଷରୁ ଗଣେଶ ଚତୁର୍ଥୀ ମହାସମାରୋହରେ ପାଳିତ ହୋଇଯାଇଛି। ପାଗ ଅନୁକୂଳ ଥିବାରୁ ସେହିପରି ଗଦାସାହି ଗୋଲ୍ଡେନ କ୍ଲବ୍ ଆଜିକୁ ୩୦ ବର୍ଷରୁ ଉର୍ଦ୍ଧର ବର୍ଷ ହେବ ଗଣେଶ ପୂଜା ପାଳନ କରି ଆସୁଛି। କମିଟି ପକ୍ଷରୁ ପ୍ରଭୁ ଗଜାନନଙ୍କୁ ରୂପାରେ ନିର୍ମିତ କମିଟି, ପୁରୁଣା ବସଷ୍ଟାଣ୍ଡର ଫ୍ରେଣ୍ଡସ କ୍ଲବ, ଚାନ୍ଦବାଲି ଛକର ମହାବୀର କ୍ଲବ,ବିରକିଶୋରପୁରର ମା' ମଙ୍ଗଳା କ୍ଲବ, ବାଣୀକଣ୍ଠନଗର ଜୟ ଦୁର୍ଗା କ୍ଲବ,କଣ୍ଟୋଲର ଗୋଲ୍ଡେନ ଇଗଲ

### ୧୨ ଫୁଟ ଉଚ୍ଚତାରେ ନିର୍ମିତ ଗଣେଶଙ୍କୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁ ମାନଙ୍କର ଭିଡ ଜମିଥିଲା। ଏହି ଅବସରରେ ପଦ୍ମସାହି ଗଣେଶ ପୂଜା କମିଟି ପକ୍ଷରୁ ୧୨ ଫୁଟ ଉଚ୍ଚତାରେ ନିର୍ମିତ ପ୍ରଭୁ ଗଣେଶଙ୍କୁ ମୁକୁଟ, ଶୁଣ୍ଡ ପଟି, ଦାନ୍ତ ରୂପାରେ ନିର୍ମିତ ଅଳଙ୍କାରରେ ସୁସଜ୍ଜିତ କରିଥିଲେ। ମୁକୁଟ, ଶୁଣ୍ଡ ପଟି, ଦାନ୍ତ, ହାତ ଖଡୁ ଲଗାଇ ସୁସଜ୍ଜିତ କରି ପୂଜାର୍ଚ୍ଚନା କରିଥିଲେ। କମିଟି ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ତାଳଖମା କ୍ଲବ୍,ଗୁହାଳପଡିଆର ଷ୍ଟାର କ୍ଲବ , ରଥଗଡାର ସାରା ଆକାଶ କ୍ଲବ୍, ଉପର ସାହି ପୂଜା କ୍ଲବ, ଚଣ୍ଡୀ କ୍ଲବ୍, ଜୟ ଦୁର୍ଗା କ୍ଲବ, ମଙ୍ଗଳା ସାହି କ୍ଲବ ଗଣେଶ ଚତୁର୍ଥୀ ମହାସମାରୋହରେ ପାଳିତ କରିଥିଲେ। ଅନ୍ୟପକ୍ଷରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବେସରକାରୀ ଶିକ୍ଷା ଅନୁଷ୍ଠାନରେ ଇତ୍ୟାଦିରେ ଧୁମଧାମରେ ପାଳିତ ହୋଇଥିଲା।

## ସୁନା ଗହଣା ଚୋରି ଘଟଣାରେ କାଶୀନଗର ପୋଲିସ ତନାଘନା

ପାରଳାଖେମୁଣ୍ଡି, ୧୫/୯(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା କାଶୀନଗର ଏନଏସିର ଷ୍ଟେଟ ବ୍ୟାଙ୍କ ନିକଟରେ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୁଇଗୋଟି ଘରୁ ୩ ଲକ୍ଷ ୬୦ ହଜାର ଏବଂ ସୁନା ଗହଣା ଚୋରି ଘଟଣାରେ ପୋଲିସ ଆନ୍ଧ୍ରରୁ କିଛି ଜଣଙ୍କୁ ଆଣି ତନାଘନା କରୁଥିବା ସୂଚନା ମିଳିଛି. ଘଟଣାରୁ ପ୍ରକାଶ, କାଶୀନଗର ଷ୍ଟେଟ୍ ବ୍ୟାଙ୍କ ନିକଟସ୍ଥ ଆର୍ ଲକ୍ଷ୍ମଣ ମୂର୍ତ୍ତିଙ୍କ ଘର ଏବଂ ଏନ୍‌ପି ପେଟ୍ରୋଲ ପମ୍ପ ନିକଟରେ ରହୁଥିବା ମୋହନ ଦାମୋଦର ଦୁଇଜଣଙ୍କ ଘରେ ଚୋରି ହୋଇଥିବା ନେଇ କାଶୀନଗର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଲକ୍ଷ୍ମଣ ମୂର୍ତ୍ତିଙ୍କ ମାଆଙ୍କ ମୃତ୍ୟୁ ହୋଇଥିବାରୁ ସେ କିଛି ଦିନ ପୂର୍ବେ ପରିବାର ସହ ଅନ୍ୟ ଗ୍ରାମକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ମୁଖ୍ୟ ଫାଟକର ଲକ୍ ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ଜଣାପଡ଼ିଛି । ସୋମବାର ଲକ୍ଷ୍ମଣ ପରିବାର ସହ ଘରକୁ ଫେରିବା ପରେ ମୁଖ୍ୟ ଫାଟକ ଭଙ୍ଗା ଅବସ୍ଥାରେ ଦେଖି ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ ଓ ଘର ଭିତରେ ଯାଞ୍ଚ କରିବା ପରେ ପ୍ରାୟ ୨ କିଲୋଗ୍ରାମ ରୂପା, ୨୫ ଗ୍ରାମ ସୁନା ଏବଂ ନଗଦ ପ୍ରାୟ ୩ ଲକ୍ଷ ଟଙ୍କା ଚୋରି ହୋଇଥିବା କାଶୀନଗର ଥାନାରେ ଲକ୍ଷ୍ମଣ ଅଭିଯୋଗ କରିଛନ୍ତି। ସେହିପରି ପେଟ୍ରୋଲ ପମ୍ପ ନିକଟସ୍ଥ ମୋହନ ଦାମୋଦରଙ୍କ ଘରେ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ଆସିଛି ଓ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି ନଗଦ ୬୦ ହଜାର ଟଙ୍କା ସହ ପ୍ରାୟ ୧୫୦ ଗ୍ରାମ ରୂପା ଚୋରି କରିଥିବା ଅଭିଯୋଗ ହୋଇଛି । ଘଟଣା ନେଇ କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ ଘଟଣାସ୍ଥଳରେ ପହଞ୍ଚି ଚୋରି ହୋଇଥିବା ଘର ଗୁଡ଼ିକର ଯାଞ୍ଚ କରିବା ସହ ଘଟଣାର ଖୋଳତାଡ଼ ଆରମ୍ଭ କରି ଆନ୍ଧ୍ରପ୍ରଦେଶ ଶିକାକୁଲମ ଜିଲ୍ଲାର ମେଳିଆପୁଟି ଗ୍ରାମରୁ କିଛି ଜଣଙ୍କୁ କାଶୀନଗର ଥାନାକୁ ଆଣି ଏହି ୨ ଗୋଟି ଚୋରି ଘଟଣାର ପର୍ଦାଫାଶ ପାଇଁ ତଦନ୍ତ ଜାରି ରଖିଥିବା କାଶୀନଗର ଆଇଆଇସି ଲକ୍ଷ୍ମଣ ସେଠୀ ସୂଚନା ପ୍ରଦାନ କରିଛନ୍ତି।

## ଧୁମଧାମରେ ପାଳିତ ହେଲା ଗଣେଷ ପୂଜା

ଫିରିଙ୍ଗିଆ, ୧୫/୯ (ଅକ୍ଷର ଓଡ଼ିଆ)କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଫିରିଙ୍ଗିଆ ତଥା ଆଖପାଖ ଅଞ୍ଚଳରେ ସିଦ୍ଧି ଦାତା ଗଣେଶଙ୍କ ପୂଜା ରୀତିନୀତି ଅନୁସାରେ ପାଳିତ ହୋଇଛି । ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ ଗୁଡିକରେ ପୂଜାର୍ଚ୍ଚନା, ପୁଷ୍ପାଞ୍ଜଳି ଓ ପ୍ରସାଦ ସେବନ ସହ ନୂତନ ଛାତ୍ର ଛାତ୍ରୀ ମାନଙ୍କର ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଭଳି ଦେଖିବାକୁ ମିଳିଛି ଫିରିଙ୍ଗିଆ, କେଳାପଡା, ଗେରୁପଡା, ଗୁରୁପଡା, ଭୃଙ୍ଗିଯୋଡି ଭଳି ବିଭିନ୍ନ ସ୍ଥାନରେ ସିଦ୍ଧି ବିନାୟକଙ୍କ ପୂଜା ଧୂମଧାମ ରେ ଅନୁଷ୍ଠିତ ହୋଇଛି । ଗାଁ ର ବିଭିନ୍ନ ସ୍ଥାନ ରେ ରଙ୍ଗୀନ ଆଲୋକ ମାଳା ଓ ତୋରଣ ସାଜସଜ୍ଜା ଆକର୍ଷଣୀୟ ହୋଇଛି ଓ ସେହି ଭଳି ଗେରୁପଡା ଛକ ନିକଟରେ ମା ପିତାବଳୀ ଯୁବକ ସଂଘ ଗେରୁପଡା ଠାରେ ଆୟୋଜିତ ଗଣେଶ ପୂଜା ଯାକଯମକ ଉତ୍ସାହର ସହିତ ପାଳନ କରୁଛନ୍ତି । ଗାଁ ଗାଁରେ



ଗଣେଶ ପୂଜା ପୂଜା ମଣ୍ଡପ ରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା ଓ ଶାନ୍ତି ଶୃଙ୍ଖଳା ପାଇଁ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନେତୃତ୍ୱରେ ସମଗ୍ର ବଜାର ସମେତ ଗାଁ ଗାଁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା ।

## କରଲଗାରେ ଧୁମ୍‌ଧାମରେ ଗଣେଶ ପୂଜା ପାଳିତ

ରିଆମାଳ, ୧୫/୯(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କରଲଗା ଗ୍ରାମ ପଞ୍ଚାୟତ ଅଞ୍ଚଳର ମଝିସାହି, ଦୁଡୁକୁଟରଣ ଓ କରଲଗା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧୁମ୍‌ଧାମରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବୁଢ଼ାପାଳ ମଣ୍ଡଳ ସଭାପତି ଅନନ୍ତ କୁମାର ସାହୁ ଯୋଗଦେଇ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ଭକ୍ତିମୟ ପରିବେଶ ମଧ୍ୟରେ ପୂଜା ଉତ୍ସବକୁ ଧୁମ୍‌ଧାମରେ ପାଳନ କରାଯାଇଥିଲା। ପୂଜାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ସ୍ଥାନରେ ଭକ୍ତମାନେ ଏକତ୍ରିତ ହୋଇ ଶ୍ରୀଗଣେଶଙ୍କ ଦର୍ଶନ କରିବା ସହ ପୂଜାରେ ସାମିଲ ହୋଇଥିଲେ।



## ଅନୁଗୋଳ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ମଲ୍ ଯାଞ୍ଚ



ବନ୍ତଳା, ୧୫/୦୯ (ଅକ୍ଷର ଓଡ଼ିଶା): ଦିଲ୍ଲୀ ଡ୍ରେସ ଗୋଦାମରେ ଅଗ୍ନିକାଣ୍ଡ ପରେ ଚେତିଛି ଓଡ଼ିଶା ଅଗ୍ନିଶମ ବିଭାଗ। ଅନୁଗୋଳର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ମଲରେ ଜିଲ୍ଲା ଅଗ୍ନିଶମ ବିଭାଗର ମାରାଥନ୍ ଚଢାଉ କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଚାଲିଛି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଟିକିନିଖି ଯାଞ୍ଚ। ଯାଞ୍ଚ ବେଳେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହି ଥିବା ଦେଖିବାକୁ ମିଳିଛି। ଏନେଇ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ତାଗିଦ୍ କରାଯିବା ସହ ତୁରନ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥାରେ ସୁଧାର ଆଣିବାକୁ କୁହାଯାଇଛି। ତୁରନ୍ତ ଏଥିରେ ସୁଧାର ନ ଆଣିଲେ, ଆଗାମୀ ଦିନରେ ସେମାନଙ୍କ ବିରୋଧରେ ଅଗ୍ନି ନିରାପତ୍ତା ଉଲ୍ଲଙ୍ଘନ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଗ୍ନିସମ ଅଧିକାରୀ ସରତ ଚନ୍ଦ୍ର ମଲ୍ଲିକ କହିଛନ୍ତି ।

## କିଡ଼ନୀ ରୋଗରେ ଯୁବକଙ୍କ ମୃତ୍ୟୁ



ଆଠଗଡ଼,୧୫/୯ (ଅକ୍ଷର ଓଡ଼ିଶା) ନରସିଂହପୁରରେ କିଡ଼ନୀ ନେଉଛି ଗୋଟିଏ ପରେ ଗୋଟିଏ ଜୀବନ।ଅକାଳରେ ଝଡି ପଡୁଛି ଅମୁଲ୍ୟ ଜୀବନ,ପୁରୁଷ ଶୂନ୍ୟ ହେଲା ପରିବାର। ନରସିଂହପୁର ନିଜିଗଡ଼ ଗ୍ରାମର ରଶ୍ମି ରଞ୍ଜନ ମହାପାତ୍ର (ବନୁ ) ଙ୍କର ଗତକାଲି ବିଳମ୍ବିତ ରାତିରେ କିଡ଼ନୀ ରୋଗରେ ପରଲୋକ ଘଟି ଯାଇଛି, ଦୀର୍ଘଦିନ ଧରି ସେ କିଡ଼ନୀ ରୋଗରେ ଆକ୍ରାନ୍ତ ଥିଲେ,ସୂଚନାରୁ ପ୍ରକାଶ ଯେ ରଶ୍ମିଙ୍କ ବାପା ନିରଞ୍ଜନ ମହାପାତ୍ରଙ୍କର ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ବଡ଼ ଭାଇ ସୌମ୍ୟ ରଞ୍ଜନ ମହାପାତ୍ରଙ୍କର କିଡ଼ନୀ ରୋଗ ରେ ପୂର୍ବରୁ ମୃତ୍ୟୁ ଘଟିଥିଲା, ଏବେ ରଶ୍ମିଙ୍କ ମୃତ୍ୟୁ ପରେ ପୁରୁଷ ଶୂନ୍ୟ ହୋଇଗଲା ପରିବାର, ରଶ୍ମିଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଆମେରିକାର ଟାର୍ଗେଟ୍‌ରେ ଭାରତ ସମେତ ୧୦ ଦେଶ

## ରୁଷର ତୈଳ କ୍ରେତାଙ୍କ ପାଇଁ ବଢ଼ିଲା ଚିନ୍ତା

ୱାସିଂଟନ, ୧୫/୦୯ : ରୁଷର ତୈଳ କ୍ରେତା ଏବଂ ପ୍ରମୁଖ ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ କଡ଼ା କଟକଣା ଲଗାଇବା ପାଇଁ ଆମେରିକାରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଛି। ଜଣେ ଆମେରିକୀୟ ସାଂସଦ ରୁଷ ଉପରେ କଟକଣା ଲାଗୁ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍‌ରେ ସଂଶୋଧନ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଭାରତ ସମେତ ରୁଷର ପ୍ରମୁଖ ବାଣିଜ୍ୟିକ ଅଂଶୀଦାର ଥିବା ୧୦ଟି ଦେଶର ନାମ ସ୍ପଷ୍ଟ ଭାବେ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। 'ଲିଣ୍ଡସେ ଓ. ଗ୍ରାହାମ ସାଙ୍କସନ୍‌ସ୍ ରୁଷ ଆଣ୍ଡ ଇରାନ ଆକ୍ଟ' ନାମକ ଏହି ବିଲ୍ ଗତ ମାସରେ ଆମେରିକା ସିନେଟ୍ ଦ୍ୱାରା ବଡ଼ ବହୁମତରେ ଗୃହୀତ ହୋଇଥିଲା। ଏହାର ସପକ୍ଷରେ ୮୬ ଜଣ ସାଂସଦ ଭୋଟ୍ ଦେଇଥିବା ବେଳେ ୧୧ ଜଣ ବିପକ୍ଷରେ ଭୋଟ୍ ଦେଇଥିଲେ। ଏହି ବିଲ୍ ରୁଷର ନେତୃତ୍ୱ ଏବଂ ଏହାର ଶକ୍ତି କ୍ଷେତ୍ର ଉପରେ କଟକଣା ଲଗାଇବା ସହିତ ତୈଳ ବିକ୍ରୟ କଟକଣାକୁ ଏଡ଼ାଇବା ପାଇଁ ରୁଷ ବ୍ୟବହାର କରୁଥିବା ଛାୟା ଫ୍ଲିଟ୍ ଜାହାଜଗୁଡ଼ିକ ଉପରେ କଟକଣା ଲଗାଇବା ପାଇଁ ଲକ୍ଷ୍ୟ ରଖିଛି। ଆମେରିକା କହିଛି ଯେ, ରୁଷ ଅଶୋଧିତ ତେଲ ବିକ୍ରୟ କରି ଯେଉଁ ଟଙ୍କା ରୋଜଗାର କରୁଛି ତାହା ୟୁକ୍ରେନ ବିରୋଧରେ ଯୁଦ୍ଧରେ ବ୍ୟବହୃତ ହେଉଛି।ଏହି ବିଲ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚୀନ୍ ଏବଂ ଭାରତ ସମେତ ପ୍ରମୁଖ ରୁଷୀୟ ତୈଳ କ୍ରେତାମାନଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର କ୍ଷମତା ପ୍ରଦାନ କରିବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି। ଅଗଷ୍ଟ ୭ ତାରିଖରେ ଆମେରିକା ସିନେଟ୍ ଦ୍ୱାରା ଗୃହୀତ ଏହି ବିଲ୍‌ରେ ରୁଷର ବାଣିଜ୍ୟିକ ଅଂଶୀଦାରଙ୍କ ନାମ ନାହିଁ। ତେବେ ଏଥିରେ ପରିମାଣ ଅନୁସାରେ ବିଶ୍ୱର ପାଞ୍ଚଟି ସର୍ବବୃହତ ତୈଳ ଏବଂ ଗ୍ୟାସ୍ କ୍ରେତାଙ୍କ ନାମ ଉଲ୍ଲେଖ ଅଛି। ଏହାକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟକୁ ପଠାଇବା ପୂର୍ବରୁ ଆମେରିକାର ପ୍ରତିନିଧି ସଭା ଦ୍ୱାରା ମଧ୍ୟ ଗୃହୀତ କରିବାକୁ ପଡ଼ିବ। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ନଭେମ୍ବର ୩ ତାରିଖରେ ହେବାକୁ ଯାଉଛି। ଏହା ପୂର୍ବରୁ ପ୍ରତିନିଧି ସଭାର ସାଧାରଣ କାର୍ଯ୍ୟ କେବଳ ଚାରି ଦିନ ବାକି ଅଛି। ଏବେ ଡେମୋକ୍ରାଟିକ୍ କଂଗ୍ରେସମ୍ୟାନ୍ ଷ୍ଟେନି ହୋଇୟର ବିଲ୍‌ରେ ଏକ ସଂଶୋଧନ ଆଗତ କରିଛନ୍ତି, ଯେଉଁଥିରେ ସ୍ପଷ୍ଟ ଭାବରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିବା ଦେଶଗୁଡ଼ିକର ନାମ ଉଲ୍ଲେଖ କରିବାକୁ ଦାବି ହୋଇଛି। ଭାରତ ସମେତ ୧୦ଟି ଦେଶର ନାମ ଯୋଡିବାକୁ ଦାବି କରାଯାଇଛି। ସେସବୁ ଦେଶଗୁଡ଼ିକ ମଧ୍ୟରେ ଚୀନ୍, ଭାରତ, ତୁର୍କୀ, ଆଜରବାଇଜାନ, ହଙ୍ଗେରୀ, ସ୍ଲୋଭାକିଆ ଗଣରାଜ୍ୟ, ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ), ସିଙ୍ଗାପୁର, କାଜାଖସ୍ତାନ ଏବଂ କିର୍ଗିଜସ୍ତାନ ଅଛନ୍ତି। ଭାରତ ରୁଷର ଅଶୋଧିତ ତୈଳର ଏକ ପ୍ରମୁଖ କ୍ରେତା। ତେଣୁ ଭାରତ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି, କିଛି ଡେମୋକ୍ରାଟିକ୍ ସାଂସଦ ମଧ୍ୟ ରୁଷର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ଅଧିକ ଶୁଳ୍କ ଲାଗୁ କରିବାର ଅଧିକାର ଟ୍ରମ୍ପଙ୍କୁ ଦେବାକୁ ବିରୋଧ କରୁଛନ୍ତି। ଡେମୋକ୍ରାଟିକ୍ କଂଗ୍ରେସମ୍ୟାନ୍ ଗ୍ରେଗୋରୀ ମିକ୍ସ ଏକ ପୃଥକ ସଂଶୋଧନ ଆଗତ କରିଛନ୍ତି ଯାହା ବିଲ୍‌ରୁ 'ନିୟମ ୧୧୩'କୁ ସମ୍ପୂର୍ଣ୍ଣ ଭାବରେ ହଟାଇବା ପାଇଁ ଆହ୍ୱାନ କରୁଛି। ଏହି ନିୟମ ରାଷ୍ଟ୍ରପତିଙ୍କୁ ରୁଷର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ବ୍ୟାପକ ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ ଅଧିକାର ଦେଉଛି।

## ୫୫ ନଂ ଜାତୀୟ ରାଜପଥରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ଖଜୁରିଆକଟା, ୧୫/୯ (ନୀଳକଣ୍ଠ ଦାସ) ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ୫୫ ନଂ ଜାତୀୟ ରାଜପଥ ଗୁଣଦେଇ ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ ଦେହ ଜାତୀୟ ରାଜପଥରେ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ହିନ୍ଦୋଳ ରୋଡ ଫାଣ୍ଡି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ସେହି ଯୁବକ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ପଞ୍ଚୁପଟି ଗ୍ରାମର ସତ୍ୟଘନ ଦେହୁରୀଙ୍କ ପୁତ୍ର ଆନନ୍ଦ ଦେହୁରୀ ୩୧ ବର୍ଷ ଓରଫ୍ ନାଣ୍ଟୁ ବୋଲି ଜଣାପଡିଛି। ଉଦ୍ଧାର କରାଯାଇଥିବା ମୃତ ଦେହ ଏଠାକୁ କିପରି ଆସିଲା ଏହା ଦୃଘଟଣା ନା ଅନ୍ୟ କଣ ତଦନ୍ତ ପରେ ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

## ମୃତ ଡ୍ରାଇଭରଙ୍କ ପରିବାରକୁ ବେଲଗୁଣ୍ଠା ଡ୍ରାଇଭର ମହାସଂଘର ସହାୟତା

ବେଲଗୁଣ୍ଠା, ୧୫/୯ (ଅକ୍ଷର ଓଡ଼ିଶା): ବେଲଗୁଣ୍ଠା ବ୍ଲକ୍ ସୁତୁମୁସର ଗ୍ରାମର ମୃତ ଡ୍ରାଇଭର ଶେଖର ସାଇଁ (୩୬)ଙ୍କ ପରିବାର ପ୍ରତି ସହଯୋଗର ହାତ ବଢ଼ାଇଛି ବେଲଗୁଣ୍ଠା ଡ୍ରାଇଭର ମହାସଂଘ। ଅଚାନକ ସ୍ୱାସ୍ଥ୍ୟ ଖରାପ ହେବାରୁ କିଛି ଦିନ ତଳେ ଶେଖରଙ୍କ ଅକାଳ ମୃତ୍ୟୁ ଘଟିଥିଲା। ତାଙ୍କ ଅକାଳ ବିୟୋଗରେ ପରିବାର ଏକମାତ୍ର ରୋଜଗାରିଆଙ୍କୁ ହରାଇ ଦୁର୍ଦ୍ଦିନ ମଧ୍ୟରେ ପଡ଼ିଥିବାବେଳେ ମହାସଂଘର ଏହି ସହାୟତା ପରିବାର ପାଇଁ ଆଶ୍ୱସ୍ତି ଆଣିଛି। ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଶେଖରଙ୍କ ସୁତୁମୁସରସ୍ଥିତ ବାସଭବନରେ ପହଞ୍ଚି ପରିବାରକୁ ସମବେଦନା ଜଣାଇଥିଲେ। ଏହି ଅବସରରେ ମୃତ ଶେଖରଙ୍କ ପତ୍ନୀ ଅନିତା ସାଇଁଙ୍କୁ ନଗଦ ୧୦,୦୦୧ ଟଙ୍କା, ୨୫ କିଲୋଗ୍ରାମ ଚାଉଳ ଓ ଲୁଗା ପ୍ରଦାନ କରାଯାଇଥିଲା। ଏଥିସହ ତାଙ୍କ ୩ ବର୍ଷର ପୁଅ ଅଭ୍ୟାସ ସାଇଁଙ୍କ ପାଇଁ ଡ୍ରେସ ମଧ୍ୟ ପ୍ରଦାନ କରାଯାଇଥିଲା। କେବଳ ତତ୍କାଳୀନ ସହାୟତା ନୁହେଁ, ଶେଖରଙ୍କ ପୁଅର ଭବିଷ୍ୟତ ଶିକ୍ଷାକୁ ନେଇ ମଧ୍ୟ ମହାସଂଘ ଦାୟିତ୍ୱବୋଧ ପ୍ରକାଶ କରିଛି। ଅଭ୍ୟାସଙ୍କ ପାଠପଢ଼ାରେ ଭବିଷ୍ୟତରେ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ତାଙ୍କ ନାମରେ ୧୫,୦୦୦ ଟଙ୍କା ବ୍ୟାଙ୍କ ଖାତାରେ ଜମା କରାଯିବ ବୋଲି ମହାସଂଘ



ପକ୍ଷରୁ ପ୍ରକାଶ କରାଯାଇଛି। ସହାୟତା ପ୍ରଦାନ ସମୟରେ ମହାସଂଘ ସଭାପତି ମଧୁସୂଦନ ଜେନା, ଉପସଭାପତି ସନ୍ତୋଷ କୁମାର ଡାକୁଆ, କୋଷାଧ୍ୟକ୍ଷ ବୁଲୁ ବିଷୋୟୀ, ସମ୍ପାଦକ ଚିନ୍ତାମଣି ପ୍ରଧାନ, ସହସମ୍ପାଦକ ଭିକାରୀ ନାୟକ, ଉପଦେଷ୍ଟା ମଣ୍ଟୁ ସାଇଁ, ପିତାମ୍ବର ବିଷୋୟୀ, ଆଡମିନ୍ ପ୍ରସନ୍ନ ଚନ୍ଦ୍ର ବିଷୋୟୀ,ସହଯୋଗୀ ନିଲୁ ପରିଡ଼ା, ସୂର୍ଯ୍ୟ ମହାନ୍ତିଙ୍କ ସମେତ ୭୦ ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ସଙ୍କଟ ସମୟରେ ମୃତ ସହଯୋଗୀଙ୍କ ପରିବାର ପାଖରେ ଠିଆ ହୋଇ ମହାସଂଘ ନିଜର ସାମାଜିକ ଦାୟିତ୍ୱବୋଧର ପରିଚୟ ଦେଇଛି। ଏଭଳି ମାନବିକ ପଦକ୍ଷେପକୁ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଇଛି।

## ଜୁଆ ଆଡ୍ଡା ଚଢ଼ଉ, ୫ ଗିରଫ

ହିଞ୍ଜିଳିକାଟୁ :୧୫/୯(ଅବନି କାନ୍ତ ପଟ୍ଟନାୟକ) ହିଞ୍ଜିଳିକାଟୁ ଥାନା ସିକିରି ଗ୍ରାମରେ ଏକ ଜୁଆ ଆଡ୍ଡା ଚାଲିଥିବା ବେଳେ ହିଞ୍ଜିଳି ପୋଲିସ କୌଣସି ସୂତ୍ରରୁ ଖବର ପାଇ ମଙ୍ଗଳବାର ରାତିରେ ଅତର୍କିତ ଚଢ଼ଉ କରି ୫ ଜଣଙ୍କୁ କାବୁ କରିଛି । ସେମାନଙ୍କ ପାଖରୁ ୪୯ ହଜାର ୨୫୦ ଟଙ୍କା, ୨ଟି ତାସ କାର୍ଡ ଜବତ ହୋଇଥିବା ହିଞ୍ଜିଳି ଥାନାଧିକାରୀ ସୂଚନା ଦେଇଛନ୍ତି।

## ମାଟିର ମହକରେ ମହକିଲା ଗାଁ ରେଙ୍ଗାଭାଟିରେ ଜମିଲା ଗୁରଣ୍ଡୀ ପର୍ବ



ରାଇଘର, ୧୫/୦୯(ଭୁବନେଶ୍ୱର ସୁନାମୀ) ନୂଆଁଖାଇର ଖୁସି ପରେ ରାଇଘର ବ୍ଲକର କୁସୁମପୁର, ସାତପାଳି, ସୋନପୁର , ମାରଙ୍ଗପାଳି, ଜେଳଗୁଡା, ଆମ୍ବବେଡା, ଝାଙ୍କରପାରା, ମୁନିଗାଡିହୀ, ଲାଲମାଟି ଓ ଡଙ୍ଗରୀପାରା ରେଙ୍ଗାଭାଟି ,ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ଗାଁରେ ଧୁମଧାମରେ ପାଳିତ ହୋଇଛି ପାରମ୍ପରିକ ଗୁରଣ୍ଡୀ ପର୍ବ। ଏହି କୃଷିଭିତ୍ତିକ ପର୍ବ ମାଧ୍ୟମରେ ଆଜି ବି ଜୀବନ୍ତ ରହିଛି ଗାଁର ପୁରୁଣା ପରମ୍ପରା ଓ ପୂର୍ବପୁରୁଷଙ୍କ ସଂସ୍କୃତି। ପର୍ବ ଅବସରରେ ଯୁବକ ଓ କିଶୋରମାନେ ଦଳବଦ୍ଧ ଭାବେ ଗାଁ ବୁଲି ପାରମ୍ପରିକ ଗୀତ ଗାଇ ଘର ଘରୁ ଧାନ, ଚାଉଳ, ପନିପରିବା ଓ ଟଙ୍କା ସଂଗ୍ରହ କରିଥିଲେ। ଗୁରଣ୍ଡୀ କାଠରେ ଚଢ଼ି ଯୁବକମାନେ ଦେଖାଇଥିଲେ ବିଭିନ୍ନ କୌଶଳ, ଯାହା ଦେଖିବାକୁ ଆଖପାଖ ଗାଁରୁ ମଧ୍ୟ ଲୋକଙ୍କ ଭିଡ଼ ଜମିଥିଲା। ସଂଗୃହୀତ ଧାନ ଓ ଚାଉଳକୁ ନେଇ ଗାଁ ମୁଣ୍ଡରେ ହୋଇଥିଲା ସାମୂହିକ ଭୋଜି। ଭୋଜି ପରେ ଗୁରଣ୍ଡୀକୁ ଭାଙ୍ଗିଦେଇ ପର୍ବର ସମାପନ କରାଯାଇଥିଲା। ଏହି ପର୍ବ ଭଲ ଫସଲ, ଗାଁର ସୁଖଶାନ୍ତି ଓ ରୋଗବ୍ୟାଧିରୁ ମୁକ୍ତିର ବିଶ୍ୱାସ ସହ ଜଡ଼ିତ। ଶେଷରେ ଯୁବକ ଓ କିଶୋରମାନେ ଗୁରୁଜନଙ୍କୁ ଜୁହାର ଭେଟି ଆଶୀର୍ବାଦ ନେଇଥିଲେ। ଏମିତି ପର୍ବ କେବଳ ଉତ୍ସବ ନୁହେଁ ଏହା ମାଟି, ଚାଷ, ପରମ୍ପରା ଓ ମଣିଷ ମଧ୍ୟରେ ଥିବା ଗଭୀର ସମ୍ପର୍କର ପ୍ରତୀକ। ଆଧୁନିକତାର ଚାପ ଭିତରେ ମଧ୍ୟ ରାଇଘରର ମାଟିରେ ଏହି ପରମ୍ପରା ଆଜି ବି ପିଢ଼ିରୁ ପିଢ଼ିକୁ ବଞ୍ଚି ରହିଛି।

## କେରଳମ, ରାଜସ୍ଥାନ ଏବଂ ପଞ୍ଜାବର ପ୍ରେସ୍ ଟିମ୍ ପିଆଇବି ଭୁବନେଶ୍ୱର ପରିଦର୍ଶନ

ଭୁବନେଶ୍ୱର, ୧୫/୦୯ : ଡିଜିଟାଲ୍ ପରିବର୍ତ୍ତନ ସାମ୍ବାଦିକତାକୁ ପୁନଃ ପରିଭାଷିତ କରୁଛି। ବିଶ୍ୱସନୀୟତା ଏବଂ ନୀତିଶାସ୍ତ୍ର ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ: ADG ଅଖିଳ ମିଶ୍ର PIB ଭୁବନେଶ୍ୱରରେ କେରଳମ, ରାଜସ୍ଥାନ ଏବଂ ପଞ୍ଜାବର ପ୍ରେସ୍ ଟିମ୍ ସହିତ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ପରିଦର୍ଶକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରେସ୍ ସୂଚନା ବ୍ୟୁରୋ ଏବଂ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋର ଅଧିକାରୀମାନଙ୍କ ସହିତ ବିକଶିତ ଗଣମାଧ୍ୟମ ପରିଦୃଶ୍ୟ ଏବଂ ସାମ୍ବାଦିକତାର ପରିବର୍ତ୍ତନଶୀଳ ଦିଗ ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥିଲା। ସମାବେଶକୁ ସମ୍ବୋଧିତ କରି, PIB ଏବଂ CBC, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଡିଜିଟାଲ୍ ଯୁଗରେ ସାମ୍ବାଦିକତାର ଦ୍ରୁତ ପରିବର୍ତ୍ତନ ଏବଂ ବୃତ୍ତି ସମ୍ମୁଖରେ ଉଦୀୟମାନ ଚ୍ୟାଲେଞ୍ଜ ଉପରେ ଆଲୋକପାତ କରିଥିଲେ। ସେ ଲକ୍ଷ୍ୟ କରିଥିଲେ ଯେ ସାମ୍ବାଦିକତା ସମାଜରେ ଏହାର ପରିଚୟ ଏବଂ ଭୂମିକା ସମ୍ପର୍କରେ ଏକ ଅସ୍ତିତ୍ୱଗତ ସଙ୍କଟର ସମ୍ମୁଖୀନ ହେଉଛି। ପ୍ରାୟ ଦୁଇ-ତୃତୀୟାଂଶ ସମ୍ବାଦ ଉପଭୋକ୍ତା ବର୍ତ୍ତମାନ ସୋସିଆଲ ମିଡିଆ ଫିଡ୍ ମାଧ୍ୟମରେ ଖବର ପାଇବା କଥା ଉଲ୍ଲେଖ କରି, ସେ କହିଛନ୍ତି ଯେ ଗଣ



ଗଣମାଧ୍ୟମ ଏବଂ ସୋସିଆଲ ମିଡିଆର ବର୍ଦ୍ଧିତ ସମନ୍ୱୟ ପାରମ୍ପରିକ ସାମ୍ବାଦିକତା ମୂଲ୍ୟବୋଧ ଏବଂ ଅଭ୍ୟାସକୁ ପୁନଃ ଆକାର ଦେଉଛି। ପରିବର୍ତ୍ତିତ ଗଣମାଧ୍ୟମ ପରିବେଶ ସହିତ ଖାପ ଖୁଆଇ ସାମ୍ବାଦିକତାର ମୂଳ ନୀତିଗୁଡ଼ିକୁ ସଂରକ୍ଷଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି, ଶ୍ରୀ ମିଶ୍ର ବିକଶିତ ଗଣମାଧ୍ୟମ ଇକୋସିଷ୍ଟମର ଚାହିଦା ସହିତ ପାରମ୍ପରିକ ମୂଲ୍ୟବୋଧକୁ ସନ୍ତୁଳିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ଖବର ନିର୍ମାତା, ରିପୋର୍ଟର, ସମ୍ପାଦକ, ଗ୍ରାହକ ଏବଂ ବିତରକଙ୍କ ମଧ୍ୟରେ ସୀମା କ୍ରମଶଃ ଅସ୍ପଷ୍ଟ ହେବାରେ ଲାଗିଛି, ଯାହା ବୃତ୍ତିଗତ ନୀତି, ବିଶ୍ୱସନୀୟତା ଏବଂ ସାମ୍ବାଦିକତା ଦାୟିତ୍ୱକୁ ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ କରିଦେଉଛି।

ଡକ୍ଟର ଆଥିରା ଥାମ୍ପି, ଡେପୁଟି ଡାଇରେକ୍ଟର, ପିଆଇବି କେରଳମ, ଧର୍ମେଶ ଭାରତୀ, ଡେପୁଟି ଡାଇରେକ୍ଟର, ପିଆଇବି ଜୟପୁର ଏବଂ ପ୍ରୀତମ ସିଂହ, ନିର୍ଦ୍ଦେଶକ, ପିଆଇବି ଚଣ୍ଡିଗଡ଼ ଏହି ଅବସରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଦର୍ଶନକାରୀ ପ୍ରେସ୍ ଦଳଗୁଡ଼ିକୁ ସ୍ୱାଗତ ଜଣାଇବା ସହିତ ଆରମ୍ଭ ହୋଇଥିଲା, ତା'ପରେ ତିନୋଟି ରାଜ୍ୟର ଅଂଶଗ୍ରହଣକାରୀ ସାମ୍ବାଦିକଙ୍କ ଦ୍ୱାରା ପରିଚୟ ପ୍ରଦାନ କରାଯାଇଥିଲା। 'ଏକ ଭାରତ ଶ୍ରେଷ୍ଠ ଭାରତ' ପ୍ରୟାସର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା, ଯେଉଁଥିରେ ଦେଶର ବିଭିନ୍ନ ଅଞ୍ଚଳ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ, ପାରସ୍ପରିକ ବୁଝାମଣା ଏବଂ ଜାତୀୟ ଏକତାର ବନ୍ଧନକୁ ସୁଦୃଢ଼ କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମଟି ପରିଦର୍ଶକ ପ୍ରେସ୍ ଦଳ ଏବଂ PIB ଏବଂ CBCର ଅଧିକାରୀଙ୍କ ମଧ୍ୟରେ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ସହିତ ଶେଷ ହୋଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ସମସାମୟିକ ପ୍ରସଙ୍ଗ, ଉଦୀୟମାନ ଧାରା ଏବଂ ଡିଜିଟାଲ୍ ଯୁଗରେ ସାମ୍ବାଦିକତାର ବିକଶିତ ଦାୟିତ୍ୱ ଉପରେ ମତ ବିନିମୟ କରିଥିଲେ।

## ଷଡ଼ଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟ ମହାସମାରୋହରେ ପାଳିତ ହେଲା ଶ୍ରୀଗଣେଶ ପୂଜା



ଗଁଦିଆ, ୧୫/୯ (ବେତୁଜୀ ପ୍ରସାଦ):ଗଁଦିଆ ବ୍ଲକର ଅନ୍ୟତମ ପ୍ରାଚୀନ ତଥା ଗୌରବମୟ ଶିକ୍ଷାନୁଷ୍ଠାନ ଷଡ଼ଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଅତ୍ୟନ୍ତ ଭକ୍ତିଭାବ ଓ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ପରିଚାଳନା ପରିଷଦର କର୍ମକର୍ତ୍ତାମାନେ ଏହି ପବିତ୍ର ଉତ୍ସବରେ ଯୋଗଦାନ କରି ଗଜାନନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଆଜିର ଏହି ପୂଜାକାର୍ଯ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସନ୍ତୋଷ କୁମାର ଆଚାର୍ଯ୍ୟ କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରିଥିବାବେଳେ, ପଣ୍ଡିତ ଅମର ମିଶ୍ର ପୁରୋହିତ ଭାବେ ଯୋଗଦେଇ ନିଷ୍ଠାର ସହ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସମ୍ପନ୍ନ କରାଇଥିଲେ। ପ୍ରଭୁଙ୍କ ଆବାହନରେ ସମଗ୍ର ବିଦ୍ୟାଳୟ ପରିସର ଏକ ଆଧ୍ୟାତ୍ମିକ ଓ ପ୍ରାଣାନ୍ତକ ପରିବେଶରେ ପରିଣତ ହୋଇଥିଲା। ଏହି ମହୋତ୍ସବରେ ସମସ୍ତଙ୍କ ସହଯୋଗ ଯୋଗୁଁ କାର୍ଯ୍ୟକ୍ରମଟି ଅତ୍ୟନ୍ତ ସୁଚାରୁରୂପେ ସମ୍ପନ୍ନ ହୋଇଥିବା ଦେଖିବାକୁ ମିଳିଛି।

# ବଦଳିବ ଭୁବନର ରୂପରେଖା, ବିକାଶ ପାଇଁ ୩୧ କୋଟି



ଭୁବନ ୧୫/୦୯ (ନନ୍ଦ କିଶୋର ନାଏକ) : ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସିର ସାମଗ୍ରିକ ବିକାଶ ପାଇଁ ପ୍ରାୟ ୩୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ମଞ୍ଜୁର ହୋଇଥିବା କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ସୂଚନା ଦେଇଛନ୍ତି । ଭୁବନର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ଭୁବନ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବିଜେପି ନଗରମଣ୍ଡଳ ସଭାପତି ଅଜିତ କୁମାର ବିହାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ଜେନା ଭୁବନ ଏନ୍‌ଏସି ପାଇଁ ମଞ୍ଜୁର ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଭୁବନ ଏନ୍‌ଏସିର ବିଭିନ୍ନ ପ୍ରକଳ୍ପ ପାଇଁ ବିଧାୟକ ହାତପାଣ୍ଠିରୁ ୧ କୋଟି ୨୫ ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନରୁ ୬୧ ଲକ୍ଷ ଟଙ୍କା ମିଳିଛି । ସୂଚନାନୁସାରେ, ଭୁବନର ବୁଦ୍ଧେଶ୍ୱର ମନ୍ଦିରର ବିକାଶ ପାଇଁ ୧ କୋଟି ୬୨ ଲକ୍ଷ ୧୧ ହଜାର ଟଙ୍କା, ନୂତନ ଡାକ୍ତରଖାନା ନିର୍ମାଣ ପାଇଁ ୧୮ କୋଟି ୫୦ ଲକ୍ଷ ଟଙ୍କା ଏବଂ ମରାମତି କାର୍ଯ୍ୟ ପାଇଁ ୩ କୋଟି ୮୭ ଲକ୍ଷ ଟଙ୍କା ବ୍ୟୟ ହେବ । ଏଥିସହ ନୂଆ ବଜାର ବସ୍‌ଷ୍ଟାଣ୍ଡରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୨ କୋଟି, ଡିଜିଟାଲ ଲାଇବ୍ରେରୀ ପାଇଁ ୪୦ ଲକ୍ଷ, ଶ୍ମଶାନର ଉନ୍ନତୀକରଣ ଓ ବିଦ୍ୟୁତ୍ ଚୁଲା ପାଇଁ ୫୦ ଲକ୍ଷ ଏବଂ ୧୦ଟି ହାଇମାଷ୍ଟ ଓ ଷ୍ଟ୍ରିଟ୍ ଲାଇଟ୍ ପାଇଁ ୩ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା । ଅନ୍ୟପକ୍ଷରେ, ଭୁବନ ଏନ୍‌ଏସିରେ ୫୨୮୬ ଜଣ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଥିବାବେଳେ ୨୪୪୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଏବଂ ୧୦୪୫ ଜଣ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ମାସିକ ଭତ୍ତା ପ୍ରଦାନ କରାଯାଉଥିବା ନଗରମଣ୍ଡଳ ସଭାପତି ଅଜିତ ବିହାରୀ ସୂଚନା ଦେଇଥିଲେ । ସେହିପରି ୫୭୯୮ ଜଣଙ୍କୁ ରାସନ କାର୍ଡ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ୯୯୨ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-୨.୦ (ସହରାଞ୍ଚଳ)ରେ ପକ୍କାଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ସେ କହିଥିଲେ ।

- ନୂଆ ଡାକ୍ତରଖାନା ପାଇଁ ୧୮.୫୦ କୋଟି, ଆଲୋକୀକରଣକୁ ୩ କୋଟି
- ବୁଦ୍ଧେଶ୍ୱର ମନ୍ଦିର, ମାର୍କେଟ୍ କମ୍ପ୍ଲେକ୍ସ ଓ ଡିଜିଟାଲ ଲାଇବ୍ରେରୀକୁ ଗୁରୁତ୍ୱ
- ଭୁବନର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ: ବିଧାୟକ ଶତ୍ରୁଘ୍ନ ଜେନା
- ୯୯୨ ହିତାଧିକାରୀଙ୍କୁ ପକ୍କାଘର ପାଇଁ ମିଳିଛି କାର୍ଯ୍ୟାଦେଶ

ସାମ୍ବାଦିକ ସମ୍ମିଳନୀରେ ନଗରମଣ୍ଡଳ ସାଧାରଣ ସମ୍ପାଦକ ସନ୍ତୋଷ ରାଉଳ, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ୟୋତିର୍ଧର ପାତ୍ର, ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ନିର୍ମଳ ଚନ୍ଦ୍ର ପୋଥାଳ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଗତି କଅଁର, ପୂର୍ବତନ ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା, ଜିଲ୍ଲା କାର୍ଯ୍ୟକର୍ତ୍ତା ସମୀର କୁମାର ସାହୁଙ୍କ ସମେତ ଗୁଲସନ ରାଉତ, ଜଗନ ବେଜ ଓ ଚିନ୍ମୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଭୁବନ ଏନ୍‌ଏସି ପାଇଁ ୩୧ କୋଟି ଟଙ୍କାର ବିକାଶ ପ୍ରକଳ୍ପ ମଞ୍ଜୁର ହୋଇଥିବାରୁ ନଗରମଣ୍ଡଳ ପକ୍ଷରୁ ବିଧାୟକ ଶ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

## ୨ ଦନ୍ତା ହାତୀ ଦେଖି ଭୟଭୀତ, ଗୋଡ଼ ଭାଙ୍ଗି ଗୁରୁତର ଚାଷୀ

ଗଁଦିଆ, ୧୫/୦୯(ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଷଡ଼ଙ୍ଗୀ ରେଞ୍ଜ ଅନ୍ତର୍ଗତ ସିଙ୍ଗା ଗ୍ରାମରେ ହାତୀ ଆକ୍ରମଣ ଭୟରେ ଦୌଡ଼ିବା ବେଳେ ଜଣେ ଚାଷୀ ଆହତ ହୋଇଛନ୍ତି। ଆହତ ଚାଷୀ ଜଣକ ହେଲେ ଶଙ୍କର୍ଷଣ ବେହେରା।ସୂଚନା ଅନୁଯାୟୀ, ଶଙ୍କର୍ଷଣ ରବିବାର ରାତିରେ ନିଜ ବିଲ ଜଗି ରହିଥିଲେ। ରାତି ପ୍ରାୟ ୯ଟା ସମୟରେ ସେ ୨ଟି ଦନ୍ତା ହାତୀକୁ ଦେଖିବାକୁ ପାଇଥିଲେ। ହାତୀ ତାଙ୍କୁ ଗୋଡ଼ାଇବାରୁ ଭୟରେ ଦୌଡ଼ିବା ବେଳେ ତାଙ୍କ ଗୋଡ଼ ମୋଡ଼ି ହୋଇ ଭାଙ୍ଗି ଯାଇଥିଲା।ଘଟଣାସ୍ଥଳରେ ଷଡ଼ଙ୍ଗୀ ରେଞ୍ଜର ଫରେଷ୍ଟ ଗାର୍ଡ ଜୟନ୍ତୀ ମୁର୍ମୁ ଓ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ପହଞ୍ଚି ଆହତ ଶଙ୍କର୍ଷଣଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ପ୍ରଥମେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



## ଛାଟିଆ INOX ପ୍ଲାଣ୍ଟ ନିକଟରୁ ଅଜଣା ଶ୍ରମିକଙ୍କ ମୃତଦେହ ଉଦ୍ଧାର



ଗଁଦିଆ, ୧୫/୦୯ (ବେତୁଜୀ ପ୍ରସାଦ):ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ଅନ୍ତର୍ଗତ ନେଉଳପୋଇ ପଞ୍ଚାୟତ ଛାଟିଆ ଠାରେ ଥିବା ନିର୍ମାଣାଧୀନ ଓଘଡ଼ଢ ପ୍ଲାଣ୍ଟ ନିକଟସ୍ଥ ଏକ ପଡ଼ିଆରୁ ସୋମବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକେ ମୃତଦେହଟିକୁ ଦେଖି ଗଁଦିଆ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରାଥମିକ ଭାବେ ମୃତକ ଜଣକ ଝାଡ଼ଖଣ୍ଡର ବାସିନ୍ଦା ଏବଂ ସେ ସ୍ଥାନୀୟ ପ୍ଲାଣ୍ଟରେ ଠିକା ଶ୍ରମିକ ଭାବେ କାମ କରୁଥିଲେ ବୋଲି ଅନ୍ୟ ଶ୍ରମିକମାନେ କହିଛନ୍ତି। ତେବେ ମୃତକଙ୍କ ପ୍ରକୃତ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ମୃତଦେହର ପରିଚୟ ଓ ମୃତ୍ୟୁର କାରଣ ଜାଣିବା ପାଇଁ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ବୋଲି ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ସୂଚନା ଦେଇଛନ୍ତି।

## ବେଗା ପଞ୍ଚାୟତରେ ସ୍ଥାୟୀ ଡାକ ସେବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସାଂସଦଙ୍କ ନିର୍ଦ୍ଦେଶ

ଢେଙ୍କାନାଳ,୧୫/୦୯(ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ୍ ଅନ୍ତର୍ଗତ ବେଗା ଗ୍ରାମ ପଞ୍ଚାୟତରେ ସ୍ଥାୟୀ ଡାକ ସେବା ଯୋଗାଇ ଦେବା ନେଇ ଦାବି ଜୋର ଧରିଛି। ଏହି ଦାବିକୁ ଗୁରୁତ୍ୱ ଦେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଡାକ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ସୂଚନା ଅନୁଯାୟୀ, ଦକ୍ଷିଣକାଳୀସ୍ଥିତ ମାନ୍ୟବର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ କାର୍ଯ୍ୟାଳୟରେ ବେଗା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସ ସାଂସଦ ଶ୍ରୀ ପାଣିଙ୍କୁ ଭେଟି ପଞ୍ଚାୟତବାସୀଙ୍କ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।ବେଗା ପଞ୍ଚାୟତ ୫ଟି ରାଜସ୍ୱ ଗ୍ରାମ ଓ ୮ଟି ପଡ଼ା ଗ୍ରାମକୁ ନେଇ ଗଠିତ। ବର୍ତ୍ତମାନ ଏହି ପଞ୍ଚାୟତର ଡାକ ସେବା ନିହଲପ୍ରସାଦ, ଲେଥକା ଏବଂ ଲାଉଲଇ ଡାକ କେନ୍ଦ୍ର ଉପରେ ନିର୍ଭରଶୀଳ। ଫଳରେ ଡାକ ସେବା ପାଇବାରେ ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଯଦି ବେଗାରେ ଏକ ସ୍ଥାୟୀ ଡାକ ସେବା କେନ୍ଦ୍ର ସ୍ଥାପନ ହୁଏ, ତେବେ ଅଞ୍ଚଳବାସୀ ଡାକ ବିଭାଗର ସମସ୍ତ ସେବା ସହଜରେ ପାଇପାରିବେ। ଏହାକୁ ନେଇ ସାଂସଦଙ୍କ ନିର୍ଦ୍ଦେଶ ପରେ ପରବର୍ତ୍ତୀ ପ୍ରଶାସନିକ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।



### ମହାବିରୋଡ଼ ମଣ୍ଡଳ ବିଜେପି ଯୁବମୋର୍ଚ୍ଚା ବୈଠକ

## ଜିଲ୍ଲା ଯୁବ ସଭାପତିଙ୍କୁ ସମ୍ବର୍ଦ୍ଧନା

କାମାକ୍ଷାନଗର,୧୫/୯(ସୁମନ୍ତ ଜେନା) କଙ୍କଡାହାଡ଼ ବ୍ଲକ ମହାବିରୋଡ଼ ମଣ୍ଡଳ ବିଜେପି ଯୁବ ମୋର୍ଚ୍ଚା ବୈଠକ କୁଟୁରିଆ ଗ୍ରାମ ସ୍ଥିତ ମା' ବିଲେଇଶୁଣି ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଥିଲା ।ମଣ୍ଡଳ ଯୁବ ସଭାପତି ଅବିନାଶ ସାହୁଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ଯୁବ ସଭାପତି ସଞ୍ଜୀବ ପଣ୍ଡା ଯୋଗ ଦେଇଥିଲେ ।ଶ୍ରୀ ପଣ୍ଡା ଯୋଗ ଦେଇ ଦଳୀୟ କର୍ମକର୍ତ୍ତାଙ୍କ ସହ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ ।ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ତୃଣମୂଳ ସ୍ତରରେ ଅଧିକ ସୁଦୃଢ ହୋଇ ପାରିବ ସେ ନେଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଚଳିତ ମାସ ୧୭ ରୁ ୧ ମାସ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଠାରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଉପରେ ଶ୍ରୀ ପଣ୍ଡା ଆଲୋଚନା କରିଥିଲେ ।ଜିଲ୍ଲା ଯୁବ ସଭାପତି ଭାବେ ମନୋନୀତ ହେବାପରେ ଶ୍ରୀ ପଣ୍ଡା ପ୍ରଥମ ଥର ମହାବିରୋଡ଼ ମଣ୍ଡଳକୁ ଗ୍ରସ୍ତ କରିଥିବାରୁ ଦଳୀୟ କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।ସମ୍ମାନୀତ ଅତିଥି ଭାବେ ମହାବିରୋଡ଼ ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର କର,ଦଶୀପୁର ସରପଞ୍ଚ ସୁଧୀର ପାଳ,କୁଟୁରିଆ ସରପଞ୍ଚ ରଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।ଯୁବ ନେତା ରାଜେଶ କୁମାର ଦେହୁରୀ ମଞ୍ଚ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ମଣ୍ଡଳୀର ୮ ଟି ପଞ୍ଚାୟତର ଯୁବ କର୍ମକର୍ତ୍ତା ସାମିଲ ହୋଇଥିଲେ ।



## ବଜାରରେ ବିଷାକ୍ତ କଦଳୀ, ଘଣ୍ଟାକରେ କଞ୍ଚାରୁ ପାଚିଲା



ଢେଙ୍କାନାଳ, ୧୫/୦୯ (ବିଜ୍ଞାନ ମହାନ୍ତି )ଆପଣ ବଜାରରୁ କଦଳୀ ଖାଉଛନ୍ତି କି ହୋଇ ଯାଆନ୍ତୁ ସାବଧାନ ! କାରଣ ଆପଣ ପୁଷ୍ଟିକର ଫଳ ଭାବି ଯାହା ଖାଉଛନ୍ତି, ତାହା ପୁଷ୍ଟି ନୁହେଁ ବରଂ ମାରାତ୍ମକ ବିଷ। ଜିଲ୍ଲାର ବିଭିନ୍ନ ବଜାରରେ ଏବେ ଏଭଳି ବିଷାକ୍ତ କଦଳୀ ବିକ୍ରି ହେଉଛି ।ସାଧାରଣତଃ କଦଳୀ ପାଚିବାକୁ ୩ରୁ ୪ ଦିନ ଲାଗିଥାଏ। ହେଲେ ଢେଙ୍କାନାଳ ବଜାରରେ ମିଳୁଥିବା କଦଳୀ ମାତ୍ର ୨ ଘଣ୍ଟାରେ ରଙ୍ଗ ବଦଳାଇ ଦେଉଛି। ସକାଳେ ଥିବା ସବୁଜ କଞ୍ଚା କଦଳୀ ସନ୍ଧ୍ୟା ବେଳକୁ ହଳଦିଆ ହୋଇ କଳା ପଡିଯାଉଛି। ଏହା ପଛରେ ଅଛି କେମିକାଲର କମାଲ। ଅଧିକ ଲାଭ ପାଇବା ପାଇଁ କିଛି ଅସାଧୁ

- ❖ କାର୍ବାଇଡ୍ ଓ କେମିକାଲ ମିଶାଇ ପଚାଉଛନ୍ତି ଅସାଧୁ ବ୍ୟବସାୟୀ
- ❖ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ ପାଇଁ ଦାବୀ

ବ୍ୟବସାୟୀ କାର୍ବାଇଡ୍ ଓ ଇଥିଫେନ୍ ଭଳି କେମିକାଲ ବ୍ୟବହାର କରୁଥିବା ଦେଖିବାକୁ ହୋଇଛି। ଡାକ୍ତରୀ ବିଶେଷଜ୍ଞଙ୍କ ମତରେ, କାର୍ବାଇଡରେ ପାଚିଥିବା କଦଳୀ ଖାଇବା ଦ୍ୱାରା ଧୀରେ ଧୀରେ ଲିଭର, କିଡନୀ ଖରାପ ହୋଇଥାଏ। ଏହା କ୍ୟାନସର ଭଳି ମାରାତ୍ମକ ରୋଗକୁ ମଧ୍ୟ ନିମନ୍ତ୍ରଣ କରେ। ବିଶେଷ କରି ଛୋଟ ପିଲା ଓ ଗର୍ଭବତୀ ମହିଳାଙ୍କ ପାଇଁ ଏହା ଅତ୍ୟନ୍ତ ବିପଦଜନକ। ସେହିପରି ସେଓ ଭଳି ଫଳକୁ ମାସ ମାସ ଧରି ସତେଜ ରଖିବା ପାଇଁ ମହମ ଜାତୀୟ କେମିକାଲ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି ।ପୁଷ୍ଟିକର ଖାଦ୍ୟ ଭାବେ ଛୋଟ ପିଲାଠୁ ବୁଢା ପର୍ଯ୍ୟନ୍ତ ସମସ୍ତେ କଦଳୀ ଖାଇଥାନ୍ତି। ହେଲେ ସାମାନ୍ୟ ଟଙ୍କା ଲୋଭରେ କିଛି ବ୍ୟବସାୟୀ ଲୋକଙ୍କ ବିଶ୍ୱାସ ସହ ଖେଳୁଛନ୍ତି। ସାଧାରଣ ଲୋକେ ଚିହ୍ନି ପାରୁନାହାଁନ୍ତି ଯେ କେଉଁଟା ପ୍ରାକୃତିକ ଭାବେ ପାଚିଛି ଆଉ କେଉଁଟା କେମିକାଲ ରେ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ରେ ଚଢ଼ାଉ ଜାରି ରଖିଥିବା ବେଳେ ଏପରି କେମିକାଲ ବ୍ୟବହାର କରୁଥିବା ଫଳ ଦୋକାନରେ ଚଢ଼ାଉ କରିବାକୁ ସବୁ ମହଲରେ ଦାବୀ ଜୋର ଧରିଛି।

## ସୋଲାରକରେଣ୍ଟରେ ଆସି ମହିଳା ମୃତ

ଖଜୁରିଆକଟା ୧୫/୯(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଏକ ଅଭାବନୀୟ ଘଟଣାରେ ସୋଲାର କରେଣ୍ଟ ଜଣେ ମହିଳାଙ୍କ ଶୋଚନୀୟ ମୃତ୍ୟୁ ହୋଇଯାଇଛି। ଖବରରୁ ପ୍ରକାଶ ହିନ୍ଦୋଳ ଉପଖଣ୍ଡ ରସୋଳ ଥାନା ଅନ୍ତର୍ଗତ ବାବନ୍ଧପଂଚାୟତ ବେଡାପଡା ରଗୁଡ଼ିସାହିର ଅଭୟ ସାମଲ ନିଜ ଚାଷଜମି ତତ୍ପାର୍ଶ୍ୱରେ ଗ୍ରାମପୋଖରୀ ହୁଡ଼ାକୁ ଲାଗି ସୋଲାରକରେଣ୍ଟ ସଂଯୋଗ କରିଥିଲେ ଏବଂ ସେଥିରେ ୧୧କେଭି ବିଦ୍ୟୁତ ମଧ୍ୟ ସଂଯୋଗ କରିଦେଇଥିଲେ। ତେବେ ଆଜି ସକାଳ ୮ଘଣ୍ଟା ରେ ସେହିପରି ରଗୁଡ଼ି ସାହିର ଆକୁଳ ବେହେରା ଙ୍କ ସ୍ତ୍ରୀ ଉପମା ବେହେରା(୫୦) ଗାଧୋଇସାରି ଫେରୁଥିବା ସମୟରେ ସେହି ୧୧କେଭି ସଂଯୁକ୍ତ ସୋଲାର ବାଡ଼ କରେଣ୍ଟ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ ଫଳରେ ପରିବାର ତାଙ୍କୁ ଢେଙ୍କାନାଳ ଡାକ୍ତରଖାନା ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରସୋଳ ପୋଲିସ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।ତେବେ ସୋଲାର ଲଗାଇଥିବା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିବା ବିଶେଷ ସୂତ୍ରରୁ ପ୍ରକାଶ ଉପମା ଙ୍କ ମୃତ୍ୟୁରେ ଅଂଚଳରେ ଶୋକରଛାୟା ଖେଳିଯାଇଥିବାବେଳେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହିତ ସଠିକ ତଦନ୍ତ ଦାବିକରିଛନ୍ତି ଅଂଚଳବାସି ।



## କାମାକ୍ଷାନଗର ମହିମା ଗାଦିରେ ନୂଆଖାଇ ପର୍ବ



କାମାକ୍ଷାନଗର,୧୫/୯(ସୁମନ୍ତ ଜେନା) କାମାକ୍ଷାନଗର ସହର ଠାରେ ଥିବା ମହିମା ଗାଦିରେ ପାଳିତ ହେଲା ନୂଆଁଖାଇ ପର୍ବ । ଅଲେଖ ମହିମାଙ୍କୁ ନବାନ୍ନ ଅର୍ପଣ ପରେ ଏକାଠି ବସି ନବାନ୍ନ ଭକ୍ଷଣ କଲେ ସାଧୁ ଓ ଭକ୍ତ । ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା ବେଳେ ବ୍ରହ୍ମମୁହୂର୍ତ୍ତରୁ ମହିମା ଭକ୍ତମାନେ ଗାଦିରେ ଏକାଠି ହୋଇ ଭଜନ କୀର୍ତ୍ତନ କରିଥିଲେ । ନୂଆ ଧାନରୁ ପ୍ରସ୍ତୁତ ଚୂଡ଼ା ସହ କଦଳୀ, ନଡ଼ିଆ, ଦୁଧ, ଦହି, ଘିଅ, ମହୁ ଓ ଗୁଡ଼ରେ ପ୍ରସ୍ତୁତ ନବାନ୍ନ ଅଲେଖ ମହିମାଙ୍କୁ ଅର୍ପଣ କରାଯାଇଥିଲା । ପରେ ସାଧୁସନ୍ଥ ଓ ଭକ୍ତମାନେ ଏକାଠି ବସି ନବାନ୍ନ ଭକ୍ଷଣ କରିଥିଲେ ।ଏହି ଅବସରରେ ଅବିନାଶୀ ବାବା, ଖଗେଶ୍ୱର ବାବା, ଅପର୍ତ୍ତି ବାବାଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ । ନୂଆଁଖାଇକୁ ମହିମା ଧର୍ମାବଲମ୍ବୀମାନେ ବାର୍ଷିକ ଉତ୍ସବ ଭାବେ ପାଳନ କରୁଥିବା ବେଳେ, ନୂତନ ଶସ୍ୟ ଅର୍ପଣରେ ଭଲ ଅମଳ ଓ ଜଗତର ମଙ୍ଗଳ ହେବ ବୋଲି ରହିଛି ବିଶ୍ୱାସ ।

## ରାଇଜିଙ୍ଗ୍ ଷ୍ଟାର କ୍ଲବ୍‌ର ଗଣେଶ ପୂଜା ପାଳିତ

ଢେଙ୍କାନାଳ, ୧୫/୦୯(ଅକ୍ଷର ଓଡ଼ିଶା): ଢେଙ୍କାନାଳ ସହର କୁମ୍ଭାରସାହିସ୍ଥିତ ରାଇଜିଙ୍ଗ ଷ୍ଟାର କ୍ଲବର ଏବର୍ଷ ଶ୍ରୀ ଶ୍ରୀ ଗଣେଶଙ୍କର ପୂଜା ମହା ଆଡମ୍ବରରେ ପାଳିତ ହେଉଅଛି। ବିଘ୍ନବିନାଶକ, ଗଣ ନାୟକ, ଗଜାନନ ବୁଦ୍ଧ ରୂପରେ ଶ୍ରୀ ଶ୍ରୀ ମହେଶ୍ୱରଙ୍କୁ କୋଳରେ ଧରି ଥିବା ପ୍ରତିମାରେ କ୍ଲବ୍‌ର ସମସ୍ତ ସଦସ୍ୟ ଅତ୍ୟନ୍ତ ଆନନ୍ଦ ଉତ୍ସାହର ସହିତ ପ୍ରଭୁଙ୍କ ବିଗ୍ରହକୁ ସ୍ଥାପନ କରିଛନ୍ତି। ଏହା ଖୁବ୍ ଆକର୍ଷିତ ହୋଇଥିବାବେଳେ ଦେଖିବାକୁ ଦର୍ଶକଙ୍କ ଭିଡ ଲାଗିରହିଛି। ପ୍ରତ୍ୟେକ ଦିନ ମଙ୍ଗଳ ଆଳତି, ପୂଜା ସହିତ ସଂଧ୍ୟା ଆଳତି ଲାଗି ହେଉଅଛି । କ୍ଲବ୍‌ର ସଭାପତି ଓ ସମସ୍ତ ସଦସ୍ୟବୃନ୍ଦ ଉକ୍ତ ପୂଜାକୁ ସୂଚାରୁ ରୂପେ ସଂପାଦନା କରୁଛନ୍ତି ।



## ଆଖି ଦାନ କରି ମହାନତା ଦେଖାଇଲେ ରଞ୍ଜନ




ପରଜଙ୍ଗ,୧୫।୯(ଅକ୍ଷର ଓଡ଼ିଶା): ପରଜଙ୍ଗ ଥାନା ଆଖୁଆପାଳ ପଞ୍ଚାୟତର ଝରାପାଳ ବସ୍ତିର ଜୟଦେବ ସିଂହଙ୍କ ବଡ ପୁଅ ଆଖି ଦାନ କରି ମହାନତା ଦେଖାଇ ଅଞ୍ଚଳ ପାଇଁ ଗର୍ବିତ କରିବା ସହ ଏକ ଉଦାହରଣ ହୋଇଯାଇଛନ୍ତି। ସୂଚନା ମୁତାବକ ରବିବାର ଦଦରାଘାଟି ଫାଣ୍ଡି ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ଜଳ ପ୍ରକଳ୍ପ ନିକଟରେ ସଡ଼କ ଦୁର୍ଘଟଣାରେ ଝରାପାଳ ଭେରୁବଣିଆ ବସ୍ତିର ଜୟଦେବ ସିଂହଙ୍କ ଦୁଇ ପୁଅ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ସାନ ପୁଅ ଗଣେଶ୍ୱର ଙ୍କ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ ଘଟିଥିବା ବେଳେ କଟକ ବଡ ମେଡିକାଲରେ ବଡ ପୁଅ ରଞ୍ଜନ ସିଂହ ଙ୍କ ମୃତ ଘଟିଥିଲା। ପରିବାର ଲୋକେ ମୃତ ରଞ୍ଜନ ଙ୍କ ଆଖି ଦୁଇଟି ଦୃଷ୍ଟି ଦାନ ଭୁବନେଶ୍ୱର ସ୍ଥିତ ଏଲ ଭି ପ୍ରସାଦ ଚିକିତ୍ସାଳୟ ଆଖି ବ୍ୟାଙ୍କରେ ରାଜ୍ୟବାସୀ ଙ୍କ ଉଦ୍ଦେଶ୍ୟରେ ଦାନ କରି ମହାନତା ଦେଖାଇଛନ୍ତି। ଏହିପରି ମହାନତା କାର୍ଯ୍ୟ କରି ସମସ୍ତ ହୃଦୟରେ ସ୍ଥାନିତ ହେବ ସହ ପିତାମାତାଙ୍କ ନିଷ୍ପତ୍ତି ପାଇଁ ଅଞ୍ଚଳବାସୀ ଗର୍ବିତ କରିଛି। ଜୟଦେବ ଙ୍କ ଦୁଇ ରୋଜଗାରିଆ ପୁଅ ହରାଇ ଭାଙ୍ଗି ପଡିଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତେ ପରିବାର ଦୁଃଖରେ ଛିଡ଼ା ହୋଇ ଶୋକ ପ୍ରକାଶ କରିଛନ୍ତି।



# ନୂଆଁଖାଇ ଜୁହାର



ବୁଧବାର ୧୬|୯|୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା

## ନୂଆଖାଇ-ମାଟିର ମହକ, ଅନ୍ନର ଆନନ୍ଦ ଓ ଓଡ଼ିଆ ଅସ୍ମିତା ମହାପର୍ବ

ନୂଆଖାଇ ଓଡ଼ିଶାର ମାଟି ଓ ମଣିଷର ହୃଦୟ ସହିତ ଗଭୀର ଭାବେ ଜଡିତ ଏକ ମହାନ କୃଷିଭିତ୍ତିକ ପର୍ବ। ଏହା କେବଳ ନୂଆ ଅନ୍ନ ଖାଇବାର ଏକ ପାରମ୍ପରିକ ଦିନ ନୁହେଁ, ଏହା ହେଉଛି ଚାଷୀର ଘାମକୁ ସମ୍ମାନ, ମାଟିର ମମତାକୁ ପ୍ରଣାମ, ପ୍ରକୃତିର ଅବଦାନକୁ ସ୍ୱୀକାର ଏବଂ ପରିବାର-ସମାଜର ସମ୍ପର୍କକୁ ଆହରି ଦୃଢ କରିବାର ଏକ ପବିତ୍ର ଅବସର। ବିଶେଷତଃ ପଶ୍ଚିମ ଓଡିଶାର ଜନଜୀବନରେ ନୂଆଖାଇର ମହତ୍ୱ ଅତ୍ୟନ୍ତ ଗଭୀର ଓ ବ୍ୟାପକ। ବର୍ଷସାରା ଚାଷୀ ଯେଉ ମାଟିକୁ ନିଜ ଶ୍ରମ ଓ ଘାମରେ ସିଂଚିଥାଏ ଯେଉ ବିହନକୁ ଆଶାର ସହିତ ମାଟିରେ ପୋତିଥାଏ ଏବଂ ଯେଉ ଫସଲକୁ ବର୍ଷା, ଖରା, ରୋଗବାଲାଇ ଓ ପ୍ରାକୃତିକ ବିପର୍ଯ୍ୟାୟ ମଧ୍ୟରେ ଯତ୍ନରେ ବଢାଇଥାଏ, ନୂଆଖାଇ ସେହି ଅକ୍ଲାନ୍ତ ପରିଶ୍ରମର ଫଳକୁ ଆନନ୍ଦର ସହିତ ସ୍ୱୀକାର କରିବାର ମୁହୂର୍ତ୍ତ। 'ନୂଆ' ଅର୍ଥ ନବୀନ ଏବଂ 'ଖାଇ' ଅର୍ଥ ଭୋଜନ କରିବା, ତେଣୁ ନୂଆଖାଇର ମୂଳ ଅର୍ଥ ହେଉଛି ନୂଆ ଫସଲର ପ୍ରଥମ ଅନ୍ନକୁ ଦେବଦେବୀଙ୍କୁ ଅର୍ପଣ କରିବା ପରେ ଶ୍ରଦ୍ଧା ଓ କୃତଜ୍ଞତାର ସହିତ ଗ୍ରହଣ କରିବା। ଏହି ପରମ୍ପରା ମଧ୍ୟରେ ଆମ ପୂର୍ବଜମାନଙ୍କର ପ୍ରକୃତିପ୍ରେମ ଓ ଅନ୍ନ ପ୍ରତି ଶ୍ରଦ୍ଧାର ଏକ ମହାନ ଦର୍ଶନ ଲୁଚି ରହିଛି। ନୂଆଖାଇର ପୂର୍ବପ୍ରସ୍ତୁତି ମଧ୍ୟ ଅତ୍ୟନ୍ତ ଆନନ୍ଦମୟ। ଘରଦ୍ୱାର ସଫା କରାଯାଏ, ପରିବାରର ସଦସ୍ୟମାନେ ନିଜ ନିଜ କାମରେ ବ୍ୟସ୍ତ ହୋଇଯାଆନ୍ତି, ଘରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ହୁଏ ଏବଂ ପରିବେଶରେ ଏକ ନୂଆ ଉତ୍ସାହର ସଂଚାର ହୁଏ। ଶୁଭ ସମୟରେ ନୂଆ ଧାନରୁ ପ୍ରସ୍ତୁତ ଅନ୍ନ ଓ ଅନ୍ୟାନ୍ୟ ନୈବେଦ୍ୟ ଇଷ୍ଟଦେବତାଙ୍କୁ ସମର୍ପଣ କରାଯାଏ। ଦେବତାଙ୍କୁ ଅର୍ପଣ ପରେ ପରିବାରର ସମସ୍ତେ ନୂଆ ଅନ୍ନ ଗ୍ରହଣ କରନ୍ତି। ଏହି ମୁହୂର୍ତ୍ତରେ ଅନ୍ନର ସ୍ୱାଦଠାରୁ ଅଧିକ ମୂଲ୍ୟବାନ ହୋଇଉଠେ ତାହା ପଛରେ ଥିବା କୃତଜ୍ଞତାର ଭାବ। ଆମ ଥାଳିରେ ଥିବା ପ୍ରତ୍ୟେକ ଦାନା ଚାଉଳ ଆମକୁ ସ୍ମରଣ କରାଏ ଯେ ଖାଦ୍ୟ କେବଳ ବଜାରରୁ ଆସେ ନାହିଁ, ତାହାର ପଛରେ ରହିଛି ମାଟି, ପାଣି, ବାୟୁ, ସୂର୍ଯ୍ୟ, ପ୍ରକୃତି ଏବଂ ଚାଷୀର ଅସୀମ ପରିଶ୍ରମ। ଏହି କାରଣରୁ ନୂଆଖାଇ ଆମକୁ ଅନ୍ନର ମୂଲ୍ୟ ବୁଝାଇବା ସହିତ ତାହାର ଅପଚୟ ନ କରିବାର ଶିକ୍ଷା ମଧ୍ୟ ଦିଏ। ନୂଆଖାଇର ଅନ୍ୟତମ ଅଦ୍ୱିତୀୟ ପରମ୍ପରା ହେଉଛି 'ନୂଆଖାଇ ଭେଟଘାଟ'। ନୂଆ ଅନ୍ନ ଗ୍ରହଣ ପରେ ଲୋକମାନେ ଆତ୍ମୀୟ, ବନ୍ଧୁ ଓ ପରିଚିତମାନଙ୍କ ଘରକୁ ଯାଇ ଶୁଭେଚ୍ଛା ବିନିମୟ କରନ୍ତି, ବଡମାନଙ୍କ ଆଶୀର୍ବାଦ ନିଅନ୍ତି ଏବଂ ପରସ୍ପରଙ୍କ ସୁଖ-ସମୃଦ୍ଧି କାମନା କରନ୍ତି। ପୁରୁଣା ଅଭିମାନ, ମନୋମାଳିନ୍ୟ ଓ ଦୂରତାକୁ ଭୁଲି ନୂଆ ସମ୍ପର୍କର ଆରମ୍ଭ କରିବାର ଏହା ଏକ ସୁନ୍ଦର ସୁଯୋଗ। ଆଜିର ଆଧୁନିକ ଜୀବନରେ ମଣିଷ ଚାକିରି, ବ୍ୟବସାୟ ଓ ଶିକ୍ଷା ପାଇଁ ନିଜ ଜନ୍ମମାଟିଠାରୁ ଦୂରେ ରହୁଥିଲେ ମଧ୍ୟ ନୂଆଖାଇର ଡାକ ତାକୁ ଘରମୁହାଁ କରେ। ଦୂର ସହରରୁ ଗାଁକୁ ଫେରୁଥିବା ମଣିଷର ମନରେ ଯେଉ ଆନନ୍ଦ ଓ ଭାବନା ଜାଗେ, ତାହାକୁ କେବଳ ଶବ୍ଦରେ ବର୍ଣ୍ଣନା କରିବା କଷ୍ଟକର। ନିଜ ଘରର ଅଗଣା, ମାଆର ହାତର ଖାଦ୍ୟ, ବାପାଙ୍କ ଆଶୀର୍ବାଦ, ଆତ୍ମୀୟଙ୍କ ସ୍ନେହ ଓ ଗାଁର ପରିଚିତ ପରିବେଶ ତାଙ୍କୁ ନିଜ ମୂଳ ସହିତ ପୁଣିଥରେ ଯୋଡିଦିଏ। ଏହି ଦୃଷ୍ଟିରୁ ନୂଆଖାଇ ହେଉଛି ମାଟିକୁ ଫେରିବାର ଏକ ଭାବନାମୟ ଉତ୍ସବ। ନୂଆଖାଇର ସାଂସ୍କୃତିକ ରୂପ ମଧ୍ୟ ଅତ୍ୟନ୍ତ ଗୌରବମୟ। ପଶ୍ଚିମ ଓଡିଶାର ସମୃଦ୍ଧ ଲୋକସଂସ୍କୃତି, ଲୋକଗୀତ, ଲୋକନୃତ୍ୟ, ବାଦ୍ୟ ଓ ପାରମ୍ପରିକ କଳା ଏହି ପର୍ବର ଆନନ୍ଦକୁ ଆହୁରି ରଙ୍ଗିନ କରେ। ନୂଆଖାଇ କେବଳ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ନ ରହି ସମଗ୍ର ସମାଜକୁ ଏକ ଉତ୍ସବମୟ ପରିବେଶରେ ବାନ୍ଧି ଦିଏ। ଏହି ପର୍ବ ଆମକୁ ମନେ ପକାଇ ଦିଏ ଯେ ଓଡିଶାର ସଂସ୍କୃତି କେବଳ ପୁସ୍ତକରେ ଲେଖା କିଛି ଶବ୍ଦ ନୁହେଁ, ଏହା ଆମ ଦୈନନ୍ଦିନ ଜୀବନ, ଆମ ଭାଷା, ଆମ ଖାଦ୍ୟ, ଆମ ଗୀତ, ଆମ ନୃତ୍ୟ ଓ ଆମର ସମ୍ପର୍କରେ ଜୀବନ୍ତ ଅଛି। ନୂଆଖାଇ ଏହି ଜୀବନ୍ତ ସଂସ୍କୃତିର ଏକ ଉଜ୍ଜ୍ୱଳ ପ୍ରତୀକ। ଏହା ସହିତ



ସୌଭାଗ୍ୟ ରଞ୍ଜନ ମହାନ୍ତି
ପ୍ଲଟ ନଂ-୫୮/୩୫୮୧,
ଗଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ଼-୭୫୧୦୦୨
ମୋ- ୯୪୩୭୯୯୪୩୭୯

ନୂଆଖାଇରେ ରହିଛି ଗଭୀର ସାମାଜିକ ଶିକ୍ଷା। ଆଜି ଯେତବଳେ ବ୍ୟକ୍ତିକେନ୍ଦ୍ରିକ ଜୀବନଶୈଳୀ ମଣିଷକୁ ଧୀରେ ଧୀରେ ପରସ୍ପରଠାରୁ ଦୂରେଇ ଦେଉଛି, ସେତବଳେ ନୂଆଖାଇ ଆମକୁ ଏକତା, ସହଯୋଗ, ଭାଇଚାରା ଓ ପରସ୍ପର ସମ୍ମାନର ମୂଲ୍ୟ ଶିଖା। ଏହି ପର୍ବର ମୂଳରେ ରହିଛି 'ମୁଁ ନୁହେଁ, ଆମେ'। ମୋ ଘରର ସୁଖ ସହିତ ପଡୋଶୀର ସୁଖ, ମୋ ପରିବାରର ସମୃଦ୍ଧି ସହିତ ସମାଜର ସମୃଦ୍ଧି-ଏହି ବ୍ୟାପକ ଚିନ୍ତାଧାରା ନୂଆଖାଇର ଆତ୍ମା। ଚାଷୀ ହେଉଛି ଏହି ପର୍ବର କେନ୍ଦ୍ରବିନ୍ଦୁ, କାରଣ ତାଙ୍କର ଶ୍ରମ ବିନା ନୂଆ ଅନ୍ନର କଳ୍ପନା ଅସମ୍ଭବ। ତେଣୁ ନୂଆଖାଇ ଆମକୁ ଚାଷୀଙ୍କ ଜୀବନ, ସମସ୍ୟା ଓ ଅବଦାନ ପ୍ରତି ସଚେତନ ହେବାର ଅବସର ଦିଏ। ଯେଉ ହାତ ଆମ ପାଇଁ ଅନ୍ନ ଉତ୍ପାଦନ କରେ, ସେହି ହାତକୁ ସମ୍ମାନ ଦେବା ଆମର ନୈତିକ ଦାୟିତ୍ୱ। ନୂଆଖାଇର ଆନନ୍ଦ ସେତବଳେ ହିଁ ସାର୍ଥକ ହେବ, ଯେତବଳେ ଚାଷୀର ଜୀବନରେ ମଧ୍ୟ ନିରାପତା, ସମ୍ମାନ ଓ ସମୃଦ୍ଧି ଆସିବ।

ପ୍ରକୃତି ସହିତ ମଣିଷର ସମ୍ପର୍କର ଏକ ସୁନ୍ଦର ପାଠ ମଧ୍ୟ ନୂଆଖାଇ ଆମକୁ ଦିଏ। ମାଟିକୁ ନଷ୍ଟ କରି, ଜଳକୁ ଅପଚୟ କରି କିମ୍ବା ପରିବେଶକୁ ଦୂଷିତ କରି ଆମେ ଦୀର୍ଘକାଳୀନ ସମୃଦ୍ଧି ପାଇପାରିବୁ ନାହିଁ। ନୂଆ ଅନ୍ନ ପାଇଁ ଯେପରି ଆମେ ପ୍ରକୃତି ପ୍ରତି କୃତଜ୍ଞ ହେଉଛୁ, ସେପରି ତାହାର ସୁରକ୍ଷା ପାଇଁ ମଧ୍ୟ ଆମକୁ ଦାୟିତ୍ୱବାନ ହେବାକୁ ପଡିବ। ଏହି କାରଣରୁ ନୂଆଖାଇର ଶିକ୍ଷା କେବଳ ପରମ୍ପରାରେ ସୀମିତ ନୁହେଁ, ଏହା ଆଜିର ପରିବେଶ ସଚେତନ ସମାଜ ପାଇଁ ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ। ନୂଆଖାଇ ଆମ ଅତୀତର ସ୍ମୃତି, ବର୍ତମାନର ଆନନ୍ଦ ଓ ଭବିଷ୍ୟତର ଆଶାକୁ ଏକାଠି କରିଥାଏ। ଆଧୁନିକତାକୁ ଆମ ଜୀବନକୁ ବଦଳାଇପାରେ, ପ୍ରଯୁକ୍ତି ଆମ ଜୀବନକୁ ସହଜ କରିପାରେ, ସହରୀକରଣ ଆମ ଜୀବନଶୈଳୀକୁ ପରିବର୍ତନ କରିପାରେ, କିନ୍ତୁ ନିଜ ମାଟି, ନିଜ ଭାଷା, ନିଜ ସଂସ୍କୃତି ଓ ନିଜ ପରମ୍ପରାକୁ ଭୁଲିଗଲେ ଆମର ଅସ୍ତିତ୍ୱ ଅସମ୍ପୂର୍ଣ୍ଣ ହୋଇଯିବ। ନୂଆଖାଇ ଆମକୁ ସେହି ମୂଳକୁ ସ୍ମରଣ କରାଏ। ଏହା ଆମକୁ ଶିଖାଏ - ଜୀବନର ସତ୍ୟ ସମୃଦ୍ଧି କେବଳ ଧନରେ ନୁହେଁ, ବରଂ ଅନ୍ନରେ, ସମ୍ପର୍କରେ, ସଂସ୍କୃତିରେ, ପ୍ରକୃତିରେ ଓ ପରସ୍ପର ପ୍ରତି ଭଲପାଇବାରେ ରହିଛି। ନୂଆଖାଇର ନୂଆ ଅନ୍ନ ତେଣୁ କେବଳ ଏକ ଖାଦ୍ୟ ନୁହେଁ, ଏହା ନୂଆ ଆଶାର ପ୍ରତୀକ, ନୂଆ ସମ୍ପର୍କରେ ପ୍ରତୀକ, ନୂଆ ସ୍ୱପ୍ନର ପ୍ରତିକ। ନୂଆ ଧାନର ପ୍ରଥମ ଦାନାରେ ଚାଷୀର ଘାମ ଅଛି, ମାଟିର ଗନ୍ଧ ଅଛି, ପ୍ରକୃତିର ଆଶୀର୍ବାଦ ଅଛି ଏବଂ ଓଡିଆ ଜୀବନର ଶତାବ୍ଦୀ ପୁରୁଣା ସ୍ମୃତି ଅଛି। ସେଥିପାଇଁ ନୂଆଖାଇ ଆସିଲେ କେବଳ ଘରେ ଚୁଲି ଜଳେ ନାହିଁ, ମଣିଷର ହୃଦୟରେ ମଧ୍ୟ ଏକ ନୂଆ ଆଲୋକ ଜଳିଉଠେ। ଅଭିମାନ ଗଳିଯାଏ, ଦୂରତା କମିଯାଏ, ସମ୍ପର୍କ ଦୃଢ ହୁଏ ଏବଂ ମଣିଷ ପୁଣିଥରେ ମଣିଷର ନିକଟକୁ ଫେରିଆସେ। ତେଣୁ ନୂଆଖାଇ କେବଳ ଏକ ପର୍ବ ନୁହେଁ, ଏହା ଓଡିଆ ଅସ୍ମିତାର ଜୀବନ୍ତ ଦର୍ପଣ, ଚାଷୀର ଶ୍ରମର ସମ୍ମାନପତ୍ର, ମାଟି ପ୍ରତି ମଣିଷର କୃତଜ୍ଞତାର ଅର୍ଘ୍ୟ ଏବଂ ଏକତାର ଅମର ସନ୍ଦେଶ। ଯେପର୍ଯ୍ୟନ୍ତ ଓଡ଼ିଶାର ମାଟିରେ ଧାନ ଫଳିବ, ଯେପର୍ଯ୍ୟନ୍ତ ଚାଷୀର କପାଳରେ ଘାମ ଝରିବ, ଯେପର୍ଯ୍ୟନ୍ତ ଘରେ ମାଆର ହାତରେ ନୂଆ ଅନ୍ନ ରନ୍ଧାହେବ ଏବଂ ଯେପର୍ଯ୍ୟନ୍ତ ଓଡିଆ ହୃଦୟରେ ନିଜ ମାଟି ପ୍ରତି ଭଲପାଇବା ରହିବ, ସେପର୍ଯ୍ୟନ୍ତ ନୂଆଖାଇର ମହକ ମଧ୍ୟ ଅମର ରହିବ।

## ନୂଆଖାଇ: ସମଗ୍ର ଓଡ଼ିଶାର ଆତ୍ମୀୟତା

ପର୍ବ କେବଳ ତିଥି ନୁହେଁ, ପର୍ବ ହେଉଛି ଏକ ଜାତିର ସ୍ମୃତି, ଏକ ସମାଜର ସଂସ୍କାର ଓ ଏକ ଅଞ୍ଚଳର ଆତ୍ମପରିଚୟ। ନୂଆଖାଇ ପଶ୍ଚିମ ଓଡ଼ିଶାର ଏମିତି ଏକ ପର୍ବ, ଯାହାର ମୂଳ ମାଟିରେ, ଆତ୍ମା କୃଷକଙ୍କ ଶ୍ରମରେ ଏବଂ ହୃଦୟ ମଣିଷର ମଣିଷ ପ୍ରତି ଭଲପାଇବାରେ ରହିଛି। କିନ୍ତୁ ଏହାକୁ କେବଳ ଏକ ଆଞ୍ଚଳିକ ପର୍ବ ବୋଲି ସୀମିତ କରିଦେବା ନୂଆଖାଇର ମହତ୍ତ୍ୱକୁ ସଂକୁଚିତ କରିବା ସମାନ। କାରଣ ନୂଆଖାଇର ମୂଳ ବାର୍ତ୍ତା ଅନ୍ନ ପ୍ରତି ସମ୍ମାନ, ପ୍ରକୃତି ପ୍ରତି କୃତଜ୍ଞତା ଓ ସମାଜ ପ୍ରତି ଆତ୍ମୀୟତା। ଏହା ସମଗ୍ର ଓଡ଼ିଶାର ସାଂସ୍କୃତିକ ଚେତନା ସହିତ ଗଭୀର ଭାବେ ଜଡ଼ିତ।

'ନୂଆଖାଇ' ଶବ୍ଦର ଅର୍ଥ ହେଉଛି ନୂଆ ଅନ୍ନ ଭୋଜନ। କିନ୍ତୁ ଏହି ଭୋଜନର ଅର୍ଥ କେବଳ ନୂଆ ଧାନର ଖାଦ୍ୟ ଗ୍ରହଣ ନୁହେଁ। ଏହା ପୂର୍ବରୁ ନୂଆ ଫସଲକୁ ଦେବଦେବୀଙ୍କ ନିକଟରେ ଅର୍ପଣ କରାଯାଏ। ଅର୍ଥାତ୍ ମଣିଷ ପ୍ରଥମେ ପ୍ରକୃତି ଓ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ, ତା'ପରେ ନିଜେ ଅନ୍ନ ଗ୍ରହଣ କରେ।ଏହି ପରମ୍ପରାରେ ଏକ ଗଭୀର ଜୀବନଦର୍ଶନ ରହିଛି।ଅନ୍ନ ଆମର ଅଧିକାର ନୁହେଁ, ଏହା ପ୍ରକୃତିର ଦାନ ଓ ଅସଂଖ୍ୟ ଶ୍ରମଜୀବୀଙ୍କ ଅବଦାନର ଫଳ। ନୂଆଖାଇ ତେଣୁ ଚାଷୀଙ୍କ ପ୍ରତି କୃତଜ୍ଞତାର ଏକ ସାମୂହିକ ଉତ୍ସବ।

ପଶ୍ଚିମ ଓଡ଼ିଶାର ନୂଆଖାଇ ପରମ୍ପରାରେ ମା' ସମଲେଶ୍ୱରୀଙ୍କ ଆରାଧନାର ଏକ ବିଶେଷ ସ୍ଥାନ ରହିଛି। ନୂଆ ଧାନରୁ ପ୍ରସ୍ତୁତ ନବାନ୍ନ ଦେବୀଙ୍କୁ ଅର୍ପଣ କରିବା ପରେ ଲୋକମାନେ ତାହାକୁ ପ୍ରସାଦ ଭାବେ ଗ୍ରହଣ କରନ୍ତି।ଏହି ପରମ୍ପରାର ସହିତ ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତିର ଏକ ଆତ୍ମୀୟ ସାମ୍ୟ ଦେଖାଯାଏ। ଶ୍ରୀମନ୍ଦିରର ମହାପ୍ରସାଦ ଯେପରି ଅନ୍ନକୁ ଆଧାତ୍ମିକତା ଓ ସାମାଜିକ ସମାନତାର ପ୍ରତୀକରେ ପରିଣତ କରେ, ନୂଆଖାଇ ମଧ୍ୟ ନୂଆ ଅନ୍ନକୁ ପବିତ୍ରତା, ସମ୍ମାନ ଓ ସାମୂହିକ ଭାଗିଦାରିର ମାଧ୍ୟମ କରେ। ସମଲେଶ୍ୱରୀ ଓ ଜଗନ୍ନାଥ ଆରାଧନାର ରୂପ ଭିନ୍ନ ହୋଇପାରେ, କିନ୍ତୁ ଅନ୍ନ ପ୍ରତି ଶ୍ରଦ୍ଧା ଓ ମଣିଷକୁ ଏକାଠି କରିବାର ଚେତନା ଏକ।

ଓଡ଼ିଶାର ପର୍ବପରମ୍ପରାରେ ରଜ ଓ ନୂଆଖାଇର ତୁଳନା ବିଶେଷ ଅର୍ଥବହ। ରଜ ପର୍ବରେ ଧରିତ୍ରୀ ମା'ଙ୍କୁ ବିଶ୍ରାମ ଦେବାର ଧାରଣା ରହିଛି। କୃଷିକାର୍ଯ୍ୟରୁ ବିରତି ନେଇ ମଣିଷ ପୃଥିବୀର ଉର୍ବରତାକୁ ସମ୍ମାନ କରେ।ଅନ୍ୟପଟେ ନୂଆଖାଇ ହେଉଛି ସେହି ଧରିତ୍ରୀର ଉତ୍ପାଦନ ପ୍ରତି କୃତଜ୍ଞତାର ପର୍ବ। ରଜ ମାଟିର ବିଶ୍ରାମକୁ ସମ୍ମାନ କରେ, ନୂଆଖାଇ ମାଟିର ଦାନକୁ ସ୍ୱୀକାର କରେ। ଗୋଟିଏରେ ପ୍ରକୃତିର ବିଶ୍ରାମ, ଅନ୍ୟଟିରେ ପ୍ରକୃତିର ପ୍ରସାଦ ଉଭୟର ମୂଳରେ ରହିଛି



ଡା. ରାଜାରାମ ଷଡ଼ଙ୍ଗୀ
ଶିଶୁ ମଙ୍ଗଳ ସମିତି, ସମ୍ବଲପୁର
୯୪୩୭୪ ୦୫୪୫୫

ପ୍ରକୃତି ପ୍ରତି ଓଡ଼ିଆ ସମାଜର ଅସୀମ ଶ୍ରଦ୍ଧା।ନୂଆଖାଇର ସବୁଠାରୁ ମାନବୀୟ ଦିଗ ହେଉଛି 'ଭେଟଘାଟ'। ଏହି ଦିନ ଛୋଟ-ବଡ଼, ଧନୀ-ଦରିଦ୍ର, ନିଜ-ପର ସମସ୍ତେ ପରସ୍ପରଙ୍କୁ ଭେଟନ୍ତି, ଜୁହାର କରନ୍ତି, ଆଶୀର୍ବାଦ ନିଅନ୍ତି ଓ ସମ୍ପର୍କକୁ ନୂଆ କରନ୍ତି।ଏହି ପରମ୍ପରା ଓଡ଼ିଶାର ଅନ୍ୟାନ୍ୟ ପର୍ବର ଆତ୍ମୀୟତା ସହିତ ମେଳ ଖାଏ। ରଜରେ ଝିଅମାନଙ୍କ ମିଳନ, ଦଶହରାରେ ଶୁଭେଚ୍ଛା ବିନିମୟ, ଦୀପାବଳିରେ ପରିବାରୀକ ସମାଗମ, ମାଣବସାରେ ଗୃହସମୃଦ୍ଧି ପାଇଁ ପ୍ରାର୍ଥନା।ଏସବୁର ମୂଳରେ ରହିଛି ସମ୍ପର୍କକୁ ମଜବୁତ କରିବାର ଚେଷ୍ଟା। ନୂଆଖାଇ ଆମକୁ କହେ,ଅନ୍ନ ଏକାକୀ ଖାଇବା ପାଇଁ ନୁହେଁ, ଏହା ବାଣ୍ଟି ଖାଇବା ପାଇଁ।

କେତେକ ସମୟରେ ନୂଆଖାଇକୁ କେବଳ ପଶ୍ଚିମ ଓଡ଼ିଶାର ପର୍ବ ଭାବେ ଦେଖାଯାଏ। ଏହାର ଆଞ୍ଚଳିକ ପରିଚୟ ନିଶ୍ଚିତ ଭାବେ ଗର୍ବର ବିଷୟ। କିନ୍ତୁ ଆଞ୍ଚଳିକ ପରିଚୟ ଓ ସାମଗ୍ରିକ ଓଡ଼ିଆ ପରିଚୟ ପରସ୍ପର ବିରୋଧୀ ନୁହେଁ।ଯେପରି ସମ୍ବଲପୁରୀ ଭାଷା ଓ ଲୋକଗୀତ ଓଡ଼ିଆ ସଂସ୍କୃତିକୁ ସମୃଦ୍ଧ କରେ, ସେପରି ନୂଆଖାଇ ମଧ୍ୟ ସମଗ୍ର ଓଡ଼ିଶାର ପର୍ବପରମ୍ପରାକୁ ଅଧିକ ବିବିଧମୟ କରେ। ଓଡ଼ିଶାର ପରିଚୟ ଏକରଙ୍ଗୀ ନୁହେଁ,ଏହା ଅନେକ ରଙ୍ଗର ସମନ୍ୱୟ। ସମଲେଶ୍ୱରୀଙ୍କ ନବାନ୍ନ, ଜଗନ୍ନାଥଙ୍କ ମହାପ୍ରସାଦ, ରଜର ପୋଡ଼ପିଠା ଓ ମାଣବସାର ଲକ୍ଷ୍ମୀ ଆରାଧନା ସବୁ ମିଶି ଗଢ଼ିଉଠିଛି ଓଡ଼ିଆ ସଂସ୍କୃତିର ବିଶାଳ ଚିତ୍ରପଟ।ଆଜି ପ୍ରବାସ, ନଗରୀକରଣ ଓ ଡିଜିଟାଲ ଜୀବନଶୈଳୀ ମଣିଷକୁ ନିଜ ମାଟିଠାରୁ ଦୂରେଇ ନେଉଛି। ଏପରି ସମୟରେ ନୂଆଖାଇ କେବଳ ଏକ ପର୍ବ ନୁହେଁ, ଏହା ମୂଳ ସହିତ ଯୋଡ଼ି ରହିବାର ଏକ ସାଂସ୍କୃତିକ ସୂତ୍ର।

ତେବେ ପରମ୍ପରାକୁ କେବଳ ଆଡ଼ମ୍ବର, ପ୍ରତିଯୋଗିତା ଓ ଦେଖାଦେଖିରେ ସୀମିତ ନକରି ଏହାର ମୂଳ ମୂଲ୍ୟବୋଧକୁ ଜୀବନ୍ତ ରଖିବା ଆବଶ୍ୟକ। ଚାଷୀଙ୍କ ସମ୍ମାନ, ଅନ୍ନର ଅପଚୟ ରୋକିବା, ପରିବେଶ ସୁରକ୍ଷା, ପରିବାରୀକ ଏକତା ଓ ସାମାଜିକ ସମ୍ପ୍ରୀତି ଏହା ହେଉ ନୂଆଖାଇର ପ୍ରକୃତ ସନ୍ଦେଶ।

ନୂଆଖାଇ ପଶ୍ଚିମ ଓଡ଼ିଶାର ଗର୍ବ, କିନ୍ତୁ ଏହାର ବାର୍ତ୍ତା ସମଗ୍ର ଓଡ଼ିଶାର। ଏହା ମାଟିର ପର୍ବ, ଅନ୍ନର ପର୍ବ, ସମ୍ପର୍କର ପର୍ବ ଓ ସମ୍ପ୍ରୀତିର ପର୍ବ। ଏହାର ନବାନ୍ନରେ ଚାଷୀଙ୍କ ଘାମ ରହିଛି, ଏହାର ଭେଟଘାଟରେ ମଣିଷର ମମତା ରହିଛି ଏବଂ ଏହାର ଆରାଧନାରେ ପ୍ରକୃତି ପ୍ରତି କୃତଜ୍ଞତା ରହିଛି।ତେଣୁ ନୂଆଖାଇକୁ କେବଳ ଏକ ଅଞ୍ଚଳର ପର୍ବ ଭାବେ ନୁହେଁ, ଓଡ଼ିଆ ଜୀବନଦର୍ଶନର ଏକ ଉଜ୍ଜ୍ୱଳ ପ୍ରତିନିଧି ଭାବେ ଦେଖିବା ଉଚିତ। ଅଞ୍ଚଳ ଭିନ୍ନ, ରୀତି ଭିନ୍ନ, ଭାଷାର ସ୍ୱର ଭିନ୍ନ,କିନ୍ତୁ ଅନ୍ନ ପ୍ରତି ଶ୍ରଦ୍ଧା, ମାଟି ପ୍ରତି ମମତା ଓ ମଣିଷ ପ୍ରତି ଆତ୍ମୀୟତା ଆମ ସମସ୍ତଙ୍କୁ ଏକାଠି କରେ। ନୂଆଖାଇ ପଶ୍ଚିମ ଓଡ଼ିଶାର ପରିଚୟ ହୋଇପାରେ, କିନ୍ତୁ ଏହାର ଆତ୍ମା ସମଗ୍ର ଓଡ଼ିଶାର।

## ପରମ୍ପରା ଓ ସଂସ୍କୃତିର ପର୍ବ ନୂଆଁଖାଇ

ଓଡ଼ିଶାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଇଥାଏ। ସେହି ପର୍ବ ମଧ୍ୟରୁ ଅନ୍ୟତମ ପର୍ବ ହେଉଛି ନୂଆଁଖାଇ। ପଶ୍ଚିମ ଓଡ଼ିଶାର ଏହା ଏକ ଗଣ ପର୍ବ ବୋଲି ମଧ୍ୟ କୁହାଯାଇଥାଏ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହି ପର୍ବ ପାଳନ କରାଯାଉଥିଲେ ମଧ୍ୟ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ତଥା ଦେଶର ବିଭିନ୍ନ ଅଞ୍ଚଳରେ ରହୁଥିବା ପଶ୍ଚିମାଞ୍ଚଳର ଲୋକେ ଏହି ପର୍ବକୁ ବେଶ୍ ଧୁମଧାମରେ ପାଳନ କରିଥାନ୍ତି। ଏହା ଏକ କୃଷି ଭିତ୍ତିକ ଗଣପର୍ବ। ନୂଆ ଫସଲକୁ ପ୍ରଥମେ ନିଜର ଇଷ୍ଟଦେବାଦେବୀଙ୍କୁ ଅର୍ପଣ କରିବା ହେଉଛି ନୂଆଁଖାଇ ପର୍ବର ମୁଖ୍ୟ ଉଦେଶ୍ୟ। ବର୍ଷର ପ୍ରଥମ ଫସଲ ବା ଶସ୍ୟକୁ ନୈବେଦ୍ୟ ଭାବରେ ଅର୍ପଣ କରିବାର ପ୍ରଥା କାହିଁ ଯୁଗ ଯୁଗରୁ ଚାଲିଆସିଛି। ଏହି ନୈବେଦ୍ୟ ଅର୍ପଣ ବେଳେ ସମଗ୍ର ମାନବ ସମାଜ ପାଇଁ ଅନ୍ନର ଅଭାବ ନହେଉ ବୋଲି ମଧ୍ୟ ଇଷ୍ଟଦେବାଦେବୀଙ୍କ ପାଖରେ ପ୍ରାର୍ଥନା କରାଯାଇଥାଏ। ଭାରତ ଏକ ସଂସ୍କୃତି ସଂପନ୍ନ ଦେଶ। ଦେଶର ବିଭିନ୍ନ ରାଜ୍ୟରେ ନବ ଉତ୍ପାଦିତ ଶଷ୍ୟକୁ ଭଗବାନଙ୍କ ଉଦେଶ୍ୟରେ ଅର୍ପଣ କରିବା ନେଇ ପୋଙ୍ଗଲ, ବୈଶାଖୀ ଓ ବିହୁ ଭଳି ଅନେକ ପର୍ବ ପାଳନ କରାଯାଇଥାଏ। କିନ୍ତୁ ପଶ୍ଚିମାଞ୍ଚଳର ନୂଆଁଖାଇ ପର୍ବର ସ୍ୱତନ୍ତ୍ରତା ରହିଛି। କେବେ ଠାରୁ ଏହି ପର୍ବ ପାଳନ କରାଯାଉଛି ତାର ସଠିକ ଐତିହାସିକ ତଥ୍ୟ କେହି କେବେ ଦେଇପାରୁନାହାଁନ୍ତି। ପୂର୍ବରୁ ଏହି ପର୍ବ କେବଳ କୃଷକ ପରିବାର ମଧ୍ୟରେ ସିମୀତ ଥିଲା କିନ୍ତୁ ପର୍ବକୁ ଏବେ ସବୁ ବର୍ଗର ଲୋକେ ଧୂମଧାମରେ ପାଳନ କରୁଛନ୍ତି।

ଦେଶ ସ୍ୱାଧିନ ହେବା ପୂର୍ବରୁ ରାଜା ରାଜୁଡା ଶାସନ ଥିଲା। ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବ ଦେବୀଙ୍କ ନାମକୁ ନେଇ ନୂଆଁଖାଇର ତିଥି ଧାର୍ଯ୍ୟ କରୁଥିଲେ। ଏଣୁ ନୂଆଁଖାଇ ପାଳନର ତିଥି ପଶ୍ଚିମାଞ୍ଚଳର ବିଭିନ୍ନ ଅଞ୍ଚଳରେ ମଧ୍ୟ ଭିନ୍ନ ଭିନ୍ନ ହେଉଥିଲା। ରାଜା ରାଜୁଡା ଶାସନରେ ରାଜାମାନେ ଭାଦ୍ରବ ମାସର ଶୁକ୍ଳପକ୍ଷର ବିଭିନ୍ନ ତିଥିରେ ଏହି ପର୍ବ ପାଳନ କରାଯାଉଥିଲା। କିନ୍ତୁ ୧୯୯୧ ମସିହାରେ ପଶ୍ଚିମାଞ୍ଚଳ ବା ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବି ମାନେ ମିଳିତ ଭାବେ ଆଲୋଚନା କରି ଏହି ପର୍ବକୁ ଗୋଟିଏ ତିଥିରେ ସମସ୍ତେ ପାଳନ କରିବା ପାଇଁ ଏକମତ ହୋଇଥିଲେ। ଏଣୁ ସର୍ବସମ୍ମତି ଅନୁସାରେ ଗଣେଷ ପୂଜା ବା ଗଣେଷ ଚତୁର୍ଥୀର ପରଦିନ ଋଷି ପଞ୍ଚମୀ ତିଥିରେ ସମଗ୍ର ପଶ୍ଚିମ ଓଡ଼ିଶାର ଲୋକେ ଏହି ପର୍ବକୁ ପାଳନ କରି ଆସୁଛନ୍ତି। ଏକ ଭିନ୍ନ କଥା ହେଉଛି ଭାଦ୍ରବ ମାସରେ ଧାନ (ସମଗ୍ର ଓଡ଼ିଶାର ମୁଖ୍ୟ ଫସଲ) ପରିପକ୍ୱ ହୋଇ ନଥାଏ କିନ୍ତୁ ଏହି ମାସରେ ନୂଆଁଖାଇ ପର୍ବ ପାଳିତ ହୁଏ। ଏହାର ଏକ ସ୍ୱତନ୍ତ୍ର ଉଦେଶ୍ୟ ମଧ୍ୟ ରହିଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଲୋକେ ଉତ୍ପାଦିତ ଫସଲ ଉପରେ ନିର୍ଭର କରିଥାନ୍ତି। ଏହି ନୂଆଁଖାଇ ପର୍ବ ପାଳନ ନକରାଯିବା ପର୍ଯ୍ୟନ୍ତ ନୂଆ ଫସଲ ବ୍ୟବହାର କରାନଯିବା ଭଳି ଅଘୋଷିତ ନିୟମ ରହିଛି। ସବୁ କ୍ଷେତ ବା ଜମିର ଧାନ ଫସଲ ନପାଚିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଭଳି ସମ୍ବଳ ସବୁ ବର୍ଗର ଲୋକଙ୍କ ପାଖରେ ନଥାଏ। ଏଣୁ ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ଏହିପର୍ବ ପାଳନ ପାଇଁ ଭାଦ୍ରବ ମାସର ଶୁକ୍ଳ ପକ୍ଷକୁ ସଠିକ ସମୟ ଭାବେ ନିର୍ଦ୍ଧାରଣ କରାଯାଇଛି। ଛୋଟ କିସମର ଧାନ ଫସଲ ନୂଆଁଖାଇ ସମୟ ବେଳକୁ ଅମଳ କରାଯାଇ ପାରୁଥିବାରୁ ଏହି ଶଷ୍ୟକୁ ଦେବଦେବୀଙ୍କ ପାଖରେ ଅର୍ପଣ କରାଯାଉଛି। ସାଧାରଣ ଭାବେ ନୂଆଁଖାଇ ପର୍ବ ତିନିଦିନ ଧରି ପାଳନ କରାଯାଏ। ନୂଆଁଖାଇ ପୂର୍ବଦିନକୁ 'ଉପାସ' ବୋଲି କୁହାଯାଏ। ଏହି ଦିନ ଗ୍ରାମର ଦେବୀ ପୂଜକ ଉପବାସ ରହି ଧାର୍ଯ୍ୟ କରାଯାଇଥିବା ଲଗ୍ନରେ କ୍ଷେତକୁ ଯାଏ ଓ ସେଠାରେ ଯଥାବିଧି ପୂଜା ଅର୍ଚ୍ଚନା କରିବା ପରେ ପାଚିଲାୟ ଧାନକେଣ୍ଡା ସଂଗ୍ରହ କରି ଗାଁକୁ ଆଣିଥାନ୍ତି। ନୂଆ ଧାନକେଣ୍ଡାକୁ ଗ୍ରାମ ଦେବତୀଙ୍କ ପୀଠରେ ଲାଗି କରାଯାଇ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଗ୍ରମର ସବୁ ପରିବାରକୁ ଏହି ଧାନକେଣ୍ଡା ବଣ୍ଟା ଯାଇଥାଏ। ପୂର୍ବରୁ ପରିବାରର ଲୋକେ ସଂଗ୍ରହ କରିଥିବା ଧାନକେଣ୍ଡା ଓ ପୂଜକ ଦେଇଥିବା ଧାନକେଣ୍ଡା କୁ ମିଶାଇ ନୂଆଁକୁଣ୍ଡା ପ୍ରସ୍ତୁତ କରାଯାଇଥାଏ। ଦ୍ୱିତୀୟ ଦିନଟି ନୂଆଁଖାଇ ପର୍ବର ମୁଖ୍ୟ ଦିନ। ଏଥି ପାଇଁ ପୂର୍ବରୁ ଘରଦ୍ୱାରକୁ ଗୋବରରେ ଲିପା ଯାଇଥାଏ ଓ ଘରର ବ୍ୟବହୃତ ଲୁଗା ପଟା ଓ ଘରର ସାମଗ୍ରୀକୁ ସଫା କରାଯାଇଥାଏ। ବାହାରେ ରହୁଥିବା ପରିବାରର ଲୋକଙ୍କୁ ପର୍ବରେ ଉପସ୍ଥିତ ରହିବା ପାଇଁ ଡକାଯାଇଥାଏ। ଏକ ପ୍ରମୁଖ କଥା ହେଉଛି ପରିବାରର ମୁଖ୍ୟ ଯେଉଠାରେ ରହୁଥାନ୍ତି ସେଠାରେ ହିଁ ସମସ୍ତେ ମିଶି ଏହି ପର୍ବ ପାଳନ କରିଥାନ୍ତି। ପରିବାରର ମୁଖ୍ୟ ନୂଆଁବସ୍ତ୍ର ପିନ୍ଧି ଶୁଧ୍ ପୂତ ହୋଇ ଇଷ୍ଟଦେବାଦେବୀ ଓ ପିତୃପୁରୁଷଙ୍କୁ କୁରେଇ ପତ୍ରରେ ନୂଆ ଧାନରେ ପ୍ରସ୍ତୁତ ନୂଆଁକୁଣ୍ଡାକୁ ନୈବେଦ୍ୟ ଭାବେ ଅର୍ପଣ କରିବା ପରେ ସମସ୍ତଙ୍କୁ ଏହି ନୂଆଁ କୁଣ୍ଡାକୁ ବଣ୍ଟାଯାଇଥାଏ। ପରେ ପରିବାରର ସମସ୍ତେ ଏକତ୍ରିତ ଭାବେ ଏହାକୁ ଭକ୍ଷଣ କରିଥାନ୍ତି। ନବାନ୍ନ ଭକ୍ଷଣ ପରେ ଆରମ୍ଭ ହୁଏ ଜୁହାର ଭେଟ। କନିଷ୍ଠ ମାନେ ବରିଷ୍ଠ ମାନଙ୍କ ପାଦଛୁଇଁ ପ୍ରଣାମ/ ଜୁହାର ହୁଅନ୍ତି। ପାରିବାରିକ ଜୁହାର ଭେଟ ସାମୁହିକ ଭାବେ ପାରମ୍ପରିକ ଖାଦ୍ୟ ସମସ୍ତଙ୍କୁ ପରସା ଯାଇଥାଏ। ନୂଆଁଖାଇର ତୃତୀୟ ଦିନକୁ ନୂଆଁଖାଇ ବାସି କୁହାଯାଏ। ପୂର୍ବଦିନରୁ ବଳକା ଥିବା ଖାଦ୍ୟକୁ ଏହି ଦିନ ଖାଇବାର ଏକ ପରମ୍ପରା ମଧ୍ୟ ରହିଛି।

ନୂଆଁଖାଇର ଜୁହାର ଭେଟର ପରିବର୍ଦ୍ଧିତ ସଂସ୍କରଣ ଏବେ ନୂଆଁଖାଇ ଭେଟଭାଟ ଭାବେ ପାଳନ କରାଯାଉଛି। ଏହାକୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କୁହାଯାଇପାରେ। ଏଥିରେ ରହିଛି ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ମା ମାଟିର ବାସ୍ନା। ଭାଇଚାରା ଓ ସୌହାର୍ଦ୍ଦ୍ୟର ଭାବ ଉଦ୍ରେକ କରିଥାଏ ଏହି ଭେଟଭାଟ। ଯଦିଓ ପ୍ରାଚୀନ କାଳରୁ ଏହି ପର୍ବ ପାଳିତ ହୋଇଆସୁଥିଲା କିନ୍ତୁ ସାମ୍ପ୍ରତିକ ସମୟରେ ଏହି ପର୍ବ ଅଧିକ ଲୋକପ୍ରିୟ ହୋଇପାରିଛି। ଏହି ଦିନଟିକୁ ସରକାର ଛୁଟି ଦିନ ଭାବେ ଘୋଷଣା କରୁଥିବାରୁ ଏହି ପର୍ବର ଗୁରୁତ୍ୱ ଅଧିକ ବଢ଼ିଯାଇଛି ଓ ଲୋକେ ଏହାକୁ ଆନନ୍ଦରେ ପାଳନ କରିବାର ସୁଯୋଗ ପାଉଛନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳରେ ଏହି ପର୍ବକୁ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ପାଳନ କରାଯାଉଛି। ଇତିହାସର ତଥ୍ୟ ଅନୁସାରେ ୧୮୫୩ ମସିହା ବେଳେ କଳାହାଣ୍ଡିରେ ମହାରାଜା ଉଦିତ ପ୍ରସାଦ ଦେବଙ୍କ ଶାସନ ଥିଲା। ମହାରାଜା କଳାହାଣ୍ଡିରେ କୃଷିର ବିକାଶ ପାଇଁ ସମ୍ବଲପୁରର କେତେକ ସଂପ୍ରଦାୟର ଲୋକଙ୍କୁ ଆଣି କଳାହାଣ୍ଡିରେ ବସବାସ କରିବାର ସୁଯୋଗ ଦେଇଥିଲେ। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକର ସମଲେଇଟିକ୍ରା ଗ୍ରାମର ଗ୍ରାମବାସୀ ମାନେ ଏକ ଭିନ୍ନ ଢ଼ଙ୍ଗରେ ନୂଆଁଖାଇ ପର୍ବ ପାଳନ କରିଥାନ୍ତି। ସେଇ ଗାଁରେ ପାରମ୍ପରିକ ପୂଜାର୍ଚ୍ଚନା ସହ ସାରା ଗାଁକୁ ଆମ୍ବତୋରଣରେ ସଜ୍ଜା ଯାଇଥାଏ। ଗାଁର ସବୁଲୋକେ ଏକାଠି ହୋଇ ଗାଁ ମଝିରେ ଥିବା ମନ୍ଦିରରେ ନୂଆ ଖାଇଥାନ୍ତି।

ପ୍ରକୃତପକ୍ଷେ ମା ମାଟି ଓ ମଣିଷର ଯେଉ ଅତୁଟ ସମ୍ପର୍କ ରହିଛି ସେଇ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ତଥା ସମାଜରେ ଭ୍ରାତୃଭାବ ପ୍ରତିଷ୍ଠା ହେଉଛି ଏହି ଗଣପର୍ବର ଉଦେଶ୍ୟ ସର୍ବୋପରି ଆଦିବାସୀ ପରମ୍ପରା ଓ ସଂସ୍କୃତି ସହ ଏହି ପର୍ବ ଜଡ଼ିତ। ବୈଦିକ ମତରେ ମୁନୀଋଷି ମାନେ ଯେଉ ପଞ୍ଚଯଜ୍ଞ କରୁଥିଲେତାହା ମଧ୍ୟରୁ ଅନ୍ୟ ହେଉଛି ପ୍ରଲମ୍ବନ ଯଜ୍ଞ। ପ୍ରଲମ୍ବନ ବା ଶଷ୍ୟ ଉତ୍ପାଦନ କରିବାର ସମୟ। ବୈଦିକ କାଳରେ ଏହି ପ୍ରଲମ୍ବନ ଯଜ୍ଞ ବା ଶଷ୍ୟ ଉତ୍ପାଦନର ସମୟକୁ ଏବେ ନୂଆଁଖାଇ ଭାବେ ପାଳନ କରାଯାଉଛି। ଅନ୍ୟଏକ ମତ ଅନୁସାରେ ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀରେ ପାଟନାର ରାଜାଥିଲେ ଚୌହାନ ବଂଶର ରମାଇ ଦେଓ ପାଟନା ରାଜାଙ୍କ ଅଧିନରେ ଥିଲା ବଲାଙ୍ଗୀର। ସେତବଳେ ସେଠାକାର ଅଧିବାସୀମାନେ ପଶୁପକ୍ଷୀ ଶୀକାର କରିବା ସହ ଫଳମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ। ସେମାନଙ୍କର ଆର୍ଥୀକ ଅବସ୍ଥା ମଧ୍ୟ ଭଲ ନଥିଲା। ଲୋକଙ୍କ ଆର୍ଥୀକ ଅବସ୍ଥାକୁ ସୁଧାରିବା ପାଇଁ ରାଜା ର ମାଇ ଦେଓ ଲୋକଙ୍କୁ ଉତ୍ସାହିତ କରିଥିଲେ। ଫଳତଃ ଏକ କୃଷିଭିତ୍ତିକ ପରମ୍ପରା ଗଢ଼ି ଉଠିଥିଲା। ସେବେଠାରୁ ଏହି କୃଷିଭିତ୍ତିକ ପରମ୍ପରା ଅନୁସାରେ ନୂଆଁଖାଇ ପର୍ବ ପାଳନ କରାଯାଇ ଆସୁଛି ବୋଲି ଅନେକଙ୍କର ବିଶ୍ୱାସ ରହିଛି।



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର, ୯୪୩୮୪୮୫୦୯୪

## 'ମାଟିର ମହାବେଦୀରେ ମାନବତାର ମହାପର୍ବ'

ଧରାପୃଷ୍ଠର ବକ୍ଷ ଚିରି, ଘନଘଟା ଆକାଶରୁ ବର୍ଷି ଯାଉଥିବା ବାରିବିନ୍ଦୁକୁ ପାଥେୟ କରି, ସୁବର୍ଣ୍ଣାଭ ଫସଲ ଫଳାଉଥିବା କୃଷକର ଅଧ୍ୟବସ୍ୟ ଏବଂ ଝାଳବୁହା ଶ୍ରମର ଅନବଦ୍ଧ ସଂଗମ ସ୍ଥଳ ହେଉଛି ପଶ୍ଚିମ ଓ?ିଶାର ପ୍ରାଣପ୍ରତିମା ମହାପର୍ବ 'ନୂଆଖାଇ'। ଏହା କେବଳ କେତୋଟି ନୂତନ ଧାନ୍ୟ ଗ୍ରହଣ କରିବାର ପାରମ୍ପରିକ ଅନୁଷ୍ଠାନ ନୁହେଁ, ବରଂ ମାନବଜୀବନର ଦାର୍ଶନିକ ଚିନ୍ତନ, ନୈତିକ ମୂଲ୍ୟବୋଧ, ସାମାଜିକ ସଦ୍ଭାବ ଏବଂ ଶ୍ରମର ମହନୀୟତାକୁ ପ୍ରତିପାଦନ କରୁଥିବା ଏକ ଅଲୌକିକ ଅଧ୍ୟାୟ। ପ୍ରକୃତି ସହିତ ମନୁଷ୍ୟର ଯେଉଁ ଅନାଦି ଓ ଅନବଚ୍ଛେଦ୍ୟ ସମ୍ପର୍କ ରହିଛି, ନୂଆଖାଇ ତାହାରି ସବୁଠାରୁ ଶ୍ରେଷ୍ଠ ଏବଂ ଜୀବନ୍ତ ଦସ୍ତାବିଜ୍।

ପ୍ରକୃତି ଓ ମାନବର ଏକାତ୍ମବୋଧ ନୂଆଖାଇର ଦର୍ଶନ କୃତଜ୍ଞତାବୋଧ ଓ ବିନମ୍ରତାର ଶିଖର ଦେଶରେ ପ୍ରତିଷ୍ଠିତ। ମଣିଷ ନିଜର ବୁଦ୍ଧି, ବଳ ଏବଂ ପ୍ରାଦୁର୍ଭାବରେ ପ୍ରକୃତିର ସକଳ ସମ୍ପଦକୁ ନିଜର ବୋଲି ଦାବି କରିପାରେ, କିନ୍ତୁ ନୂଆଖାଇ ଶିକ୍ଷା ଦିଏ ଯେ ସୃଷ୍ଟିର ପ୍ରତ୍ୟେକଟି କଣିକା ପାଇଁ ଆମେ ସର୍ବଶକ୍ତିମାନ ପ୍ରକୃତି ଏବଂ ମାଟି ମାଆ ନିକଟରେ ଚିରଋଣୀ। ବିଶ୍ୱବିଖ୍ୟାତ ଦାର୍ଶନିକ ରୁଷୋଙ୍କ ଭାଷାରେ 'ପ୍ରକୃତିକୁ ଫେରିଯାଅ ପ୍ରକୃତି ମଧ୍ୟରେ ହିଁ ସମସ୍ତ ସତ୍ୟ ଏବଂ ସାମଞ୍ଜସ୍ୟ ନିହିତ ଥାଏ। "Return to nature; it is in nature that all the truth and harmony reside." ନୂଆଖାଇ ଆମକୁ ଆଧୁନିକତାର କୃତ୍ରିମ ବଳୟରୁ ମୁକ୍ତ କରି ପୁନର୍ବାର ମାଟିର ମହକ ସହିତ ସଂଯୁକ୍ତ କରେ। କ୍ଷେତରୁ ପ୍ରଥମ ଫସଲ ଆଣି ଇଷ୍ଟଦେବୀଙ୍କୁ ଅର୍ପଣ କରିବାର ରୀତି ଏକ ଗଭୀର ଆଧାତ୍ମିକ ଚିନ୍ତାଧାରାର ପରିପ୍ରକାଶ, ଯାହା ଅହଂକାରର ବିନାଶ ଓ ମହୀୟାନ ପ୍ରକୃତି ପ୍ରତି ଅନନ୍ତ ନତମସ୍ତକ ଭାବର ପ୍ରତୀକ ଅଟେ।

ଶ୍ରମର ମହାନତା ଏବଂ କୃଷକ-ଶ୍ରମିକର ପ୍ରତିବଦ୍ଧତା ପଶ୍ଚିମ ଓଡ଼ିଶାର ଏହି ମାଟିରେ ଆଦିବାସୀ ସଂସ୍କୃତି ଓ କୃଷକ ସମାଜର ଶ୍ରମର ସମ୍ମାନ ହିଁ ସର୍ବୋପରି। ଆଦିବାସୀ ଜୀବନଚର୍ଯ୍ୟା କେବେହେଲେ ଭୋଗବାଦୀ ନୁହେଁ, ବରଂ ଏହା ସହଭାଗିତା, ସମଷ୍ଟିଗତ ପରିଶ୍ରମ ଏବଂ ଶ୍ରମର ପବିତ୍ରତା ଉପରେ ଆଧାରିତ। କ୍ଷେତରେ ମଳିନ ବସ୍ତ୍ର ପିନ୍ଧି, ଅକ୍ଲାନ୍ତ ପରିଶ୍ରମ କରି ଫସଲ ଉତ୍ପାଦନ କରୁଥିବା ଶ୍ରମିକ ଓ କୃଷକର ହାତର ପରଶରେ ହିଁ ନୂଆଖାଇର ପବିତ୍ରତା ନିହିତ। ଅର୍ଥନୀତି ଓ ସମାଜତତ୍ତ୍ୱର ମହାନ ପ୍ରଣେତା କାର୍ଲ ମାର୍କ୍ସ ସଠିକ୍ ଭାବେ କହିଥିଲେ 'ଶ୍ରମ ହିଁ ହେଉଛି ସମସ୍ତ ସମ୍ପଦ ଏବଂ ସମସ୍ତ ସଂସ୍କୃତିର ଉତ୍ସ। (Labor is the source of all wealth and all culture.) ଏଠାରେ ଜାତି, ଧର୍ମ କିମ୍ବା ବର୍ଣ୍ଣର କୌଣସି ପ୍ରଭେଦ ରହେନାହିଁଁ ସମସ୍ତେ ମାଟିର ସନ୍ତାନ ଏବଂ ସମସ୍ତଙ୍କ ଶ୍ରମର ମୂଲ୍ୟ ସମାନ, ସେ ଆର୍ଯ୍ୟ ହେଉ କି ଆଦିବାସୀ। ଏହି ଭାଇଚାରାର ଡୋରି ସମାଜକୁ ଏକକସୂତ୍ରରେ ବାନ୍ଧି ରଖିଥାଏ।

କ୍ଷମା, ବିନମ୍ରତା ଏବଂ ସାମାଜିକ ସଦ୍ଭାବ ନୈତିକତାର ମାନଦଣ୍ଡରେ ନୂଆଖାଇ ଏକ ସ୍ୱୟଂସମ୍ପୂର୍ଣ୍ଣ ବିଦ୍ୟାପୀଠ। ବର୍ଷକର ସମସ୍ତ ଅଭିମାନ, କଳହ, ତିକ୍ତତା ଏବଂ ଭେଦଭାବକୁ ବିସର୍ଜନ କରି 'ନୂଆଖାଇ ଜୁହାର୍' ମାଧ୍ୟମରେ ପରସ୍ପରକୁ ଆଲିଙ୍ଗନ କରିବା ଏହି ପର୍ବର ସାମାଜିକ ଅନ୍ତର୍ସାର। ମହାତ୍ମା ଗାନ୍ଧୀଙ୍କ ଅମର ବାଣୀ 'ଦୁର୍ବଳ ବ୍ୟକ୍ତି କେବେହେଲେ କ୍ଷମା କରିପାରେ ନାହିଁ। କ୍ଷମା ହେଉଛି ବଳବାନ୍ ବା ମହାନ ବ୍ୟକ୍ତିଙ୍କର ଗୁଣ।' (The weak can never forgive. Forgiveness is the attribute of the strong.) ଏହି ମହାନ ଚିନ୍ତାଧାରା ନୂଆଖାଇର ଆଚରଣରେ ପ୍ରତିଫଳିତ ହୁଏ। ଏହା ସମାଜର ଭଗ୍ନ ସଂପର୍କମାନଙ୍କୁ ପୁନର୍ଜୀବିତ କରେ ଏବଂ ସାମାଜିକ ଶୃଙ୍ଖଳାକୁ ଦୃଢ଼ କରେ। ବୟୋଜ୍ୟେଷ୍ଠଙ୍କୁ ପ୍ରଣାମ, କନିଷ୍ଠ ମାନଙ୍କୁ ଶ୍ରଦ୍ଧା ଓ ସମକକ୍ଷଙ୍କୁ କୋଳାଗ୍ରତ କରିବାର ଏହି ଅନନ୍ୟ ପରମ୍ପରା ସମାଜରୁ ଘୃଣା ଓ ପ୍ରତିହିଂସାର ଅନ୍ଧକାରକୁ ଦୂର କରି ପ୍ରେମ ଓ କରୁଣାର ଆଲୋକବର୍ତ୍ତିକା ପ୍ରଜ୍ୱଳିତ କରିଥାଏ।

ଜୀବନ ମୂଲ୍ୟବୋଧ, ମାନବତା ଏବଂ ଆଫ୍ରିକୀୟ ଦର୍ଶନ 'ଉବୁଣ୍ଟୁ'- ନୂଆଖାଇ କେବଳ ଗୋଟିଏ ସାମାଜିକ ଉତ୍ସବ ନୁହେଁ, ଏହା ହେଉଛି ଜୀବନକୁ ପରିପୂର୍ଣ୍ଣ ଭାବରେ ଉପଭୋଗ କରିବାର କଳା। ମାନବତାର ପରିସରକୁ ବ୍ୟାପକ କରି ଏହି ପର୍ବ ଆମକୁ ଶିକ୍ଷା ଦିଏ ଯେ ପ୍ରକୃତ ଜୀବନ ଏକାନ୍ତରେ ବଞ୍ଚିବାରେ ନାହିଁ, ବରଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ସୁଖଦୁଃଖ ବାଣ୍ଟିନେବାରେ ଅଛି। ଆଫ୍ରିକୀୟ ଦର୍ଶନର ପ୍ରସିଦ୍ଧ ମନ୍ତ୍ର "ଉବୁଣ୍ଟୁ" 'ମୁଁ ଅଛି, କାରଣ ଆମେ ସମସ୍ତେ ଅଛୁ। (I am because we are.) ଏହି ଭାବନା ନୂଆଖାଇର ସମଷ୍ଟିଗତ ଭୋଜନ ଓ ଉତ୍ସବରେ ସ୍ପଷ୍ଟ ପ୍ରତିଧ୍ୱନିତ ହୁଏ। କ୍ଷୁଧାର୍ତ୍ତକୁ ଅନ୍ନ ଏବଂ ନିରାଶ୍ରୟକୁ ଆଶ୍ରୟ ଦେବାର ଯେଉଁ ମନୋଭାବ ଏହି ପର୍ବ ସୃଷ୍ଟି କରେ, ତାହା ବିଶ୍ୱବନ୍ଦୀୟ ମାନବିକ ମୂଲ୍ୟବୋଧର ଶ୍ରେଷ୍ଠ ପରିପ୍ରକାଶ ଅଟେ। ଆଧୁନିକତାର ଅନ୍ଧ ଦୌ?ରେ ଯେତେବେଳେ ମଣିଷ ନିଜର ମୂଳ ଏବଂ ପ୍ରକୃତିଠାରୁ ଦୂରେଇ ଯାଉଛି, ସେତେବେଳେ ନୂଆଖାଇ ସମଗ୍ର ବିଶ୍ୱର ମାନବଜାତିକୁ ଏକ ଶାଶ୍ୱତ ବାର୍ତ୍ତା ପ୍ରଦାନ କରୁଛି 'ମାଟିକୁ ଭଲ ପାଅ, ଶ୍ରମକୁ ସମ୍ମାନ ଦିଅ ଏବଂ ପରସ୍ପରକୁ ଆପଣେଇ ନିଅ।' ପ୍ରକୃତିର ଧ୍ୱଂସ ନୁହେଁ, ବରଂ ସୁରକ୍ଷା ହିଁ ମାନବ ଜାତିର ଭବିଷ୍ୟତକୁ ସୁରକ୍ଷିତ କରିପାରିବ। ଏହି ମହାପର୍ବ ଆମକୁ ଆମର ଅତୀତର ମେରୁଦଣ୍ଡ, ସଂସ୍କୃତିର ସୁଗନ୍ଧ ଏବଂ ମାନବତାର ପବିତ୍ରତାକୁ ଜାବୁଡ଼ିଧରି ଆଗକୁ ବଢ଼ିବା ପାଇଁ ଅନନ୍ତ ପ୍ରେରଣା ଯୋଗାଇଥାଏ।



ମନୋଜ କୁମାର ଶତପଥୀ
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ
ନଟବର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମାବତୀ, ୭୫୨୦୬୩,
ନୟାଗଡ, ୯୯୩୮୫୫୯୫୬୮



## ବାର୍ତ୍ତା

# 'ଅକ୍ଷର ଓଡ଼ିଶା' ଜିଲ୍ଲା ଏବଂ ବ୍ଲକ୍ ପ୍ରତିନିଧିଗଣ



**ରାମ କୁମାର ସେନାପତି**
ଜିଲ୍ଲା ପ୍ରତିନିଧି, କଳାହାଣ୍ଡି



**ଟଙ୍କଧର ବିହାରୀ**
ସତନ୍ତ୍ର ଜିଲ୍ଲା ପ୍ରତିନିଧି, କଳାହାଣ୍ଡି



**ସୁରେନ୍ଦ୍ର କୁମାର ଜାଲ**
ଧର୍ମଗଡ଼ ପ୍ରତିନିଧି, କଳାହାଣ୍ଡି



**ପଙ୍କଜ କୁମାର ସାହୁ**
ଗୋଲାମୁଣ୍ଡା ବ୍ଲକ୍ ପ୍ରତିନିଧି, କଳାହାଣ୍ଡି



**ଗଗନ ଛତ୍ରିଆ**
ଜୟପାଟଣା ବ୍ଲକ୍ ପ୍ରତିନିଧି, କଳାହାଣ୍ଡି



**ମଙ୍ଗରାଜ ବହେରା**
କୋକସରା ବ୍ଲକ୍ ପ୍ରତିନିଧି, କଳାହାଣ୍ଡି

## ମାଛ ମାରିବାକୁ କେନ୍ଦ୍ର କରି ଗଣ୍ଡଗୋଳ, ୫ ଅଟକ, ଥାନାରେ ୨ ଟି ମାମଲା ରୁଜୁ

ଖଣ୍ଡପଡା,ଭାପୁର ୧୫।୯ (ଅକ୍ଷର ଓଡ଼ିଶା): ମାଛ ମାରିବା ସମୟରେ ପାଣି ଗୋଳିଆ ହେବାକୁ କେନ୍ଦ୍ର କରି ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାଡପିଟ ହେବା ଘଟଣାରେ ପୁଲିସ ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ଫତେଗଡ ଥାନାରେ ୨ ଟି ମାମଲା ରୁଜୁ କରିବା ସହ ଘଟଣାରେ ସଂପୃକ୍ତ ଅଭିଯୋଗରେ ୫ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଘଟଣାକ୍ରମେ ଫତେଗଡ ଥାନା ଅଧୀନ ଶାସନ ପଞ୍ଚାୟତ, ଟିକିରିପଡା ଗ୍ରାମ କୈବର୍ତ୍ତସାହିର କିଛି ଯୁବକ ନିକଟସ୍ଥ ଖଇରି ନାଳରୁ ମାଛ ମାରୁଥିଲା ବେଳେ ସେହି ନାଳ ନିକଟରେ ହେମନ୍ତପାଟଣା ଗ୍ରାମର କିଛି ମହିଳା ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ତୁଠରେ ସ୍ନାନ କରୁଥିଲେ। ତେବେ ମାଛ ମାରିବା ସମୟରେ ପାଣି ଗୋଳିଆ ହେବାରୁ ସ୍ନାନ କରୁଥିବା ମହିଳା ଓ ସେଠାରେ ଉପସ୍ଥିତ ଥିବା କିଛି ଯୁବକ ମାଛ ମାରିବାକୁ ବିରୋଧ କରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାକୁ କେନ୍ଦ୍ର କରି ଟିକିରିପଡା ଗ୍ରାମର କିଛି ଯୁବକ ଏକ ଅଟୋ ଯୋଗେ ହେମନ୍ତପାଟଣା ଗ୍ରାମରେ ଶନିବାର ପହଞ୍ଚି ଗଣ୍ଡଗୋଳ କରୁଥିବା ବେଳେ ହେମନ୍ତପାଟଣା ଗ୍ରାମବାସୀ ଏକଜୁଟ ହୋଇ ଟିକିରିପଡା ଗ୍ରାମର ୫ ଜଣ ଯୁବକଙ୍କୁ ଗ୍ରାମରେ ଅଟକ ରଖି ଫତେଗଡ ପୁଲିସକୁ ଖବର ଦେଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ଯୁବକମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କ ଦ୍ୱାରା ବ୍ୟବହୃତ ଅଟୋ,ବାଇକକୁ ଜବତ କରିଥିବା ଜଣାଯାଇଛି।ଗଣ୍ଡଗୋଳ ଘଟଣା ସଂପର୍କରେ ହେମନ୍ତପାଟଣା ଗ୍ରାମର ବବିତା ମଲ୍ଲିକ ଓ ଟିକିରିପଡା ଗ୍ରାମର କବିତା ବାରିକ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିବା ଫତେଗଡ ଥାନା ଭାରପ୍ରାପ୍ତ ଅଧିକାରୀ ଠାରୁ ପ୍ରକାଶ।ତେବେ ଏହି ଘଟଣାକୁ ନେଇ ଉଭୟ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା ସୂଚନା ମିଳିଛି।

**ପୁଣି ଦାଦନ ଦୁଃଖ !**

## ନିଜେ ପାଲଟିଗଲେ ଶବ

ନାରାୟଣପାଟଣା, ୧୫।୯: (ଗିରିଧର ଖରା) ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ନାରାୟଣପାଟଣା ଥାନା ଅଧୀନ ଗାରିଆଘାଟ ସାହିର ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ଆପାରାଓ ଖରାଙ୍କ ଜ୍ୟେଷ୍ଠ ପୁଅ ତପନ ଖରା (୨୮)। ସେ ତାମିଲନାଡୁର ତ୍ରିପୁର ଅଞ୍ଚଳ କାଙ୍ଗିଆମ୍ବ ଗାଁର ଏକ ଘରୋଇ କମ୍ପାନୀରେ ରଙ୍ଗ କାମ କରୁଥିଲେ। ସୂଚନା ଅନୁସାରେ, ରାତି ପ୍ରାୟ ୧ଟାରେ ତପନ ପରିଶ୍ରା କରିବାକୁ ବାହାରକୁ ଯାଇଥିଲେ। ଆଉ ଫେରିନଥିଲେ। ପରେ ସାଥୀ ଶ୍ରମିକମାନେ ତାଙ୍କ ମୃତଦେହ ଦେଖି ପରିବାରକୁ ଫୋନ୍‌ରେ ଖବର ଦେଇଥିଲେ। ତପନଙ୍କ ମୃତ୍ୟୁକୁ ନେଇ ପରିବାର ସନ୍ଦେହ ପ୍ରକାଶ କରିଛି। ଘଟଣାର ସଠିକ ତଦନ୍ତ କରି ପ୍ରକୃତ କାରଣ ଜଣାଇବା ସହ ମୃତଦେହକୁ ଗାଁକୁ ଫେରାଇ ଆଣିବା ଏବଂ ଦୁଇ ସନ୍ତାନ ସମେତ ପରିବାରକୁ ସରକାରୀ ସହାୟତା ଓ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

> ମୃତ୍ୟୁକୁ ନେଇ ପରିବାରର ସନ୍ଦେହ, ତଦନ୍ତ ଓ କ୍ଷତିପୂରଣ ଦାବି

## ସାହାରାଗୋଡା ଗ୍ରାମରେ ୩ ଟିକିଆ ହାତୀପଲ, ଭୟଭୀତ ଗ୍ରାମବାସୀ



ବନ୍ତଲା, ୧୫।୯ (ଅକ୍ଷର ଓଡ଼ିଶା): ଅନୁଗୋଳ ରେଞ୍ଜ ଅନ୍ତର୍ଗତ ସାହାରାଗୋଡା ଗ୍ରାମରେ ଦେଖିବାକୁ ମିଳିଛି ୩ ଟିକିଆ ହାତୀପଲ। ଗ୍ରାମ ନିକଟରେ ହାତୀପଲ ଘୁରି ବୁଲୁଥିବା ଖବର ପ୍ରଚାର ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହାତୀପଲ ଧାନ ଫସଲ ନଷ୍ଟ କରୁଥିବା ରୁ ଚାଷୀ ମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ହାତୀପଲ ଜନବସତି ନିକଟକୁ ଆସିଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବିଶେଷକରି ରାତି ସମୟରେ ଲୋକଙ୍କ ଯାତାୟାତ ନେଇ ଆଶଙ୍କା ବଢ଼ିଛି। ବନ ବିଭାଗ ପକ୍ଷରୁ ହାତୀପଲର ଗତିବିଧି ଉପରେ ନଜର ରଖିବା ସହ ଲୋକଙ୍କୁ ସତର୍କ ରହିବାକୁ ସଚେତନ କରାଯାଉଛି। ହାତୀପଲକୁ ସୁରକ୍ଷିତ ଭାବେ ଜଙ୍ଗଲ ଅଞ୍ଚଳକୁ ଘଉଡ଼ାଇବା ପାଇଁ ବନ ବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



ଅସ୍ତରଙ୍ଗ ୧୫।୯(ଅକ୍ଷର ଓଡ଼ିଆ)ଅସ୍ତରଙ୍ଗ ବ୍ଲକ ଉକୁଳେଇ ଛକ ରେ ଥିବା ଏକ ଦୋକାନ ଘର ନିକଟରେ ଜଣେ ଅଜଣା ବ୍ୟକ୍ତି ଗାମୁଛା ପିନ୍ଧି ବନ୍ଦ ଥିବା ଦୋକାନ ଆଗରେରେ ନିଶ୍ଚଳ ହୋଇ ବସି ରହିଥିବା ନାକରୁ ରକ୍ତ ସ୍ରାବ ହୋଇଥିବା ସ୍ଥାନୀୟ ଲୋକ ଦେଖିବା ପରେ ଅସ୍ତରଙ୍ଗ ପୋଲିସ ଙ୍କୁ ଜଣାଇଥିଲେ ସୂଚନା ପାଇ ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରି ବ୍ୟକ୍ତି ଙ୍କର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ ସୁଦ୍ଧା ବ୍ୟକ୍ତି ଙ୍କର କୌଣସି ପରିଚୟ ମିଳି ପାରି ନାହିଁ।ପାଖରେ ହଲେ ଚପଲ ପଡି ରହିଛି, ଏହି ଘଟଣା କୁ ନେଇ ଭିନ୍ନ ଭିନ୍ନ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ପୋଲିସର ତଦନ୍ତ ଜାରୀ ରହିଛି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଖଣ୍ଡପଡ଼ା ୧୫।୯ (ଅକ୍ଷର ଓଡ଼ିଶା): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି।ଭାରତୀୟ ରେଡକ୍ରସ ସୋସାଇଟି ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଜୀବନୀ ଓ କାର୍ଯ୍ୟକ୍ରମ ପାଳନର ମହତ୍ତ୍ୱ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ଗୋସ୍ୱାମୀ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଧାନଶିକ୍ଷକ ରଶ୍ମି ରଞ୍ଜନ ସେଠୀଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା।

## କଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା ପାଳିତ

କଟକ,୧୫।୯ (ଅକ୍ଷର ଓଡ଼ିଶା): କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜା ସ୍ଥିତ କଳପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ମୁଖ୍ୟ ଦାୟିତ୍ୱରେ ଥିବା ଜ୍ୟୋତି ରଞ୍ଜନ ଭୋଳ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପଲତା ଗିରି , ଭକ୍ତିପୁଷ୍ପା ଶତପଥୀ , ସମିତା ଗୌଧୁରୀ, ଅନୁପମା ବିଶ୍ୱାଳ, ସଙ୍ଗୀତା ପଣ୍ଡା, କସ୍ତୁରୀ ସ୍ୱାଇଁ, ଶାନ୍ତିଲତା ବେଉରା, ଶୁଭାଙ୍ଗିନୀ ପ୍ରଧାନ, ବାସନ୍ତୀ ସାହୁ, ପ୍ରିୟଦର୍ଶନୀ ବାରିକ, ସ୍ମରଣିକା ଦାସ, ମନସ ସ୍ୱିନୀ ମହାପାତ୍ର, ସନ୍ତୋଷୀ ମହାପାତ୍ର, ଅମ୍ରିତା ସ୍ୱାଇଁ, ଭାରତୀ ସ୍ୱାଇଁ, ଚିନମୟ ଭୋଳ, ବୁଦ୍ଧିଆ ଭୋଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ ୬୦୦ ରୁ ଉର୍ଦ୍ଧ ପିଲାମାନେ ଯୋଗ ଦେଇଥିଲେ।

## ଖୁଣ୍ଡୋରେ ଧୁମଧାମରେ ସିଦ୍ଧିବିନାୟକ ଗଣେଶ ପୂଜା



କଣିହାଁ,୧୫।୯(ଅକ୍ଷର ଓଡ଼ିଶା): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଖୁଣ୍ଡୋ ଗ୍ରାମରେ ସେପ୍ଟେମ୍ବର ୧୪ ତାରିଖରେ ଶ୍ରୀ ଶ୍ରୀ ସିଦ୍ଧିବିନାୟକ ଗଣେଶ ପୂଜା କମିଟି ପକ୍ଷରୁ ବେଶ ଧୁମଧାମ ଓ ଉତ୍ସାହର ସହ ଗଣେଶ ପୂଜା ପାଳିତ ହୋଇଯାଇଛି।

କମିଟି ସଭାପତି ଲିକୁ ସାହୁ, ଉପସଭାପତି କ୍ଷେତ୍ରମଣି ବେହେରା, ସମ୍ପାଦକ ବଳଭଦ୍ର ବେହେରାଙ୍କ ସମେତ କମିଟିର ସମସ୍ତ ଯୁବକଙ୍କ ଆନୁକୂଲ୍ୟରେ ପୂଜା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଭାତରୁ ଗ୍ରାମବାସୀମାନେ ଏକାଠି ହୋଇ ସୁସଜ୍ଜିତ ପୂଜା ମଣ୍ଡପରେ ଶ୍ରୀଗଣେଶଙ୍କ ବିଗ୍ରହ ସ୍ଥାପନ କରି ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଗ୍ରାମର ଯୁବକମାନଙ୍କ ପକ୍ଷରୁ ଆକର୍ଷଣୀୟ ଆଲୋକମାଳା ଓ ବିଭିନ୍ନ ସାଜସଜ୍ଜାରେ ପୂଜା ମଣ୍ଡପକୁ ସୁନ୍ଦର ଭାବେ ସଜାଯାଇଥିଲା। ସନ୍ଧ୍ୟା ସମୟରେ ଭଜନ, ନୃତ୍ୟ, ନାଟକ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଗ୍ରାମବାସୀଙ୍କ ସହ ଅଞ୍ଚଳର ଲୋକମାନେ ମଧ ଯୋଗଦେଇ ଉତ୍ସବର ଆନନ୍ଦ ନେଇଥିଲେ। ଏହି ଅବସରରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ଗଣପତି ବାପାଙ୍କ ନିକଟରେ ସମସ୍ତଙ୍କ ସୁଖ, ଶାନ୍ତି, ସମୃଦ୍ଧି, ବୁଦ୍ଧି ଓ ବିଦ୍ୟା ପାଇଁ ପ୍ରାର୍ଥନା କରିଥିଲେ। ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ପୂଜା କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ରାଜସୁନାଖଳାରେ ଗଣେଶ ପୂଜା ପାଳିତ



ରଣପୁର, ୧୫।୯(ଅକ୍ଷର ଓଡିଶା): ଗଣେଶ ପୂଜା ଉତ୍ସବ ଓଡ଼ିଶାର ଏକ ପ୍ରମୁଖ ଓ ଲୋକପ୍ରିୟ ସାଂସ୍କୃତିକ ଗଣପର୍ବ, ଯାହା ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ ଆନନ୍ଦ ଏବଂ ଉଲ୍ଲାସର ସହ ପାଳିତ ହୋଇଯାଇଅଛି। ଏହି ଅବସରରେ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳାସ୍ଥିତ ଗଣେଶ ବଜାରବଣିକ ସଂଘ ଆନୁକୂଲ୍ୟରେ ଧୂମଧାମରେ ୫୨ତମ ବାର୍ଷିକ ପବିତ୍ର ଗଣେଶ ପୂଜା ପାଳିତ ହେଇଯାଇଅଛି ! ଧାର୍ମିକ ରୀତିନୀତି ଓ ପ୍ରସାଦ ସେବନ ଷୋଡ଼ଶୋପଚାର ପୂଜା,ପବିତ୍ର ମୁହୂର୍ତ୍ତରେ ପଣ୍ଡିତମାନଙ୍କ ଦ୍ୱାରା ମନ୍ତ୍ରପାଠ, ବୈଦିକ ରୀତିନୀତି ଓ ଆରତୀ ମାଧ୍ୟମରେ ପ୍ରଭୁ ଗଜାନନାନଙ୍କର ପ୍ରାଣ ପ୍ରତିଷ୍ଠା ଓ ପୂଜାର୍ଚ୍ଚନା କରାଯାଇଥିଲା। ଦୀର୍ଘ ୫ଦିନ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବ। ପୂର୍ବାହ୍ନରେ ୯ଟାରେ ପୂଜା ଆରମ୍ଭ, ୧ଟାରେ ପୁଷ୍ପାଞ୍ଜଳୀ ପ୍ରଦାନ, ଅପରାହ୍ନ ୩ଟାରେ ସଂକୀର୍ତ୍ତନ ସନ୍ଧ୍ୟା ୭ଟାରେ ଶ୍ରୀମଦ ଭାଗବତ। ମଙ୍ଗଳବାର ଦିନ ୧୧ଟାରେ ବାଦୀ ଦୁଆରୀ, ବୁଧବାର ଦିନ ୩ଟାରେ ମହାଭାରତ, ଗୁରୁବାରଦିନ ୩ଟାରେ ନବରଙ୍ଗୀ ଓ ଶୁକ୍ରବାର ଦିନ ୩ଟାରେ ଭସାଣି ଉତ୍ସବ ପାଳନ କରାଯିବ ବୋଲି ବଣିକ ସଂଘର ସଭାପତି ପ୍ରକାଶ ଚନ୍ଦ୍ର ମାର୍ଥା ସୂଚନା ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ଘନଶ୍ୟାମ ସାହୁ, ଜଗନ ନାୟକ ପ୍ରମୁଖଙ୍କ ସମେତ ବଣିକ ସଂଘର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରି ପରିଚାଳନା କରିଥିଲେ। ସେହିପରି ରାଜସୁନାଖଳାସ୍ଥିତ ସୁନାଖଳା ସାହି ଶ୍ରୀ ଚୈତନ୍ୟ ଦେବ ଯୁବକ ସଂଘ ଆନୁକୂଲ୍ୟରେ ପଭୁ ବିଘ୍ନ ବିନାଶକଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଅଛି।

## ବାଣପୁରରେ ଗଣେଶ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଣପୁର, ୧୫।୯ (ଅକ୍ଷର ଓଡ଼ିଶା): ଖୋର୍ଦ୍ଧା ଜିଲ୍ଲା ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୬, ଦାସଘର ସାହି ଠାରେ ଓଁ ଶ୍ରୀ ଶ୍ରୀ ବିଘ୍ନେଶ୍ୱରାୟ ପୂଜା କମିଟି ପକ୍ଷରୁ ଶ୍ରୀଗଣେଶ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଏକ ଭବ୍ୟ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ପୂଜା କମିଟିର ସଭାପତି ଶ୍ରୀକାନ୍ତ ଦାସ, ଉପସଭାପତି ନୀଳକଣ୍ଠ ସାହୁ, ସମ୍ପାଦକ ପ୍ରୟାସ ଦାସ, ପରିଚାଳକ ଅଶୋକ ପ୍ରଧାନ ଓ ସିପୁ ପ୍ରଧାନ, ସଂଯୋଜକ ବିଶ୍ୱଜିତ ମଙ୍ଗରାଜ ଏବଂ ଉପଦେଷ୍ଟା ଶିବକାନ୍ତ ଦାସଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଶ୍ରୀ ଜିତେନ୍ଦ୍ର କୁମାର ବସ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ଓ ନଡ଼ିଆ ଭାଙ୍ଗି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ବସ୍ତି ଛାତ୍ରଛାତ୍ରୀ ଓ ଛୋଟ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପ୍ରଭୁ ଗଣେଶଙ୍କୁ କେବଳ ପୂଜା କରିବା ନୁହେଁ, ତାଙ୍କର ନୀତି, ଆଦର୍ଶ, ଜ୍ଞାନ, ଏକାଗ୍ରତା ଓ ଶୃଙ୍ଖଳାକୁ ଜୀବନରେ ଅନୁସରଣ କରିବା ଆବଶ୍ୟକ। ନିଷ୍ଠା ଓ ପରିଶ୍ରମ ସହ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ସେ ମତ ଦେଇଥିଲେ। ସଦସ୍ୟମାନଙ୍କୁ ପରିବେଶ ସୁରକ୍ଷା, ସ୍ୱଚ୍ଛତା ଓ ସାମାଜିକ ଦାୟିତ୍ୱ ପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ।

## ସିଂହାସନରେ ବିରାଜମାନ ହେଲେ ପାର୍ବତୀ ନନ୍ଦନ ଅଗ୍ରପୂଜ୍ୟ ବାବା ଗଜାନନ

ତାଳଚେର,୧୫।୯ (ଅକ୍ଷର ଓଡ଼ିଶା): ସନାତନ ପରମ୍ପରାର ପ୍ରଥମ ପୂଜ୍ୟ ହଉଛନ୍ତି ଗଣେଶ । ସେଥିପାଇଁ କୌଣସି ଶୁଭକାର୍ଯ୍ୟ ଯଥା- ବିବାହ, ଗୃହପ୍ରବେଶ, ବ୍ରତ-ସଂକଳ୍ପ, ହବନ -ପୂଜନ-ଯଜ୍ଞ ଆଦି ପ୍ରାରମ୍ଭ କରିବା ପୂର୍ବରୁ ଗଣେଶଙ୍କୁ ସ୍ମରଣ କରାଯାଏ। ମାନ୍ୟତା ଅନୁସାରେ ଏପରି କରିବା ଦ୍ୱାରା କାର୍ଯ୍ୟପୂର୍ଣ୍ଣ ହୁଏ ଓ ସେଥିରେ ବାଧାବିଘ୍ନ ଗଣେଶ ଭଗବାନଙ୍କ ଦୟାରୁ ଦୂର ହୋଇଥାଏ। ଗଜମୁର୍ଖ, ଗରିହାତ ଓ ଏକ ଭାରୀ ଶରୀର ପୂଜା ପାଇଥାନ୍ତି ବିଘ୍ନହର୍ତା। ପ୍ରକୃତିର ଶକ୍ତି ଗୁଡ଼ିକର ସେ ହେଉଛନ୍ତି ବିରାଟ ସ୍ୱରୂପ । ମୁଦଲ୍ଲ ଓ ଗଣେଶ ପୁରାଣରେ ତାଙ୍କର ୩୨ଟି ମଙ୍ଗଳକାରୀ ସ୍ୱରୂପର ଉଲ୍ଲେଖ ରହିଛି। ସେଥିରେ ରହିଛି ତାଙ୍କର ବାଳକ ରୂପ ଓ କିଶୋର ଉର୍ଜାବାନ ସ୍ୱରୂପ। ଏହି ପୁରାଣ ଗୁଡ଼ିକ ଅନୁସାରେ ଭଗବାନ ଗଣେଶ ହିଁ ସୃଷ୍ଟିର ପ୍ରଧାନ ଶକ୍ତି। ତାଙ୍କ ଭିତରେ ଭଗବାନ ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କ ଶକ୍ତି ସମାହିତ। ତେବେ କର୍ଣ୍ଣାଟକର ମହେଶୁର ପାଖରେ ଏକ ଶିବ ମନ୍ଦିରରେ ଭଗବାନ ଗଣେଶଙ୍କର ସମସ୍ତ ୩୨ଟି ରୂପ ଦେଖିବାକୁ ମିଳେ। ସେହି ମନ୍ଦିରରେ ଦେବୀ ଦେବତାମାନଙ୍କର ଶହେରୁ ଅଧିକ ପ୍ରତିମା ବିଭିନ୍ନ ସ୍ୱରୂପରେ ପୂଜା ପାଉଛନ୍ତି। ଶ୍ରୀ ଗଣେଶ ଏହି ୩୨ଟି ରୂପରେ ଅଲଗା ଅଗଲା ମୁଖକୃତୀ ସହିତ ତାଙ୍କର ସ୍ୱରୂପ ଓ ତାଙ୍କ ଠାରୁ ମିଳୁଥିବା ପ୍ରେରଣା ଅନୁକରଣୀୟ ଅଟେ। ଉତର ଭାରତ ଦେଶର ଅନ୍ୟ ସ୍ଥାନରେ ସାଧାରଣତଃ ଗଣେଶଜୀଙ୍କ ୩ଟି ସ୍ୱରୂପ ଦେଖିବାକୁ ମିଳେ । ଏଥି ମଧ୍ୟରେ ବାଲଗଣପତି, ବରଦ ଗଣପତି ଅର୍ଥାତ୍ ବରଦାନ ଦେଉଥିବା ଗଣପତି ଓ ସିଦ୍ଧ ଗଣପତି (ସିଦ୍ଧିଦାତା) ପ୍ରମୁଖ। ତାଙ୍କର ଏହି ତିନି ସ୍ୱରୂପଙ୍କୁ ସର୍ବାଧିକ ପୂଜା କରାଯାଏ । ଆଜି ଭାଦ୍ରବମାସ ଶୁକ୍ଳପକ୍ଷ ତୃତୀୟା ଙ୍ଗ ତା ୨୭/୦୮/୨୦୨୫ ରିଖ ଅଗ୍ରପୂଜ୍ୟ ପାର୍ବତୀ ନନ୍ଦନ ବାବା ଗଜାନନ ସିଂହାସନରେ ବିରାଜମାନ ହୋଇଛନ୍ତି। ପ୍ରଭୂ ଶ୍ରୀ ଗଣେଶଙ୍କ ପୂଜା ନିମନ୍ତେ ତାଳଚେରର ବିଭିନ୍ନ ପୂଜାମଣ୍ଡପ ଗୁ?କରେ କାର୍ଯ୍ୟକର୍ତାମାନଙ୍କର ତତ୍ପରତା ଦେଖିବାକୁ ମିଳିଥିଲା । ତାଳଚେରରେ ବୋହି ଯାଉଥିବା ଚିରୋସ୍ରୋତା ବ୍ରାହ୍ମଣୀନଦୀ କୂଳରେ ସକାଳୁ ବ୍ରାହ୍ମଣଙ୍କ ଦ୍ୱାରା ପୂଜାପାଠ ଓ ହୋମଯଜ୍ଞ କରାଯାଇ ସମସ୍ତ ପୂଜାମଣ୍ଡପର କାର୍ଯ୍ୟକର୍ତାମାନେ କଳସୀରେ ଜଳ ସଂଗ୍ରହ କରି ଝାଞ୍ଜ, ଘଂଟ, ବାଦ୍ୟ ଓ ମୃଦଙ୍ଗ ବଜାଇ ନିଜ ନିଜ ପୂଜାମଣ୍ଡପକୁ ଆଣିଥିଲେ ଓ ସେଠାରେ କଳସ ସ୍ଥାପନ କରି ବାବା ଗଜାନନଙ୍କର ରୀତିନୀତି ଅନୁସାରେ ପୂଜାପାଠ ଓ ହୋମଯଜ୍ଞ କରାଯାଇ ପ୍ରଭୂଙ୍କ ମୂର୍ତ୍ତିରେ ବ୍ରାହ୍ମଣମାନେ ଜୀବଦାନ ଦେଇଥିଲେ। ପୂଜା ସମାପ୍ତ ହେବା ପରେ ବିଭିନ୍ନ ବ୍ୟବସାୟୀକ ପ୍ରତିଷ୍ଠାନ, ବଜାର, ମାର୍କେଟ ଇତ୍ୟାଦି ଗୁଡ଼ିକରେ ସମସ୍ତ ମେଢ଼ର ଅପରାହ୍ନ ୩ଘଟିକା ୩୦ମିନିଟ୍ ସମୟରେ ପୂଜା ସମାପନ ହେବା ସହ ବିଭିନ୍ନ ପୂଜାମଣ୍ଡପ ଗୁଡ଼ିକ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଥିଲା। ପ୍ରଭୂ ଗଜାନନଙ୍କ ସେଉବୁନ୍ଦିଆ ଏବଂ ଲଡୁ ଖାଇ ଛୋଟପିଲାମାନେ ବେଶ ଆନନ୍ଦ ଉଲ୍ଲାସ ହୋଇ ଘରକୁ ଫେରୁଥିବାର ଦେଖିବାକୁ ମିଳିଥିଲା।

## କଲରାଗଡ଼ରେ ନୂତନ ଜିମ ଉଦ୍‌ଘାଟନ



ଆଠଗଡ଼,୧୫।୯(ଅକ୍ଷର ଓଡ଼ିଶା): ପବିତ୍ର ଗଣେଶ ଚତୁର୍ଥୀରେ ତିଗିରିଆ ଥାନା ଅନ୍ତର୍ଗତ ଗୋଡିଝରିଆ କଲରାଗଡ ଛକରେ ଏକ ଅତ୍ୟାଧୁନିକ ବ୍ୟାମ୍ ଶାଳା (ଭିର୍ ଫିଟନେସ୍ )ଉଦଘାଟନ ହୋଇଯାଇଛି ଈ ଅଞ୍ଚଳର ଯୁବକ ଯୁବତୀ ମାନେ ସୁନ୍ଦର ସ୍ୱାସ୍ଥ୍ୟ ଗଢିବା ପାଇଁ ଯୁବ ସମାଜସେବୀ ବଲ୍ଲଭ ପାତ୍ର ବହୁ ଟଙ୍କା ଖର୍ଚ୍ଚ କରି ଏହି ବ୍ୟାମ୍ ଶାଳାକୁ ତିଆରି କରିଛନ୍ତି। ଯୋଉଠାରେ କି ମାଗଣାରେ ଯୁବକ ଯୁବତୀ ମାନେ ନିଜର ନାମ ପଞ୍ଜିକରଣ କରି ବ୍ୟାମ୍ କରିପାରିବେ। ଉତ୍ସବକୁ ରାଜ୍ୟ ତଥା ଦେଶର ଖ୍ୟାତନାମା ବଡିବିଲଡର ଅମିତ୍ ଭୂୟାଁ ଯେ କି ମିଷ୍ଟର ୱାର୍ଲ୍ଡ ଓ ମିଷ୍ଟର ଏସିଆ ସମ୍ମାନ ପାଇଛନ୍ତି। ଶୁଭଙ୍କର ରାଉତ ଗୋଲ୍ଡ ମେଡାଲିଷ୍ଟ ଓ ମିଷ୍ଟର ଓଡ଼ିଶା ସମ୍ମାନ ପାଇଛନ୍ତି, ଜଗନ୍ନାଥ ଖୁଣ୍ଟିଆ ମିଷ୍ଟର ଓଡିଶା, ୱାର୍ଲଡ, ସମ୍ମାନ ପାଇଛନ୍ତି।

## ରଘୁନାଥପୁର ବ୍ଲକର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ



ରଘୁନାଥପୁର, ୧୫।୯(ଅକ୍ଷର ଓଡ଼ିଶା) ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ରେ ପ୍ରଭୁ ଗଜାନନଙ୍କ ଜନ୍ମଦିନ, ଏହାକୁ ଗାଁ ଠୁ ସହର ପର୍ଯ୍ୟନ୍ତ ସମସ୍ତେ ଭିନ୍ନ ଭିନ୍ନ ସାଜସୁଜ୍ଜାରେ ପୂଜା କରନ୍ତି, ଭାରତ ବର୍ଷ ରେ ପ୍ରଭୂ ଗଣେଶ ଙ୍କ ପୂଜା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବାବେଳେ କ୍ଷ ରଘୁନାଥ ପୁର ବ୍‌ଲକ ର ବିଭିନ୍ନ ଅଞ୍ଚଳରେ ଏହି ଉତ୍ସବ ମହା ଆଡମ୍‌ବର ରେ ପାଳିତ ହୋଇଯାଇଅଛି, ରଘୁନାଥ ପୁର ବ୍ଲକର ରଘୁନାଥ ପୁର ବଜାର, ଚାନ୍ଦପୁର ,କୋଟକଣା ଗ୍ରାମ, ଜଗନ୍ନାଥ ପୁର ବିରାଡ଼ି କଟକ, ପଟଣୀ ଗାଁ, ରେଢୁଆ , ତାରପୁର , ଜଇପୁର , ବରକ୍ଷଗୋଳ ,ଅଞ୍ଚଳ ଓ ରଘୁନାଥ ପୁର ବ୍ଲକ ଅଧୀନରେ ରେ ଥିବା ବିଭିନ୍‌ସ ସରକାରୀ ବେସରକାରୀ ଶିକ୍ଷାଅନୁଷ୍ଠାନ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ଏହି ଗଣେଶ ପୂଜା କୁ ମହାଆନନ୍ଦ ରେ ପାଳନ କରିଛନ୍ତି।

# ସଂଗ୍ରାମୀ-ବିନାୟକ



ଶାନ୍ତନୁ ବିଶୋଇ
ପୋଦଣ୍ଡୋର, କୁରାଳ, ଓଡ଼ଗାଁ,
ନୟାଗଡ-୭୫୨୦୯୦
ମୋ- ୭୦୭୭୧୭୮୧୬

ଯେତେବେଳେ ଭାରତ ବର୍ଷ (ବ୍ରିଟିଶ ଇଣ୍ଡିଆ) ଇଂରେଜ ସରକାରଙ୍କ ବିରୋଧରେ ସ୍ୱାଧୀନତା ସଂଗ୍ରାମ କରିଚାଲିଥିଲେ ଠିକ୍ ସେହି ସମୟରେ ଓଡ଼ିଶାର ଗଡ଼ଜାତ ଅଞ୍ଚଳ ଗୁଡିକରେ ରାଜତନ୍ତ୍ର ଓ ଇଂରେଜ ସରକାର ବିରୁଦ୍ଧରେ 'ପ୍ରଜାମଣ୍ଡଳ ଆନ୍ଦୋଳନ' ମୁଣ୍ଡ ଟେକି ଉଠିଥିଲା। ନୟାଗଡ଼ ଗଡ଼ଜାତରେ ଦୀର୍ଘ ଏଗାର ବର୍ଷ ନିର୍ଘାତ ଆନ୍ଦୋଳନର ନିଷ୍କର୍ଷ ଥିଲା ନିଷ୍ଠୁର ରାଜତନ୍ତ୍ରରୁ ମୁକ୍ତି ଏବଂ ଇଂରେଜ ସରକାର ଠାରୁ ସ୍ୱାଧୀନତା ପ୍ରାପ୍ତି। ରାଜରୋଷ, ଅକଥନୀୟ ଅତ୍ୟାଚାର, ବେତ୍ରାଘାତ, ଅନାହାର ମୃତ୍ୟୁ, ଜୀବନ ସହ କଷ୍ଟଲବ୍ଧ ଲୁଚକାଳି ଖେଳ ଏବଂ ସଶ୍ରମ କାରାଦଣ୍ଡକୁ ଗଳାର ହାର କରି ଯେଉଁ କେତେଜଣ ଦେଶପ୍ରେମୀ ନିଃସ୍ୱାର୍ଥପର ଭାବରେ ପରିବାରକୁ ପଛ କରିବା ପୂର୍ବକ ସାଧାରଣ ଜନତାର ଅଧିକାର ଛଡ଼ାଇ ଆଣିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ ସେମାନଙ୍କ ଆତ୍ମଜୀବନୀର ଅନ୍ୟନାମ ଥିଲା 'ପ୍ରଜାମଣ୍ଡଳ ଆନ୍ଦୋଳନ'। ନୟାଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନର ଏକ୍ତୁଡ଼ିଶାଳ ଥିଲା ବୀର ଭୂମି ଓଡ଼ାଗାଁ। ନାରାୟଣ ନନ୍ଦ, ନରସିଂହ ନନ୍ଦ, ଲକ୍ଷ୍ମଣ ମହାରଣା, ବାସୁ ପରିଡ଼ା, ରାମଚନ୍ଦ୍ର ମହାନ୍ତି ଭଳି ତୁଙ୍ଗ ସଂଗ୍ରାମୀମାନେ ଜୀବନକୁ ପାଣି ଛଡ଼ାଇଟ୍ଟ ପ୍ରଜାମଣ୍ଡଳ ଆନ୍ଦୋଳନରେ ଝାସ ଦେଇ ଇତିହାସ ରଚନା କରି ଯାଇଛନ୍ତି। ପାନ ବର୍ଜନ ଆନ୍ଦୋନ ଏବଂ ଓଡ଼ଗାଁ ଲୁଟ୍ ଭଳି ଛାତିଥରା ଘଟଣା ପ୍ରବାହକୁ ସାମ୍ନା କରିବା କମ୍ ସାହସିକତାର କାମ ନୁହେଁ। ଏମାନଙ୍କ ସହିତ ଛାଇ ପରି ରହିଟ୍ଟ ପ୍ରଜାମଣ୍ଡଳ ଆନ୍ଦୋଳନକୁ ସଶକ୍ତ ଓ ସଫଳ କରିବାରେ ଅନେକ ସହଯୋଗୀଙ୍କର ପ୍ରଚ୍ଛନ୍ନ ହାତ ରହିଅଛି। ସେମାନଙ୍କର ଭୂମିକାଟ୍ଟ କର୍ମତତ୍ପର ସଂଗ୍ରାମୀ ଶିରୋମଣି ରୂପୀ ପ୍ରଦୀପ ଶିଖାମାନଙ୍କ ପାଇଁ ଘୃତ ସଦୃଶ ଅଟେ। ଏମିତି ଜଣେ ସୁବାସିତ ଘୃତ, ସୁଗନ୍ଧିତ କସ୍ତୁରୀ ହେଉଛନ୍ତି କୁରାଳ ମାଟିର ଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ବିନାୟକ ମିଶ୍ର। ଯଦିଓ ଇତିହାସକାରଙ୍କ କାର୍ପଣ୍ୟତାରୁ ତାଙ୍କର ଜୀବନ ଇତିହାସଟ୍ଟ ଇତିହାସ ପୃଷ୍ଠାରେ ସ୍ଥାନିତ ହୋଇ ପାରି ନାହିଁ, ବିନାୟକ ମିଶ୍ରଙ୍କ ସ୍ ?ହସ୍ତ ଲିଖିତ ଏକ ଖାତାରେ ସବିଶେଷ ତଥ୍ୟ ଏବଂ ଶ୍ରୀଧର ଦାଶଙ୍କ 'ନୟାଗଡ଼ ପ୍ରଜାମଣ୍ଡଳ ଇତିହାସ' ପୁସ୍ତକରେ ସମ୍ୟକ୍ ସୂଚନା ତାଙ୍କ ଦେଶ ପ୍ରେମ, ଜନ ଜାଗରଣ ଓ ସଂଗ୍ରାମୀ ପଣିଆକୁ ଅନାବରଣ କରି ପାରିଛି।

ନୟାଗଡ଼ ଜିଲ୍ଲା, ଓଡ଼ଗାଁ ତାଲୁକା ଅନ୍ତର୍ଗତ ଇତିହାସ ପୃଷ୍ଠାରେ ପରିପୁଷ୍ଟ ମନ୍ଦିର ମାଳିନୀ କୁରାଳ ମାଟିରେ ତା ୦୯-୦୩-୧୯୧୭ ମସିହାରେ ପିତା ବାଲୁଙ୍କି ମିଶ୍ର ଓ ମାତା ମାଗୁଣି ଦେବୀଙ୍କ କୋଳ ମଣ୍ଡନ କରି ଏକ ଗରିବ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ବିନାୟକ ମିଶ୍ର। ଜନ୍ମର ଠିକ୍ ଦୁଇ ବର୍ଷ ପରେ ୧୯୧୯ ମସିହା ନୟାଗଡ଼ ରାଜ୍ୟ ଦେଖିଥିଲା କରାଳ ଦୁର୍ଭିକ୍ଷ। ହା' ଅନ୍ନର ଚିତ୍କାର ତଳେ କଟିଥିଲା ବିନାୟକ ମିଶ୍ରଙ୍କ ଶୈଶବ ଓ କୈଶୋର ଜୀବନ। ତତ୍କାଳୀନ ସମୟରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସେ' ଶିକ୍ଷା ଲାଭ କରିଥିଲେ। ଏହି ଶିକ୍ଷାଗତ ଯୋଗ୍ୟତା ପରବର୍ତ୍ତୀ ସମୟରେ ତାଙ୍କୁ ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବରେ ଗଢ଼ି ତୋଳିଥିଲା। ମାସିକ ଦରମା ଥିଲା ସାତ ଟଙ୍କା ମାତ୍ର। ବୟଃକ୍ରମେ ପଦ୍ମା ଦିବ୍ୟାଙ୍କ ପାଣି ଗ୍ରହଣ କରି ବିନାୟକ ମିଶ୍ର ଚାରି ପୁତ୍ର ଏବଂ ଦୁଇ କନ୍ୟା ସନ୍ତାନର ଜନକ ହୋଇ ପାରିଥିଲେ।ଶ୍ରୀନିବାସ ମିଶ୍ର, ରାମଚନ୍ଦ୍ର ମିଶ୍ର, ଉଷାରାଣୀ କର, ସୁଲକ୍ଷଣା ରଥ, ଅରୁଣ ମିଶ୍ର ଏବଂ ପ୍ରଭାକର ମିଶ୍ର ଥିଲେ ବିନାୟକ ମିଶ୍ର ଓ ପଦ୍ମା ଦିବ୍ୟାଙ୍କ ସନ୍ତାନ ସନ୍ତତି।

ବାଲ୍ୟକାଳରୁ ବିନାୟକ ମିଶ୍ର ଥିଲେ ସରଳ, ସ୍ୱାଭିମାନୀ ଓ ସ୍ୱାଧୀନଚେତା। ତାଙ୍କର ବିଦ୍ରୋହୀ ଆତ୍ମାଟ୍ଟ ସ୍ୱେଚ୍ଛାଚାରୀ ରାଜତନ୍ତ୍ର ଓ ଶୋଷକ ଇଂରେଜ ପଲିଟିକାଲ ଏଜେଣ୍ଟଙ୍କ ବିରୁଦ୍ଧରେ ବିପ୍ଳବୀ ହୋଇ ଉଠିଥିଲା। ଏହାର ପ୍ରତିକ୍ରିୟା ସ୍ୱରୂପ ୦୯-୦୯-୧୯୩୮ ମସିହା ଭାଗବତ ପୂର୍ଣ୍ଣମୀ ବା ଭାଦ୍ରବ ପୂର୍ଣ୍ଣମୀ ଦିନ ନରସିଂହ ନନ୍ଦ (ଓଡ଼ଗାଁ) ଙ୍କ ପ୍ରସ୍ତାବନା ଓ କୁବେର ସାହୁ (ବାହାଡ଼ାଝୋଲା) ଙ୍କ ସମର୍ଥନରେ ଓଡ଼ଗାଁ ଛାମୁ ସାହି ଠାରେ ଗଠିତ ଏବଂ ଅନୁଷ୍ଠିତ 'ନୟାଗଡ଼ ପ୍ରଜାମଣ୍ଡଳ'ର ବାଞ୍ଛାନିଧି ସେନାପତି(ବାହାଡ଼ାଝୋଲା)ଙ୍କ ସଭାପତିତ୍ୱରେ ବସିଥିବା ସଭାରେ ଏକୋଇଶି ବର୍ଷ ବୟସରେ ଯୋଗ ଦେଇ ସଂଗ୍ରାମୀମାନଙ୍କ ପାଇଁ ଡାକ ସେବା ବା ଗୁପ୍ତରେ ତଥ୍ୟ ଦିଆନିଆ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। ଏହା ଥିଲା ପ୍ରଜାମଣ୍ଡଳର ପ୍ରଥମ ଅଧିବେଶନ। ଓଡ଼ଗାଁ ଲକ୍ଷ୍ମଣ ମହାରଣାଙ୍କ ଅଧିନାୟକତ୍ୱରେ ଦଶ ସହସ୍ର ସଂଗ୍ରାମୀ ଓଡ଼ଗାଁ ପରିକ୍ରମା କରି ଏହି ନୟାଗଡ଼ ପ୍ରଜାମଣ୍ଡଳ ସଭାରେ ଯୋଗ ଦେଇଥିଲେ।

ଏହି ଘଟଣା ପ୍ରବାହର ସ୍ୱଳ୍ପକିଛି ତଥ୍ୟ ନୟାଗଡ଼ ପ୍ରଜାମଣ୍ଡଳ ଇତିହାସ ପୁସ୍ତକ 'ନୟାଗଡ଼ ପ୍ରଜାମଣ୍ଡଳର ପ୍ରଥମ ଅଧିବେଶନ ଓ ବିଧିବଦ୍ଧଭାବେ ପ୍ରଜାମଣ୍ଡଳ ଗଠନ' ବିଷୟ ବସ୍ତୁ ୨୯ ପୃଷ୍ଠାରେ ଶ୍ରୀଯୁକ୍ତ ଶ୍ରୀଧର ଦାଶ ଉଲ୍ଲେଖ କରିଛନ୍ତି। ଏବଂ ପ୍ରଜାମଣ୍ଡଳରେ ଯୋଗ ଦେବା କଥା ନିଜ ଆତ୍ମଜୀବନୀରେ ଶ୍ରୀଯୁକ୍ତ ବିନାୟକ ମିଶ୍ର ଲେଖି ଅଛନ୍ତି। ଆଣ୍ଠୁ ଲୁଚୁ ନଥିବା ଖଦଡ଼ ଓ ଫତେଇ ପରିଧାନ କରିବା ବିନାୟକ ମିଶ୍ରଙ୍କର ସ୍ୱାତନ୍ତ୍ରତା ଥିଲା। ସେ ହନୁମନ୍ତିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନାଥିଆ ପଲ୍ଲୀ ବିଦ୍ୟାଳୟ, ଜଗୁ ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ୧୯୭୨ ମସିହାରେ ଶିକ୍ଷକତା ବୃତ୍ତିରୁ ସେ ସେବା ନିବୃତ୍ତ ହୋଇଥଲେ ହେଁଟ୍ଟ ଅବ୍ୟବସ୍ଥା ଯୋଗୁଁ ୧୯୮୩ ମସିହାରେ ସରାକରଙ୍କ ଠାରୁ ତାଙ୍କୁ ଅବସର କାଳୀନ ଭତ୍ତା ପ୍ରାପ୍ତ ହୋଇଥଲା।

ମୋହନଦାସ କରମଚାନ୍ଦ ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଜୟପ୍ରକାଶ ନାରାୟଣ ପ୍ରଭୃତି ଭାରତୀୟ ତୁଙ୍ଗ ନେତୃବୃନ୍ଦଙ୍କ ପ୍ରକାଶିତ ବାର୍ତ୍ତା ତତ୍କାଳିନ ପତ୍ର ପତ୍ରିକାରୁ ପଢ଼ି ବିନାୟକ ମିଶ୍ର ଉଦବୁଦ୍ଧ ହୋଇଥଲେ। ଓଡ଼ିଶା ଖାସମାହଲ ଅଞ୍ଚଳର କଂଗ୍ରେସ ନେତା ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ଶ୍ରୀମତୀ ମାଳତୀ ଚୌଧୁରୀ, ବିଶ୍ ?ନାଥ ଦାସ ଓ ସାରଙ୍ଗଧର ଦାସଙ୍କ ଉପଦେଶାବଳୀକୁ ନେଇ ନୟାଗଡ଼ ପ୍ରଜାମଣ୍ଡଳରେ ଯୋଗଦେବା ପାଇଁ ମନସ୍ଥ କରିଥିଲେ।

ନୟାଗଡ଼ ପ୍ରଜାମଣ୍ଡଳର ଅନେକ କର୍ମୀଙ୍କ ସହିତ ମିଶି କାର୍ଯ୍ୟ କରିଥିବା କଥା ନିଜସ୍ୱ ଏକ ଟିପା ଖାତାରେ ବିନାୟକ ମିଶ୍ର ଉଲ୍ଲେଖ କରିଛନ୍ତି। ପ୍ରଜାମଣ୍ଡଳ କାର୍ଯ୍ୟକାରୀ ସଭାର ଆଲୋଚିତ କର୍ମ ପନ୍ଥା ଅନୁସାରେ ସେ' ନିଜକୁ ନିୟୋଜିତ କରିଥିଲେ। ବାଞ୍ଛାନିଧି ସେନାପତି (ସଭାପତି) ଜନାର୍ଦ୍ଦନ ସୁବୁଦ୍ଧି, ସୁଦର୍ଶନ ପୃଷ୍ଟି, ଖଲି ସାହୁ, କୁବେର ସାହୁ, ନାରାୟଣ ବେହେରା, ନାରାୟଣ ନନ୍ଦ, ନରସିଂହ ନନ୍ଦ, ଭରତ ନାୟକ, ଲକ୍ଷ୍ମଣ ମହାରଣା, ରାମକୃଷ୍ଣ ଅଧିକାରୀ, ରାମ ମହାନ୍ତି, ବିଦେଇ ମନ୍ତ୍ରୀ ବାସୁ ପରିଡ଼ା, ଜଗନ୍ନାଥ ସାହୁ, ଅରକ୍ଷିତ ସାହୁ, ନିତ୍ୟାନନ୍ଦ ଦାଶ, ହରିହର ଡାକୁଆ, ହରିହର ମହାପାତ୍ର, ଶ୍ରୀଧର ଦାଶ, ଶୁକ୍ରୁ ବେହେରା, ଉଦୟନାଥ ପୃଷ୍ଟି, ଶୁକ୍ର ତିଆଡ଼ି, ଶ୍ୟାମସୁନ୍ଦର ସାହୁ, ଲଡୁ ମିଶ୍ର, ଭରତ ସାହୁ, ରାହାସ ସାହୁ, ଦାମୋଦର ବେହେରା, ଲକ୍ଷ୍ମଣ ଭୂୟାଁ, ଭିକାରୀ ପଣ୍ଡା, ସୁଦାମ ବାରିକ, କସ୍ତୁରି ପରିଡ଼ା, ଆନନ୍ଦ ଚନ୍ଦ୍ର ସ୍ୱାଇଁ ଏବଂ ଗଦାଧର ସାହୁଙ୍କ ସହ ମିଶି ପ୍ରଜମଣ୍ଡଳ ଆନ୍ଦୋଳନ ପାଇଁ କାର୍ଯ୍ୟ କରିଥିଲେ। ଏତଦ୍ ବ୍ୟତୀତ ସେ କୁଶିଆ ପଧାନ, ରଘୁନାଥ ଜାନୀ, ମୁଳି ପଧାନ, ଭାଗବତ ପଧାନ (୨ୟ) ରଘୁନାଥ ପଧାନ , ସନେଇ ପଧାନ(ସାନ),-ସନେଇ ପଧାନ(ବଡ), ଏବଂ ମାଗୁଣି ପଧାନ ଭଳି ଆଦିବାସୀ ପ୍ରଜମଣ୍ଡଳ ସଂଗ୍ରାମୀମାନଙ୍କ ସହିତ ମିଶି କାର୍ଯ୍ୟ କରିଥିଲେ।

ପ୍ରାଥମିକ ସଭ୍ୟ ଦାମୋଦର ବିଧାର, ମଦନ ମୋହନ ଭ୍ରମରବର, ହାଡ୍ଡୁ ରାଉତ, ଜଗନ୍ନାଥ ଜେନା ଏବଂ ସଦାଶିବ ଷଡ଼ଙ୍ଗୀ ପ୍ରମୁଖ ସଂଗ୍ରାମୀମାନଙ୍କ ସହିତ ମିଶି ପ୍ରଜମଣ୍ଡଳ ଆନ୍ଦୋଳନ କାର୍ଯ୍ୟ କରିଥିଲେ। ଖୋର୍ଦ୍ଧା ଅଞ୍ଚଳର ବନମାଳୀ ପଟ୍ଟନାୟକ ଓ ଜଗନ୍ନାଥ ସାଥୁଆଙ୍କ ସହିତ ଇତର ସ୍ଥାନମାନଙ୍କରେ ଆବଶ୍ୟକ ମତେ ବିନାୟକ ମିଶ୍ର କାର୍ଯ୍ୟ କରି ଆସିଥିଲେ।

ବାହାଡ଼ାଝୋଲା, ଓଡ଼ଗାଁ, ଗୋଡ଼ିପଡ଼ା ମୌଜାର ବିଶିଷ୍ଟ ନେତୃବୃନ୍ଦଙ୍କ ଗହଣରେ ଗୁପ୍ତ ବୈଠକ କରିବା ବିନାୟକ ମିଶ୍ରଙ୍କର ପ୍ରାଥମିକ କାର୍ଯ୍ୟ ଥିଲା। ପରେ ସେ' ନିଜ ଗୋଡ଼ରେ ନିଜେ ଠିଆ ହେବା ପାଇଁ ତଥା ନିଜେ ଆନ୍ଦୋଳନକୁ ପରିଚାଳନା କରିବା ପାଇଁ ନୟାଗଡ଼ ପ୍ରଜମଣ୍ଡଳରେ ଯୋଗ ଦେଇଥିଲେ। ନୟାଗଡ଼ ପ୍ରଜାମଣ୍ଡଳ ଓ ପ୍ରାଦେଶିକ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରି ସଧାରଣ ଲୋକଙ୍କ ମନକୁ ଭୟମୁକ୍ତ କରିବା ପାଇଁଟ୍ଟ ସେମାନଙ୍କୁ ବୁଝାଇ ସୁଝାଇ ସଭା ସମିତି ପର୍ଯ୍ୟନ୍ତ ଆଣିବା କାର୍ଯ୍ୟ ଶ୍ରୀଯୁକ୍ତ ମିଶ୍ର କରୁଥିଲେ।

ସେ' ସମୟରେ କୁପି ନିଲାମ ପ୍ରଚଳନ ଥିଲା। ଏକ କ୍ଷୁଦ୍ର ନିର୍ଦ୍ଦିଷ୍ଟ ଜଙ୍ଗଲରୁ କାଠ କାଟିବା ପାଇଁ ଠିକା ନେବାକୁ କୁପି ନିଲାମ କୁ ହାଯାଏ। କୁପି ନିଲାମ ଆଣିଥିବା ଠିକାଦାରମାନେ କାଠ କଟାଳିମାନଙ୍କୁ କାଠ ମାପିବାରେ ଠକି କମ୍ ଟଙ୍କା ଦେଉଥିଲେ। ବିନାୟକ ମିଶ୍ର କାଠ କଟାଳିଙ୍କୁ ସଠିକ୍ କାଠ ମାପିବା ବୁଲି ବୁଲି ଶିଖାଉଥିଲେ। କୁପି ମହାଜନମାନଙ୍କ ଠକାମିରୁ କାଠ କଟାଳିମାନଙ୍କୁ ରକ୍ଷା କରିଥିଲେ। ମୂଳ ମଜୁରୀ ଦ୍ୱାରା ସେ ସମୟରେ କୂଅ, ପୋଖରୀ, ଗାଡ଼ିଆ ଖୋଳା ଯାଉଥିଲା। ମାଟି ଖୋଳାଳିମାନଙ୍କୁ ମାଟି ଖାତ ମାପ ଶିଖାଇ ଧନୀକମାନଙ୍କ ଠକାମିରୁ ରକ୍ଷା କରିଥିଲେ। ହରି ସାବତ ନାମ୍ନୀ ଜନୈକ ବ୍ୟକ୍ତି ବିଧବା ବିବାହ ଜନିତ ସାମାଜିକ କଟକଣା ଭୋଗୁଥିଲେ। ହରି ସାବତ ସମେତ ତାଙ୍କ ବନ୍ଧୁଙ୍କୁ ବିନାୟକ ମିଶ୍ର ସାହାଯ୍ୟ କରିଥିଲେ। ହଇଜା ଗ୍ରସ୍ତ ଗ୍ରାମାଞ୍ଚଳରେ ଚିକିତ୍ସକଙ୍କ ସହାୟତାରେ ରୋଗ ଦୂରୀକରଣ କରିବା କାର୍ଯ୍ୟ କରିଥିଲେ। ଗ୍ରାମ ପରିମଳ ବ୍ୟବସ୍ଥା ନିଜ ହାତରେ ସୁଧାରିବା ପାଇଁ କାର୍ଯ୍ୟ କରିଥିଲେ। ହଇଜା ମୃତକ ଓ ସଧାରଣ ମୃତକଙ୍କ ଶବ ସଂସ୍କାର ଆଗଭର ହୋଇ କରୁଥିଲେ। ନାଥିଆପଲ୍ଲୀ ଓ ଆଖପାଖ ପଲ୍ଲୀ ଅଞ୍ଚଳରେ ପ୍ରୌଢ଼ ଶିକ୍ଷା ଭାର ନେଇ ନିରକ୍ଷର ଦୂରୀକରଣ ପାଇଁ କାର୍ଯ୍ୟ କରିଥିଲେ। ଅଫିମ, ମଦ ଓ ପାନ ଭଳି ଅଭ୍ୟାସଗତ ଅଭାବ ଛାଡ଼ିବା ପାଇଁ ଓଡ଼ଗାଁ, ମାଣିକ ପାଟଣା ହାଟରେ ଲୋକଙ୍କୁ ପିକେଟିଙ୍ଗ କରାଇଥିଲେ। ବିଭିନ୍ନ ସ୍ଥାନରେ ରୋଷଡ଼ାରେ ନିଜେ ଚଳି ଅପରମାନଙ୍କୁ ଚଳାଇବା ଦ୍ୱାରା ଜାତି ଅଭିମାନ ମୋଚନ ହେଉଥିଲା ବୋଲି ବିନାୟକ ମିଶ୍ର ଅନୁଭବ କରିଥିଲେ। କନ୍ଧ, ହାଡ଼ି, ପାଣ, ପଠାଣ, ବାଉରି ପ୍ରଭୃତିଙ୍କୁ ନେଇ ଚଳିବା ଏବଂ ସାଙ୍ଗରେ ଓ ଜନତାଙ୍କ ସହିତ ମିଶାଇ ଅସ୍ପୃଶ୍ୟତା ଦୂରୀକରଣ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା ଓ ଏହି କାର୍ଯ୍ୟ ସେ ନିଜେ କରୁଥିଲେ। ହିନ୍ଦୁ ମୁସଲମାନ ବିଭେଦ ଦୂରୀକରଣଟ୍ଟ ଭୋଜନାନ୍ତେ ସବୁରି ଖଲି ପତ୍ର ଉଠାଇବା ଏବଂ ପାଇଖାନା (ରାସ୍ତାକଡ଼ର) ସଫା କରିବା ଭଳି କାର୍ଯ୍ୟ କରି ବିନାୟକ ମିଶ୍ର ସମାନତାର ବାର୍ତ୍ତା ଦେଇଛନ୍ତି। ସେ' ଖଦି ଆନ୍ଦୋଳନର ଅନ୍ୟତମ ସୂତ୍ରଧର ଥିଲେ।ଘରେ ଘରେ ବୁଲି କପା ଚାଷର ବହୁଳ ଉନ୍ନତି ପାଇଁ କାର୍ଯ୍ୟ କରିବା, ଅରଟରେ ସୂତା କାଟିବା ପାଇଁ ପ୍ରବର୍ତ୍ତାଇବା କାର୍ଯ୍ୟ କରିଥିଲେ।କୁରାଳ ଓ ରଙ୍ଗଣୀପାଟଣା ଅଂଚଳର ଏହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିଥିଲା।






ଗ୍ରାମେ ଗ୍ରାମେ ଗ୍ରାମ ସଭା ଗଠନ କରାଇଥିଲେ ବିନାୟକ ମିଶ୍ର। ଗ୍ରାମ୍ୟ ସଭା ଗଠନ ଓ ସଭ୍ୟ ତିଆରି କରିବା ଦ୍ୱାରା ଭୟାବହ ଗ୍ରାମ୍ୟ କଳହକୁ ରୋକାଯାଇ ପାରୁଥିଲା। ପରସ୍ପର ବିଚାର ଆଲୋଚନା ଦ୍ୱାରା ଭଲ ନିଷ୍ପତ୍ତି ଗ୍ରହଣ କରାଯାଇ ପାରୁଥିଲା। ଯୁବକ ଦଳ ଗଠନ କରି ଗ୍ରାମ ଗୁଡିକୁ ଚୋରି ଦାଉରୁ ସୁରକ୍ଷା ଦିଆଇ ପାରିଥିଲେ। ପ୍ରତ୍ୟକ୍ଷ ପ୍ରଜମଣ୍ଡଳ ସଂଗ୍ରାମରେ ଜନତାକୁ ଆଗକୁ ନଠେଲି ବିନାୟକ ମିଶ୍ର ନିଜେ ନିୟୋଜିତ ହେଉଥିଲେ। ସେ କେବଳ ନୟାଗଡ଼ ପ୍ରଜମଣ୍ଡଳ ଭିତରେ ସୀମିତ ନଥିଲେ। ଖୋର୍ଦ୍ଧା ଅଞ୍ଚଳ ବ୍ୟତୀତ ମାଳଅଞ୍ଚଳ ଯଥା ଉଦୟଗିରି, ଟିକାବାଲି ଓ ଫୁଲବାଣୀ ଅଞ୍ଚଳରେ କଂଗ୍ରେସର ନିର୍ବାଚନ ପ୍ରଚାର କରିଟ୍ଟ ପର୍ବ ପର୍ବାଣୀରେ ସ୍ୱେଚ୍ଛାସେବକ କାମ କରିବା, ନିୟମିତ ସୂତାକାଟି ଖଦଡ଼ ବ୍ୟବହାର କରିବା ପାଇଁ ସହକର୍ମୀଙ୍କ ସହିତ କାର୍ଯ୍ୟକରି ଅନ୍ୟମାନଙ୍କ ଠାରୁ କଂଗ୍ରେସକୁ ଜୟଯୁକ୍ତ କରାଇଥିଲେ।

୧୯୩୮ ମସିହା ବେଳକୁ ଗୋପପୁର ନାରାୟଣ ବେହେରାଙ୍କ ସହିତ ଜଣେ ନିଷ୍ଠାପର କର୍ମୀ ଭାବରେ ନୟାଗଡ଼ ପ୍ରଜାମଣ୍ଡଳ ସହିତ ମିଶିଟ୍ଟ ବାହାଡ଼ାଝୋଲା, ସୁନାମୁହିଁ, ଓଡ଼ଗାଁ,ଗୋଡ଼ିପଡ଼ା ଓ ମହିପୁର ପ୍ରଭୃତି ଜାଗାକୁ ପ୍ରଜାମଣ୍ଡଳର ପ୍ରତ୍ୟେକ ବାର୍ତ୍ତା ପହଞ୍ଚାଇବା ଭଳି ଗୁରୁଦାୟିତ୍ୱ ଗ୍ରହଣ କରିଥିଲେ।

୧୯୩୯ମସିହାରେ ଏକଦା ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ବାହାଡ଼ାଝୋଲା ପ୍ରଜାମଣ୍ଡଳ ସଭାପତି ବାଞ୍ଛାନିଧି ସେନାପତିଙ୍କ ପାଖକୁ ବିନାୟକ ମିଶ୍ର ଯାଇଥାନ୍ତି। ବାର୍ତ୍ତା ଦେଇ, କାମ ସାରି ଗୋପପୁର ଗାଁର ପ୍ରଜମଣ୍ଡଳ ସହକର୍ମୀ ନାରାୟଣ ବେହେରାଙ୍କ ଘରେ ରୋଷେଇ କରି ଖାଇବାକୁ ବାଜୁଥିବା ବେଳେ ବାହାଡ଼ାଝୋଲା ଫାଣ୍ଡି ଅଧିକାରୀ ଶ୍ରୀ ରଘୁନାଥ ପଟ୍ଟନାୟକ(ମାଆଙ୍କପଲ୍ଲୀ) ଚୌକିଦାର କୁଞ୍ଜ ନାହାକ(ଭାଟସାହି) ବିହାରୀ ନାହାକ (ବାହାଡ଼ାଝୋଲା) ସାଙ୍ଗରେ ଡାକି ନେଇ ଭାଟସାହି ସରହଦ ଠାରୁ ମାଡ଼ ମାରି ମାରି ନେଇ ଡହଙ୍ଗି ମୌଜାର ଦାସ ମହାରଣା ତୋଟାରେ ଅଚେତ ଅବସ୍ଥାରେ ଫିଙ୍ଗିଦେଇ ଆସିଲେ। ପ୍ରାୟ ଚାରି ଘଣ୍ଟା ପରେ ପ୍ରକୃତିସ୍ଥ ହୋଇ ଦେଖିଲେ, ତାଙ୍କ ଶରୀରର କୌଣସି ଅଙ୍ଗ ଖାଲି ନାହିଁ। ପ୍ରତ୍ୟେକ ଅଙ୍ଗରେ ଖାଲି କ୍ଷତ ହିଁ କ୍ଷତ। ସେଠାରେ ଉପାୟଶୂନ୍ୟ ହୋଇ ପଡ଼ିଥିବା ବେଳେ ସହକର୍ମୀ ନାରାୟଣ ବେହେରା ପଛରେ ଲୁଚି ଲୁଚି ଆସି ବିନାୟକ ମିଶ୍ରଙ୍କୁ ଉଦ୍ଧାର କରି ତାଙ୍କ ଘର ପର୍ଯ୍ୟନ୍ତ ପହଞ୍ଚାଇଥିଲେ।

ପ୍ରଜାମଣ୍ଡଳ ଆନ୍ଦୋଳନ ସମୟରେ କରିଥିବା ଓ ଘଟିଥିବା ଉଲ୍ଲେଖନୀୟ କର୍ଯ୍ୟ ସମୂହକୁ ବିନାୟକ ମିଶ୍ର ଏକ ଟିପା ଖାତାରେ ଲେଖି ରଖିଛନ୍ତି। ସେଥିରେ ସେ ନିଜେ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ନୟାଗଡ଼ର ବିଶିଷ୍ଟ ନେତା ଓ ବ୍ୟକ୍ତିବିଶେଷଙ୍କ ସହ ଏକ ଦଳଟ୍ଟ ଏକ ବର୍ଷ ସଶ୍ରମ କାରାଦଣ୍ଡ ଓ ଏକ ଶହ ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ଏକଶହ ଟଙ୍କା ଲାଗି ସରକାର ତାଙ୍କର ଧନ ସମ୍ପତ୍ତି ବାଜ୍ୟାପ୍ତି କରିଦେଇଥିଲେ। ସେଥିରୁ ଭରଣା ହୋଇ ନପାରିବାରୁ ଅଧିକ ଛଅ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା। ସମୁହ ଜରିମନା ଲାଗି ତାଙ୍କର ମାତାମହି (ଆଈ) ପ୍ରଦତ୍ତ ତିନି ମାସ ଖାଦ୍ୟ ଯୋଗାଉଥିବା ଜମି ଖଣ୍ଡକ ହସ୍ତାନ୍ତର ହୋଇଯାଇଥିଲା ବୋଲି ଉଲ୍ଲେଖ କରିଛନ୍ତି।

ଏହି ଘଟଣା ଚକ୍ରକୁ ଶ୍ରୀଧର ଦାଶ ନୟାଗଡ଼ ପ୍ରଜମଣ୍ଡଳ ଇତିହାସରେ (୬୪-୬୫ପୃଷ୍ଠା) ରେ ଲେଖିଛନ୍ତି ଯେ' ଭାରତ ଛାଡ଼ ଆନ୍ଦୋଳନ ସମୟରେ କଂଗ୍ରେସ ବେଆଇନ ଘୋଷିତ ହୋଇଥିଲା। ୧୫-୦୮-୧୯୪୨ ମସିହା ଦିନ ପତିଆ ସାମିଲ ମହୁଲିଆ ମହାଦେବ ବେଢ଼ାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଥଲା। ଏହା ଜାଣିପାରି ୧୯୧୪ମସିହାରେ ଦଶପଲ୍ଲା ବିଦ୍ରୋହକୁ ନିର୍ମମ ଭାବରେ ଦମନ କରିଥିବା ନାଜିର ମହମ୍ମଦଙ୍କୁ ନୟାଗଡ଼ ରାଜା ମହୁଲିଆ ସଭା ଦମନ ପାଇଁ ଡକାଇଥିଲେ। ନାଜିର ମହମ୍ମଦଙ୍କ ଦମନ ସତ୍ତ୍ୱେ ଠିକଣା ସମୟରେ ହଜାର ହଜାର ଲୋକ ମହୁଲିଆ ମହାଦେବ ମନ୍ଦିର ପ୍ରାଙ୍ଗଣରେ ରୁଣ୍ଡିଭୂତ ହେଲେ। ଉଦୟନାଥ ପୃଷ୍ଟିଙ୍କ ସଭାପତିତତ୍ୱରେ ସେଠାରେ ସଭାକାର୍ଯ୍ୟ ଚାଲିଲା। କର୍ମୀ ଭରତ ସାହୁ, ବିନାୟକ ମିଶ୍ର ଓ ବିଦ୍ୟାଧର ମନ୍ତ୍ରୀ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ। ସଭାପତି ଉଦୟନାଥ ପୃଷ୍ଟି ଭାରତ ଛାଡ଼ ଆନ୍ଦୋଳନ ବିଷୟରେ ବୁଝାଉଥିବା ବେଳେ ପୋଲିସ ସେଠାରେ ପହଞ୍ଚି ଅକଥନୀୟ ଅତ୍ୟାଚାର କରିଥିଲା। ଲହୁଲୁହାଣ କରିଥିଲା। ଉଦୟନାଥ ପୃଷ୍ଟି ସମେତ ୧୬ଜଣଙ୍କୁ ଗିରଫ କରି ଗୋଡ଼ିପଦା ଫାଣ୍ଡିକୁ ପଠାଇ ଦିଆଗଲା। ମାତ୍ର ଉଦୟନାଥ ପୃଷ୍ଟି ଭରତ ସାହୁ, ବିନାୟକ ମିଶ୍ର ଓ ବିଦ୍ୟାଧର ମନ୍ତ୍ରୀଙ୍କୁ ଜେଲ ହାଜତକୁ ପଠାଇ ଦିଆଗଲା।

ସଂଗ୍ରାମ କାରାବାସ ସମୟରେ କର୍ମୀ ବନ୍ଧୁଙ୍କ ସହ ବିନାୟକ ମିଶ୍ର କରାଦଣ୍ଡ ହିସାବରେ ଧାନ କୁଟିବା, ତେଲ ପେଡ଼ିବା, ମାଟି ହାଣି ବଗିଚା ପ୍ରସ୍ତୁତ କରିବା, ରୁଖି ପର୍ବତର ପାଦ ଦେଶରୁ ପଥର ଓ ମାଟି ବୋହି ନେଇ ଜେଲର ଦକ୍ଷିଣ ପାର୍ଶ୍ୱ ଖାଲକୁ ପୋତିବା (ପ୍ରକାଶ ଥାଉ କି ଜେଲର ପଛ ପାଖ ଅର୍ଥାତ୍ ବର୍ତ୍ତମାନ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି ଠାରୁ ଓଡ଼ଗାଁ ଛକକୁ ଛୁଇଁଥିବା ରାସ୍ତା ସେତେବେଳେ ଧୋଡା, ଖାଲ ଖମା ହୋଇ ରହିଥିଲା। ରୁଖୀ ପାହାଡ଼ରୁ ପଥର ମାଟି ପକାଇ ବନ୍ଦୀ ଜୀବନ କାଟୁଥିବା ପ୍ରଜମଣ୍ଡଳ କର୍ମୀମାନେ ଉକ୍ତ ରାସ୍ତା ନିର୍ମାଣ କରିଥିଲେ) ଜଙ୍ଗଲରୁ କାଠ, ବାଉଁଶ, ରଞ୍ଜା ଆଣି ନୂତନ କାର୍ଯ୍ୟାଳୟ ତିଆରି କରିବାକୁ ପଡ଼ିଥିଲା। ଏହା ଛଡ଼ା ପ୍ରଜାମଣ୍ଡଳ ବନ୍ଦୀଙ୍କୁ ଜେଲରଙ୍କ ନିବାସ କ୍ ?ାଟରକୁ ଲାଗି ଗୋଟିଏ ଗାଡ଼ିଆ ଖୋଳିବାକୁ ପଡ଼ିଥିଲା। ଏଥିରେ ବିନାୟକ ମିଶ୍ରଙ୍କ ସମ୍ପୃକ୍ତି ରହିଥିଲା। ଅନ୍ୟ କଏଦୀ ଭଳି ବିନାୟକ ମିଶ୍ର ମଧ ମାଟି ଖୋଳିଥିଲେ, ବୋହିଥିଲେ। ବଗିଚା ମଧରେ କୋବି, ମଟର, ଅମୃତଭଣ୍ଡା, କଦଳୀ, ମୂଳା, ଗାଜର, ବିଲାତି ବାଇଗଣ, ପିଆଜ, ରସୁଣ ପ୍ରଭୃତି ମିଶ୍ରଙ୍କ ସମେତ କଏଦୀମାନେ ଉତ୍ପାଦନ କରୁଥିଲେ ମଧ୍ୟ କୋବିର ବୁଢ଼ା ପତ୍ର ଓ ଅନାବନା ଶାଗ ବ୍ୟତୀତ ଅନ୍ୟ କିଛି ବଗିଚା ଲବ୍ଧ ପରିବା ତାଙ୍କୁ ମିଳୁନଥିଲା। ଜେଲ୍ କର୍ତ୍ତପକ୍ଷଙ୍କ କଥା ନମାନିଲେ ମାଣ୍ଡସଜା ମିଳୁଥିଲା। ଦିଗଡ଼ିଆ ଚାଉଳ(ଖୁଦ)କୁ ରାନ୍ଧି ଯାହା ଭାତ ନୁହେଁ କି ଜାଉ ନୁହେଁ। ବିନା ଲୁଣ ଓ ବିନା ତୁଣରେ (ତରକାରି)ଖାଇବାକୁ ଦିଆ ଯାଉଥିଲା। ଝୋଟ ନିର୍ମିତ କେର୍ପାଲ ପିନ୍ଧିବାକୁ ଦିଆଯାଉଥିଲା। ଅମାନୁଷିକ କଠୋର 'ବେତସଜା' ପ୍ରବଦନ ଥିଲା। ବହୁବାର ବିନାୟକ ମିଶ୍ର ଓ ତାଙ୍କ ସାଥିଗଣ ବେତସଜା ଦଣ୍ଡରେ ଦଣ୍ଡିତ ହୋଇଥିଲେ। ତୈଳ ଅଭାବରୁ ନୁଖୁରା ରହିବକୁ ପଡୁଥିଲା। ଖଣ୍ଡିଏ ତଉଲିଆ ଖଣ୍ଡିଏ କମ୍ବଳ ଓ ଦୁଇଖଣ୍ଡ ଜଙ୍ଘିଆଟ୍ଟ ସଧାରଣ ଏବଂ ଅସାଧାରଣ ସମସ୍ତ କାରାବନ୍ଦୀଙ୍କ ଦୈନନ୍ଦିନ ବ୍ୟବହାର ପୋଷାକ ଥିଲା।

ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦମନ କରି ଦବାଇଦେବାର କିଛି କାଳ ପରେ ରାଜା ରାଜ୍ୟରେ ନିଜର ବଡ଼ିମା ଦେଖାଇବା ଉଦ୍ଦେଶ୍ୟରେ ତା ୨୧-୦୮-୧୯୪୩ ଦିନ ରାଜ୍ୟର ସମସ୍ତ ସର୍ବରାକାର, ସରକାରୀ କର୍ମଚାରୀ, ତାଙ୍କୁ ସମର୍ଥନ କରୁଥିବା ଲୋକ, ଆନ୍ଦୋଳନକୁ ଧ୍ୱଂସ କରିବା ପାଇଁ ନିଯୁକ୍ତ କର୍ମଚାରୀ ଓ ରାଜ୍ୟର କିଛି ଲୋକଙ୍କୁ ବିଭିନ୍ନ ପଦବୀରେ ମଣ୍ଡିତ କରିବା ପାଇଁ ଏକ ଦରବାର କଲେ।ପ୍ରଜାମଣ୍ଡଳ ନେତାଙ୍କୁ ଦରବାରରେ ଯୋଗ ଦେବା ନିମିତ୍ତ ନାନା ପ୍ରଲୋଭନ ତଥା ଧମକ ମଧ୍ୟ ଜେଲ୍ ଭିତରେ ଦିଆଗଲା। ପ୍ରଜାମଣ୍ଡଳ ନେତାମାନେ ରାଜାଙ୍କର ଏଭଳି ଦରବାରରେ ଯୋଗଦୋପାଇଁ ପୂରା ମନା କରିଦେଲେ। ରାଜା କିନ୍ତୁ ନିଜର ଉଦାରତା ଦେଖାଇବା ବାହାନାରେ କର୍ମୀ ବିନାୟକ ମିଶ୍ରଙ୍କୁ ଜେଲ୍‌ରୁ ମୁକ୍ତି କରିଦେଲେ।(ଶ୍ରୀଧର ଦାଶ, ନୟାଗଡ଼ ପ୍ରଜାମଣ୍ଡଳ ଇତିହାସ ପୃଷ୍ଠା ନଂ-୭୫) ବିନାୟକ ମିଶ୍ର କିନ୍ତୁ ନିଜ ବିଷୟରେ ଲେଖିଥିବା ଟିପା ଖାତାରେ/କାଗଜରେ ଉଲ୍ଲେଖ କରିଛନ୍ତି ଯେ' ସେ ୧୯୪୪ ମସିହାରେ ଜେଲ୍‌ରୁ ମୁକ୍ତି ପାଇଥିଲେ ଏବଂ ୧୯୪୭ ଭାରତ ସ୍ୱାଧୀନ ହେଲା ପର୍ଯ୍ୟନ୍ତ କଂଗ୍ରେସ ଓ ନୟାଗଡ଼ ପ୍ରଜାମଣ୍ଡଳ ସହିତ ରହିଥିଲେ।

ମାଣିକ ପାଟଣା ହାଟ (ବାହାଡ଼ଝୋଲା ହାଟ) ବ୍ୟବସାୟ ଦ୍ୱାରା ବିନାୟକ ମିଶ୍ରଙ୍କ ପରିବାରକୁ କେତେକ ପରିମାଣରେ ଆର୍ଥିକ ସାହାଯ୍ୟ ହେଉଥିବାର ଦେଖି ରାଜ୍ୟ ସରକାର ହାଟ ଉପରେ ୧୪୪ଧାରା ଜାରି କରି ନିଷେଧାଜ୍ଞା ଜରିକରିଥିଲେ। ଯାହା ଫଳରେ ତାଙ୍କର ପରିବାର ପ୍ରତିପୋଷଣ ସଂସ୍ଥାନ ବନ୍ଦ ହୋଇଯାଇଥିଲା। ସେ ରାଜ୍ୟ ସରକାର ଦ୍ୱାରା ଆର୍ଥିକ ବୈକଟକୁ ସାମ୍ନା କରିଥିଲେ। ଏକଦା ବିନାୟକ ମିଶ୍ର ମାଳ ଅଞ୍ଚଳରୁ ଫେରିବା ବେଳେ ହରିପୁର ମୌଜାଠାରେ ପୋଲିସ ଦ୍ୱାରା ଧୃତ ହେଲେ। ତାଙ୍କୁ ସାପୁଆ ଜଙ୍ଗଲ (ମଦନପୁର ପାଖ ସାପୁଆ ଜଙ୍ଗଲ। ହିନ୍ଦୋଳ, ଢେଙ୍କାନାଳ ନୁହେଁ) ରାସ୍ତାରେ ଦୁଇଜଣ ଚୌକିଦାର ସହ ନେଇ ଅକଥନୀୟ ମାରପିଟ୍ କରିଥିଲେ। ଯାହା ଫଳରେ ତାଙ୍କର ଶାରିରିକ ବଳ ନଷ୍ଟ ହୋଇଗଲା। ସେ ସଂଜ୍ଞାହୀନ ହୋଇ ଯାଇଥିଲେ। ନୟାଗଡ଼ ପ୍ରଜାମଣ୍ଡର ଏ ଘଟଣାର ତୀବ୍ର ବିରୋଧ କରିଥିଲା। ଏହି ସମୟରେ ଭିନ୍ନ ଭିନ୍ନ ଜାଗାରେ ଶୁକ୍ର ବେହେରା ଓ ହରିହର ମହାପାତ୍ରଙ୍କ ଉପରେ ଏଭଳି ନିର୍ମମ ଅତ୍ୟାଚାର କରାଯାଇଥିଲା।

କୁରାଳ କଳ୍ପବୃକ୍ଷ ଗୌରଚନ୍ଦ୍ର ସାହୁ କୁହନ୍ତି:- ବିନାୟକ ମିଶ୍ର ପ୍ରଥମିକ ବିଦ୍ୟାଳୟ ରେ ଶିକ୍ଷାଦାନ କରୁଥିବା ସମୟରେ ମୁଁ କୁରାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲି। ସେ ଜଣେ ନିଷ୍ଠାବାନ,ସମୟାନୁବର୍ତ୍ତୀ ଶିକ୍ଷକ ଥିଲେ। ବଡ ପରିବାର ଥିବାରୁ ସେ ଅଭାବ ଅସୁବିଧାରେ କାଳାତିପାତ କରୁଥିଲେ। ସରଳ, ଭଦ୍ର, ନମ୍ର ଓ ସ୍ ?ାଭିମାନୀ ଥିବାରୁ ଶିକ୍ଷକତାର ଦରମା ନେଇ ଆସୁ ଆସୁ ରାସ୍ତାରେ ଉଧାର ଦେଇଥିବା ଯେଉଁ ଯେଉଁ ଦୋକାନ ଦେଇ ଆସନ୍ତିଟ୍ଟ ସେମାନଙ୍କର ବକେୟା ପରିଶୋଧ କରି କରି ଆସନ୍ତି। ବିନାୟକ ମିଶ୍ର ଜଣେ ସଂଗ୍ରାମୀ ଥିବାରୁ ସମସ୍ତ ଦୋକାନଦାର ତାଙ୍କୁ ସମ୍ମାନ ଜଣାନ୍ତି। ବିନାୟକ ମିଶ୍ର, ସାପୁଆ ଜଙ୍ଗଲଠାରେ ମାଡ଼ ଘଟଣା ମୋତେ ପରବର୍ତ୍ତୀ ସମୟରେ ଜଣାଇଥିଲେ। ଉକ୍ତ ଘଟଣା ପରେ ସେ ଶ୍ୱାସ ଜନିତ ରୋଗରେ ପୀଡ଼ିତ ହୋଇଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ଦେହରେ ଶ୍ୱାସ ରୋଗ ରହିଥିଲା।

କୁରାଳ ସରପଞ୍ଚ ବିଜନ କୁମାର ପାଇକରାୟ କୁହନ୍ତି। ବିନାୟକ ମିଶ୍ର ଆମ ଅଞ୍ଚଳ ନୁହେଁ ସମଗ୍ର ନୟାଗଡ଼ର ପ୍ରଜାମଣ୍ଡଳ ପାଇଁ ସେ ଗୌରବ।

ପ୍ରକାଶ ଥାଉ କି' ଶ୍ରୀଯୁକ୍ତ ବିଜନ କୁମାର ପାଇକରାୟ ବିନାୟକ ମିଶ୍ରଙ୍କ ନାଁ ରେ କୁରାଳ ଡାକ୍ତରଖାନା ସାମ୍ନାରେ ସରାକରଙ୍କ ତରଫରୁ ଏକ ବଜାର ସଙ୍କୁଳ (ମାର୍କେଟ କମ୍ପେ୍ଲକ୍ସ) ନିର୍ମାଣ କରିଅଛନ୍ତି। ଶ୍ରୀଯୁକ୍ତ ରାମେଶ୍ୱର ପଣ୍ଡା କୁହନ୍ତି:- ଗାନ୍ଧୀଙ୍କ ଆଦର୍ଶ, ଆମେ ବିନାୟକ ମିଶ୍ରଙ୍କ ପାଖରେ ଦେଖିଛୁ। ଆଣ୍ଠୁ ଲୁଚୁନଥିବା ଖଦଡ଼ ଲୁଗା ଓ ଫତେଇ ତାଙ୍କର ପୋଷାକ ଥିଲା। ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗ ଦେଇ ସେ କୁରାଳ ମାଟିର ଶିର ଉନ୍ନତ କରିଛନ୍ତି। ତାଙ୍କୁ ନେଇ ଆମେ ବେଶ୍ ଗର୍ବିତ।

ଡକ୍ଟର ଅଧିବାସ ପଣ୍ଡା କୁହନ୍ତି:- ୧୯୮୩ ମସିହା ବେଳକୁ କୁରାଳ ଉପରେ କିଛି ସନ୍ଦର୍ଭ ଲେଖୁଥିଲି। ମୋ ସହିତ ସାକ୍ଷାତକାର ସମୟରେ ବିନାୟକ ମିଶ୍ରଙ୍କ ଠାରୁ ଜାଣିବାକୁ ପାଇଲି ଯେ ' ସେ ସେ ହେଉଛନ୍ତି ପାଠାଗାର ଆନ୍ଦୋଳନର ଜଣେ ପ୍ରମୁଖ ସାରଥୀ। ଗଞ୍ଜାମ କୁକୁଡ଼ାଖଣ୍ଡି, କଟକ ଏବଂ ନରସିଂହପୁର ପ୍ରଭୃତି ଜାଗା ଯାଇ ପୁସ୍ତକ କିଣା ପାଇଁ ମୁଠି ଚାଉଳ ସଂଗ୍ରହ ଓ ପୁସ୍ତକ ସଂଗ୍ରହ କରୁଥିଲେ। ବର୍ତ୍ତମାନର କୁରାଳ ରାଧାକୃଷ୍ଣ ଥିଏଟର ତଥା ଭାଗବତ ଗାଦୀ ଯେଉଁଠାରେ ଅଛି ୧୯୩୬-୩୭ ମସିହା ବେଳକୁ ସେଠାରେ ଭାଗବତ ପାଠାଗାର ପ୍ରତିଷ୍ଠିତ ହୋଇଥିଲା। କ୍ରମେ ୧୯୪୬ରେ ତାହା କ୍ରମବର୍ଦ୍ଧିଷ୍ଣୁ ରୂପ ନେଇ ଯୁବକ ବନ୍ଧୁ ପାଠାଗାରରେ ରୂପାନ୍ତରିତ ହୋଇଥିଲା। କୁରାଳ ମାଟିରେ କଂଗ୍ରେସର ଆଦ୍ୟ ପ୍ରବକ୍ତା ଥିଲେ ବିନାୟକ ମିଶ୍ର। ତତ୍କାଳୀନ ସ୍ୱାଧୀନ ଭାରତର କଳୁଷିତ ରାଜନୀତି ଦେଖି ସେ କହୁଥିଲେ ଗଣତନ୍ତ୍ରକୁ ପରିମାର୍ଜିତ କରିବା ପାଇଁ ଆଉ ଏକ ଆନ୍ଦୋଳନର ଆବଶ୍ୟକତା ରହିଛି। ଗାଁ ସମସ୍ୟା ଗାଁ ରେ ସମାଧାନ ହେବା ଆବଶ୍ୟକ ପୋଲିସ ସହାୟତାରେ ନୁହେଁ। କୁରାଳର ମୁଷ୍ଟିମେୟ ଲୋକମାନେ ଯେତେବେଳେ ରାଜାନୁଗତ ଥିଲେ ସେତେବେଳେ ପରିସ୍ଥିତିର ପ୍ରତିକୂଳରେ ଯାଇ ବିନାୟକ ମିଶ୍ର ଭଳି ଜଣେ ଗରିବ ବ୍ରାହ୍ମଣ କଂଗ୍ରେସ ଓ ପ୍ରଜାମଣ୍ଡରେ ଯୋଗଦେବା କମ୍ ସାହସିକତାର କାମ ନଥିଲା। ନିଜସ୍ୱ ମତବ୍ୟକ୍ତ କରି ଡକ୍ଟର ଅଧିବାସ ପଣ୍ଡା କହିଛନ୍ତି ଯେ' କୁରାଳ ଚଣ୍ଡିଛକ ଠାରେ ବିନାୟକ ମିଶ୍ରଙ୍କର ଗୋଟିଏ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାର ଆବଶ୍ୟକତା ରହିଛି।କୁରାଳ ମାଟି ପାଇଁ ସେ ଗୌରବ। ଅଧାପକ ଭକ୍ତଚରଣ ମିଶ୍ର (ବିନାୟକ ମିଶ୍ରଙ୍କ ନାତି) କୁହନ୍ତି। ମୋ ଜେଜେବାପା ଆମପାଇଁ ଆଦର୍ଶ ଥିଲେ। ପ୍ରୌଢ଼ ଶିକ୍ଷା, ପାଠାଗାର ଆନ୍ଦୋଳନ ସହିତ ଯୋଡ଼ିହୋଇ ସେ ଶିକ୍ଷାର ନୂଆଁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ତାଙ୍କର କଷ୍ଟଲବ୍ଧ ଜୀବନ ସମଗ୍ର ଅଞ୍ଚଳ ପାଇଁ ଏକ ଶିକ୍ଷା।

# ଭକ୍ତି ଓ ଭାବପୂର୍ଣ୍ଣ ପରିବେଶରେ କେନ୍ଦୁଝର ପାଳିତ ହେଲା ବିଘ୍ନବିନାଶକ ଗଜାନନଙ୍କ ପୂଜା









କେନ୍ଦୁଝର:୧୫/୦୯(ଦିଲ୍ଲୀପ କୁମାର ସାହୁ) – ଗତ ସୋମବାର ପବିତ୍ର ଗଣେଷ ଚତୁର୍ଥୀ ଠାରୁ କେନ୍ଦୁଝରଗଡ଼ ସହର ସମେତ ସମଗ୍ର ଜିଲ୍ଲାରେ ଲାଗିରହିଛି ଭକ୍ତି ଓ ଉତ୍ସାହର ପରିବେଶ। ଧୂପ, ଦୀପ ଓ ମନ୍ତ୍ରଧ୍ୱନିରେ ମୁଖରିତ ହୋଉଛି ପୂଜାମଣ୍ଡପ। ମଣ୍ଡପରେ ବିରାଜମାନ କରିଛନ୍ତି ବିଘ୍ନରାଜ ଅଗ୍ରପୂଜ୍ୟ ଶ୍ରୀ ଗଜାନନ। ବିଘ୍ନବିନାଶକଙ୍କ ଆଶୀର୍ବାଦ ପାଇଁ ଗତକାଲିଠାରୁ ମନ୍ଦିର ଓ ପୂଜାମଣ୍ଡପ ଗୁଡ଼ିକରେ ଭକ୍ତଙ୍କ ଭିଡ଼ ଲାଗିଛି। ଶ୍ରଦ୍ଧା ଓ ଭକ୍ତିରେ ଗଣପତିଙ୍କ ଆରାଧନା କରୁଛନ୍ତି ଶ୍ରଦ୍ଧାଳୁ। ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ସବୁଠି ପୂଜାକୁ ନେଇ ଦେଖାଦେଇଛି ଉତ୍ସାହ। ବିଭିନ୍ନ ପୂଜାକମିଟି ପକ୍ଷରୁ ଆକର୍ଷଣୀୟ ମଣ୍ଡପ ଏବଂ ତୋରଣମାନ ନିର୍ମାଣ କରାଯାଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସଜେଇ ହୋଇଛି ପୂଜାମଣ୍ଡପ। କେଉଁଠି ପାରମ୍ପରିକ ଢାଞ୍ଚାରେ ମଣ୍ଡପ ସଜାଯାଇଛି ତ ଆଉ କେଉଁଠି ନିଆରା ଥିମ୍‌ରେ ସଜାଯାଇଛି ।ବିଧିବିଧାନ ଅନୁସାରେ ପୂଜାମଣ୍ଡପ ଗୁଡ଼ିକରେ ଅଗ୍ରପୂଜ୍ୟ ଗଣପତିଙ୍କ ପୂଜାର୍ଚ୍ଚନା କରାଯାଇଛି। ପୁରୋହିତଙ୍କ ମନ୍ତ୍ରପାଠରେ ପରିବେଶ ଆଧ୍ୟାତ୍ମିକ ହୋଇଉଠିଛି। ଭକ୍ତମାନେ ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ବିଘ୍ନରାଜଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି। ବିଶ୍ୱାସ ରହିଛି, ଭଗବାନ ଗଣେଶ ବିଘ୍ନବିନାଶକ। ଯେକୌଣସି ଶୁଭକାର୍ଯ୍ୟ ପୂର୍ବରୁ ଗଣେଶଙ୍କୁ ପୂଜା କରାଯାଏ। ଗଣେଶପୂଜା ବା ଗଣେଶଚତୁର୍ଥୀ ଦିନଠାରୁ ଶିଶୁମାନେ ବିଦ୍ୟାରମ୍ଭ କରନ୍ତି ଯାହାକୁ 'ଖଡ଼ିଛୁଆଁ' ବୋଲି କୁହାଯାଏ। ତେଣୁ ଛାତ୍ରଛାତ୍ରୀ ମାନେ ଶିକ୍ଷାରେ ସଫଳତା, ବ୍ୟବସାୟୀ ମାନେ ବ୍ୟବସାୟରେ ଉନ୍ନତି ଏବଂ ପରିବାରର ସୁଖଶାନ୍ତି ପାଇଁ ଗଣପତିଙ୍କ ନିକଟରେ ପ୍ରାର୍ଥନା କରନ୍ତି। ପୂଜାକୁ ନେଇ ସବୁଠାରୁ ଅଧିକ ଉତ୍ସାହ ଦେଖିବାକୁ ମିଳିଛି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ। ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ୍ ଓ ସାହିରେ ଆୟୋଜିତ ହୋଇଛି ଗଣେଶପୂଜା। ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି। ପୂଜାକୁ ନେଇ ଛୋଟଠାରୁ ବଡ଼ ସମସ୍ତେ ଏକାଠି ହୋଇ ଉତ୍ସବର ଆନନ୍ଦ ନେଉଛନ୍ତି। ବିଘ୍ନରାଜଙ୍କ ଆରାଧନାରେ ଭକ୍ତିମୟ ହୋଇଉଠିଛି ସମଗ୍ର ଜିଲ୍ଲା ।ଜିଲ୍ଲାସାରା ସମସ୍ତ ସ୍କୁଲ, କଲେଜ, ବୈଷୟିକ ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ, ବିଭିନ୍ନ ସଂଗଠନ, ଅଫିସ, ଆଦିରେ ନିତିକାନ୍ତି ଅନୁସାରେ କେନ୍ଦୁଝରଗଡ଼ ସହରର ବିଭିନ୍ନ ପୂଜାମଣ୍ଡପରେ ଭକ୍ତିମୟ ପରିବେଶରେ ଶ୍ରୀଗଣେଶଙ୍କ ପୂଜାନୀତି ଅନୁଷ୍ଠିତ ହେଉଅଛି। ସହରର ଡିଏଫଓ ଅଫିସ, କୋ-ଅପରେଟିଭ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ, ମାଇନିଙ୍ଗ ରୋଡ ଗଣେଷ ପୂଜା କମିଟି, ଡିମ୍ବୋ ଗଣେଷ ପୂଜା କମିଟି, ବାମ୍ପାର ଓମ୍ ସାଇ ଗଣେଶ ପୂଜା କମିଟି, ତେନ୍ତୁଳିନଣ୍ଡା ଗଣେଶ ପୂଜା କମିଟି, ନରଣପୁର, କାଶୀପୁର, କଲେଜ ରୋଡ, ମାଇନିଙ୍ଗ ରୋଡ ପିପୁଲସ କ୍ଲବ, ମାଧପୁର, ପ୍ରାଇଭେଟ୍ ବସଷ୍ଟାଣ୍ଡ, ପୁରୁଣାସହର, ଆଟୋପୁର ଆଦି ଅଞ୍ଚଳରେ ମହାସମାରୋହରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଅନୁଷ୍ଠିତ ହେଉଅଛି।

## କେରିରେ ପୁଣି ହାତୀ ଆତଙ୍କ ଧାନ ବିଲ ଛାରଖାର, କ୍ଷତିପୂରଣ ଦାବି



କେନ୍ଦୁଝର ସଦର ୧୪।୯(ମନୋଜ କୁମାର ପଟେଲ):କେନ୍ଦୁଝର ସଦର ବ୍ଲକ ମଇଦାନକେଲ ପଞ୍ଚାୟତର କେରି ଗ୍ରାମରେ ପୁଣି ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଗତକାଲି ରାତି ପ୍ରାୟ ୨ ଟା ସମୟରେ ଗ୍ରାମର ସୁବାଷ ଚନ୍ଦ୍ର ପାତ୍ରଙ୍କ ଧାନ ବିଲରେ ଏକ ଦନ୍ତା ହାତୀ ପଶି ବ୍ୟାପକ କ୍ଷତିସାଧନ କରିଛି। ହାତୀଟି ବିଲରେ ଥିବା ଧାନ ଫସଲକୁ ମାଡ଼ି-ଦଳି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ଜଣାପଡ଼ିଛି। ଫସଲ ଅମଳ ସମୟ ପାଖେଇ ଆସୁଥିବା ବେଳେ ଏକମାତ୍ର ରୋଜଗାରର ପନ୍ଥା ଧାନ ବିଲଟି ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଥିବାରୁ ସୁବାଷଙ୍କ ପରିବାର ଏବେ ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ହାତୀ ଆକ୍ରମଣ ଓ ଫସଲ ହାନି ଯୋଗୁଁ ଚାଷୀ ପରିବାରଟି ଆର୍ଥିକ ସଙ୍କଟ ଅନୁଭବ କରୁଛି ।ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ଧାନ ବିଲର ଆକଳନ କରନ୍ତୁ ଏବଂ ପୀଡ଼ିତ ଚାଷୀ ସୁବାଷ ପାତ୍ରଙ୍କୁ ଉଚିତ ସରକାରୀ କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଆତ୍ମହତ୍ୟା ସନ୍ଦେହ



ଚମ୍ପୁଆ :୧୫/୯(ରାମକୃଷ୍ଣ ଜିତ ):-ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଇନ୍ଦ୍ରପ୍ରସ୍ଥ ଗ୍ରାମର ମାଧବ ମହାନ୍ତଙ୍କ ପତ୍ନୀ ରଶ୍ମିତା ମହାନ୍ତ ।ସୂଚନା ଅନୁଯାୟୀ, ରଶ୍ମିତାଙ୍କର ଦୁଇ ସନ୍ତାନ ବାହାରେ ରହୁଥିବାବେଳେ, ସ୍ୱାମୀଙ୍କ ସହ ପାରିବାରିକ ମନୋମାଳିନ୍ୟ କାରଣରୁ ରଶ୍ମୀତା ଦୀର୍ଘ ଦୁଇ ବର୍ଷ ହେବ ସ୍ୱାମୀଙ୍କୁ ଛାଡ଼ି ବାପଘର ରାମଚନ୍ଦ୍ରପୁରରେ ରହି ଆସୁଥିଲେ । ତେବେ ଗତ ଦୁଇଦିନ ପୂର୍ବେ ସେ ହଠାତ୍ ବାପ ଘରୁ ବାହାରି ଚାଲିଯାଇଥିଲେ । ଆଜି ସକାଳେ ସ୍ଥାନୀୟ ଲୋକେ ଗ୍ରାମ ନିକଟସ୍ଥ ଜଙ୍ଗଲର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପରିବାର ଲୋକ ଓ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁ ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଥିବା ବେଳେ, ଏହା ଏକ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୋଲିସ ପ୍ରକାଶ କରିଛି।

# ସୋସିଆଲ ମିଡିଆରେ ମହିଳାଙ୍କ ବିନା ଅନୁମତିରେ ଫଟୋ-ଭିଡିଓ ଭାଇରାଲ କରି ଯୁବକ ଗିରଫ



କେନ୍ଦୁଝର:୧୫/୦୯(ଦିଲ୍ଲୀପ କୁମାର ସାହୁ) – ସୋସିଆଲ ମିଡିଆରେ ଜଣେ ୨୩ ବର୍ଷୀୟା ମହିଳାଙ୍କ ଫଟୋ ଓ ଭିଡିଓ ତାଙ୍କ ବିନା ଅନୁମତିରେ ପ୍ରସାରଣ କରିବା ସହ ଅଶ୍ଳୀଳ, ଅପମାନଜନକ ଓ ଆପତ୍ତିଜନକ ମନ୍ତବ୍ୟ ଦେଇ ହଇରାଣ କରିବା ଅଭିଯୋଗରେ କେନ୍ଦୁଝର ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ପଣ୍ଡାପଡ଼ା ଥାନା ଅଧୀନ ନୁଦୁରୁପଡା ବଡ଼ିବାରି ଅଞ୍ଚଳର ଟିକିନା ଓରଫ ବିଜୟ କୁମାର ମୁଣ୍ଡା (୨୧) ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି ।ପ୍ରାପ୍ତ ସୂଚନାନୁଯାୟୀ, ଏହି ଘଟଣାକୁ ନେଇ କେନ୍ଦୁଝର ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲା । ମାମଲାରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍)ର ବିଭିନ୍ନ ଧାରା ସହ ଆଇଟି ଆଇନର ଧାରା ୬୬ଇ ଓ ୬୭ଲାଗୁ କରାଯାଇଥିଲା। ଅଭିଯୋଗ ଅନୁସାରେ, ଯୁବକ ଜଣକ ସମ୍ପୃକ୍ତ ମହିଳାଙ୍କ ଇନଷ୍ଟାଗ୍ରାମ ପ୍ରୋଫାଇଲରୁ ତାଙ୍କ ଫଟୋ ଓ ଭିଡିଓ ବିନା ଅନୁମତିରେ ଡାଉନଲୋଡ୍ କରିଥିଲେ । ପରେ ସେଗୁଡ଼ିକୁ ଇନଷ୍ଟାଗ୍ରାମ, ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ ଭଳି ବିଭିନ୍ନ ସୋସିଆଲ ମିଡିଆ ମାଧ୍ୟମରେ ସେୟାର ଓ ପୋଷ୍ଟ କରିବା ସହ ମହିଳାଙ୍କ ପ୍ରତି ଅଶ୍ଳୀଳ, ଅପମାନଜନକ ଓ ଆପତ୍ତିଜନକ ମନ୍ତବ୍ୟ କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନୁ ସମୟରେ ଅଭିଯୋଗର ପ୍ରାଥମିକ ସତ୍ୟତା ମିଳିଥୁବା ପୁଲିସ ପକ୍ଷରୁ କୁହାଯାଇଛି । ଏହାପରେ ଘଟଣା ସମ୍ପର୍କିତ ସ୍କ୍ରିନସଟ୍, ଫଟୋ, ଭିଡିଓ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ରେକର୍ଡ ସମେତ ଡିଜିଟାଲ ପ୍ରମାଣ ସଂଗ୍ରହ କରି ସୁରକ୍ଷିତ ରଖାଯାଇଥିଲା । ତଦନ୍ତ ପ୍ରକ୍ରିୟାରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଥିଲା । ଗିରଫ ପରେ ତାଙ୍କୁ ଗିରଫର କାରଣ ସମ୍ପର୍କରେ ଅବଗତ କରାଯିବା ସହ ନିୟମ ଅନୁଯାୟୀ ଡାକ୍ତରୀ ପରୀକ୍ଷା କରାଯାଇଥୁଲା। ପୋଲିସ କହିଛି ଯେ, ତଦନୁ ସମୟରେ ଅଭିଯୁକ୍ତଙ୍କ ଡିସ୍କ୍ଲୋଜର ବୟାନ ରେକର୍ଡ କରାଯାଇଥିଲା । ତାଙ୍କଦ୍ୱାରା ଦିଆଯାଇଥିବା ସୂଚନା ଆଧାରରେ ସମ୍ପୃକ୍ତ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଇଥିବା ବେଳେ ଏହି ଉଦ୍ଧାର ଓ ଜବତ ପ୍ରକ୍ରିୟାର ଭିଡିଓଗ୍ରାଫି ମଧ୍ୟ କରାଯାଇଥିବା ଜଣାପଡ଼ିଛି। ତଦନ୍ତରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୩୬(୩), ୩୩୬(୪), ୨୯୪, ୭୪, ୭୮, ୨୩୮ ଓ ୩୦୮(୫) ସହ ଆଇଟି ଆଇନର ଧାରା ୬୬ଇ ଓ ୬୭ ଅନୁଯାୟୀ ପ୍ରାଥମିକ ପ୍ରମାଣ ମିଳିଥିବା ପୋଲିସ ପକ୍ଷରୁ କୁହାଯାଇଛି । ଗିରଫ ଅଭିଯୁକ୍ତଙ୍କୁ କେନ୍ଦୁଝର ଟାଉନ ଥାନା ପୋଲିସ ଏସଡିଜେଏମ୍, କେନ୍ଦୁଝର (ଟି) ସିଏଆଇ ସଦର କୋର୍ଟରେ ହାଜରକରି ନ୍ୟାୟିକ ହାଜତକୁ ପଠାଇବା ପାଇଁ ଆବେଦନ କରିଥୁବା ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ଘଟଣାରେ ସମ୍ପୃକ୍ତ ଡିଜିଟାଲ ପ୍ରମାଣ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ତଦନ୍ତ ଆଗକୁ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି ।

## ଶାନ୍ତି ଆଶ୍ରମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ହରିଚନ୍ଦନପୁର, ୧୫/୯(ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ କୁଆଁଝରଣସ୍ଥିତ ଶାନ୍ତି ଆଶ୍ରମରେ ସାତଦିନ ବ୍ୟାପୀ ହରିବଂଶ ପୋଥି ପଠନ ସମାରୋହ ଅନୁଷ୍ଠିତ ହୋଇଛି। ୪ ତାରିଖ କଳସ ଯାତ୍ରା ପରେ ୯ତାରିଖ ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ନୀଳମାଧବଙ୍କ ପୂଜାର୍ଚ୍ଚନା ଓ ହରିବଂଶ ପୋଥି ପାଠ କରାଯାଇଥିଲା । ପରେ ଗୀତାଯଜ୍ଞ ଆରମ୍ଭ ହୋଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ପୂଜକ ମନୋଜ କୁମାର ଆଚାର୍ଯ୍ୟ, ଅଭିଷେକ ପାଣିଗ୍ରାହୀ, ସମୀର କୁମାର କର ପୂଜାର୍ଚ୍ଚନା କରିଥିଲେ। ଲଲାଟେନ୍ଦୁ ବଳ କର୍ତ୍ତା ଭାବେ ସଂକଳ୍ପରେ ବସିଥିଲେ। ଆଶ୍ରମର ଅଧ୍ୟକ୍ଷା ଶର୍ମିଷ୍ଠା ମହାନ୍ତିଙ୍କ ତତ୍ତ୍ୱାବଧାନରେ ନିରାକାର ସାହୁ, ନିରଞ୍ଜନ ଦାସ, ପିଙ୍କି ସାହୁ, ରଣଜିତ ସାହୁ, ଝୁନାରାଣୀ ଦାସ, ସସ୍ମିତା ନାଏକ, ପବିତ୍ର ଜୁଆଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅବସରପ୍ରାପ୍ତ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ହରିଚନ୍ଦନପୁର, ୧୫/୯(ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ ଜିରାଙ୍ଗ ପଞ୍ଚାୟତ କୁଣ୍ଡଳପାଣି ଗ୍ରାମ ଝାଲକାଣିସାହିର ଅବସରପ୍ରାପ୍ତ ସୁବେଦାର ବ୍ରହ୍ମାନନ୍ଦ ମହାନ୍ତ (୬୨)ଙ୍କ ଗତ ୧୨ ତାରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି ତାଙ୍କ ମରଶରୀର ଗତକାଲି ସନ୍ଧ୍ୟାରେ ଗାଁରେ ପହଞ୍ଚିଥିଲା । ହରିଚନ୍ଦନପୁର ବ୍ଲକ୍ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ଏବଂ କେନ୍ଦୁଝର ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସଂଘର ସଦସ୍ୟମାନେ ଜାତୀୟ ପତାକା ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନ ଜଣାଇଥିଲେ। ସଂଘ ସଭାପତି ସତ୍ୟାନନ୍ଦ ସାହୁ, ସମ୍ପାଦକ ଜୟକୃଷ୍ଣ ମହାନ୍ତ, ଜଗତାନନ୍ଦ ସାହୁ, ଗଜେନ୍ଦ୍ର ମହାନ୍ତ, ରଣଜିତ କୁମାର ସାହୁ, ପଦ୍ମଲୋଚନ ବେହେରା, ଶାନ୍ତନୁ କୁମାର ସାହୁ, ଇନ୍ଦ୍ରମଣି ସାହୁ, ଭ୍ରମରବର ସାହୁ, ରତ୍ନାକର ସାହୁ, କେନ୍ଦୁଝରର ବଳଭଦ୍ର ସାହୁ, ଅଜୟ କୁମାର ପାଣି, ମାନସ ରଞ୍ଜନ ଜେନା, ପ୍ରଶାନ୍ତ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## କେନାଲ ଜାମ ଯୋଗୁଁ ବଦଳିଲା ଗତିପଥ ଜନଜୀବନ ବିପନ୍ନ, ନିଦ୍ରାବିଷ୍ଟ କ୍ଷୁଦ୍ର ଜଳସେଚନ ବିଭାଗ

ଚମ୍ପୁଆ,:୧୫/୯(ରାମକୃଷ୍ଣ ଜିତ):- ବିଭାଗୀୟ ଉଦାସୀନତା ଓ ଦୂରଦୃଷ୍ଟି ଅଭାବରୁ ଚମ୍ପୁଆ ଏନଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ବାରିକ ସାହିରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ସାହେବ ବନ୍ଧରୁ ବହିଯାଉଥିବା ମୁଖ୍ୟ କେନାଲଟି ଦୀର୍ଘ ଦିନ ଧରି ସଫା କରାଯାଉ ନଥିବାରୁ ଏହା ଏବେ ଲତା ଓ ଆବର୍ଜନାରେ ଜାମ ହୋଇ ପଡ଼ିଛି। ଫଳରେ ସାମ୍ପ୍ରତିକ ଲଗାଣ ବର୍ଷାରେ ବନ୍ୟା ଜଳ କେନାଲ ମଧ୍ୟ ଦେଇ ଗତି କରି ନପାରି ନିଜର ଗତିପଥ ବଦଳାଇ ଦେଇଛି ।କେନାଲର ଏହି ପରିବର୍ତ୍ତିତ ସ୍ରୋତ ଏବେ ସ୍ଥାନୀୟ ବାସିନ୍ଦାଙ୍କ ଘରବାରି ପ୍ଲଟ ନମ୍ବର ୧୪୮୬/୪୦୮୧ ଓ ୧୪୮୬ ମଧ୍ୟରେ ପ୍ରବେଶ କରି ବୈତରଣୀ ନଦୀରେ ମିଶୁଛି। କେନାଲରେ ନିୟମିତ ତୀବ୍ର ଜଳ ପ୍ରବାହ ଯୋଗୁଁ ଦୁଇ କଡ଼ରେ ବ୍ୟାପକ ମୃତ୍ତିକା କ୍ଷୟ ହେବାରେ ଲାଗିଛି। ଫଳରେ ନିକଟରେ ଥିବା ବାସଗୃହ ଗୁଡ଼ିକ ପ୍ରତି ପ୍ରବଳ ବିପଦ ସୃଷ୍ଟି ହୋଇଛି ।ବନ୍ୟା ଜଳର ପ୍ରଖର ସ୍ରୋତ ଯୋଗୁଁ ସେଠାରେ ସୃଷ୍ଟି ହୋଇଥିବା ଭଗ୍ନ ଖାଇରୁ ବଡ଼ ବଡ଼ ଅତଡ଼ା ଖସିବାରେ ଲାଗିଛି, ଯାହାଦ୍ୱାରା ଖାଇଟି ନିଜର କାୟା ବିସ୍ତାର କରି ଚାଲିଛି। ଏହି ଅତଡ଼ା ଖସିବା ଫଳରେ ଖାଇ କୂଳରେ ଥିବା ଏକ ବିରାଟ ସିମୁଳି ଗଛ ଏବଂ ଏକ ଜାମୁ ଗଛ ନିକଟସ୍ଥ ବାସଗୃହ ଉପରେ ଭାଙ୍ଗି ପଡ଼ିଛି। ଏହା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ଗୃହର ଆଂଶିକ କ୍ଷତି ଘଟିଥିବା ବେଳେ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି ।ଏହି କେନାଲଟି କ୍ଷୁଦ୍ର ଜଳ ସେଚନ ବିଭାଗ ଅଧୀନରେ ଥିବା ବେଳେ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ଆଜି ଏଭି ପରିସ୍ଥିତି ଉପୁଜିଛି। ସ୍ଥାନୀୟ ଅଧିବାସୀମାନେ ବାରମ୍ବାର ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବିଭାଗର ଏଭଳି ନିଷ୍କ୍ରିୟତା ଓ ନିରବଦ୍ରଷ୍ଟା ସାଜିବା ମନୋଭାବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର କେନାଲ ସଫା କରାଯାଇ ମୃତ୍ତିକା କ୍ଷୟ ରୋକିବାକୁ ସୁରକ୍ଷା ପ୍ରାଚୀର ନିର୍ମାଣ ନକଲେ, ଆଗକୁ ବଡ଼ ଧରଣର ଧନଜୀବନ ହାନି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ତେଣୁ ଏଥି ପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।



## ରାଜ୍ୟସ୍ତରୀୟ ମହାବୀର ଫୁଟବଲ କପର ତୃତୀୟ ଦିବସ

# ରିମିକ୍ସ ଏଫସି କଲରଙ୍ଗୀ ଗ୍ରୁପ ସି ଚାମ୍ପିଅନ୍



ହରିଚନ୍ଦନପୁର,୧୫/୯ (ଶୂନ୍ୟରଞ୍ଜନ ଘଣା ) : ହରିଚନ୍ଦନପୁର ବ୍ଲକ ଠାକୁରପଡା ପଞ୍ଚାୟତ ଝାଟିଆଳୀ ଗ୍ରାମର ମହାବୀରା ଠାକୁରାଣୀ ଯୁଥ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମାଣିଆ ମିନି ଷ୍ଟାଡିୟମ ପରିସରରେ ୨୬ ତମ ବାର୍ଷିକ ଚତୁବସୀୟ ରାଜ୍ୟ ସ୍ତରୀୟ ମହାବୀରା ଫୁଟବଲ କପ ଶନିବାର ଉଦଘାଟିତ ହୋଇଥିବା ବେଳେ ଆଜି ଥିଲା ଟୁର୍ଣ୍ଣାମେଟର ତୃତୀୟ ଦିବସ ।ଟୁର୍ଣାମେଟରେ ମୋଟରେ ୩୨ ଗୋଟି ଫୁଟବଲ ଟିମ ୪ ଗୋଟି ଗ୍ରୁପରେ ବିଭକ୍ତ ହୋଇ ଖେଳ ପ୍ରଦର୍ଶନ କରିବାକୁ ଥିବାବେଳେ ଆଜି ଅନୁଷ୍ଠିତ ଗ୍ରୁପ ସି ରେ ୮ ଗୋଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ମ୍ୟାଚରେ ଶିବଶକ୍ତି ଏଫସି ଏବଂ ଡାନିଏଲ ଏଫସି ପରସ୍ପରକୁ ଭେଟିଥିଲେ। ଟସ ଜିତି ଶିବଶକ୍ତି ଏଫସି ପ୍ରଥମେ ବଲ ନେଇ ଖେଳ ଆରମ୍ଭ କରିଥିବା ବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମ୍ୟାଚ୍ ଅମୀମାସିଂତ ରହିବାରୁ ଶେଷରେ ଟ୍ରାଇବେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ ଶିବଶକ୍ତି ଏଫସି ୫-୪ ଗୋଲ୍ ବ୍ୟବଧାନରେ ଅଗ୍ରଣୀ ରହି ବିଜୟୀ ଲାଭ କରିବା ସହ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଥିଲା ଓ ଶେଷରେ ଗ୍ରୁପ ସି ର ଚାମ୍ପିଅନ ପାଇଁ ରିମିକ୍ସ ଏଫସି କଲରଙ୍ଗୀ ଏବଂ ବଜରଙ୍ଗୀ ଏଫସି ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ବଜରଙ୍ଗୀ ଏଫସି ବଲ୍ ନେଇ ଖେଳ ଆରମ୍ଭ କରିଥିବା ବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମ୍ୟାଚ ଅମୀମାଂସିତ ରହିବାରୁ ଶେଷରେ ଟ୍ରାଇବେକରର ସାହାର୍ଯ୍ୟ ନିଆଯାଇଥିଲା।

ଏଥିରେ ରିକିକ୍ସ ଏଫସି କଲରଙ୍ଗୀ ୪-୩ ଗୋଲ ବ୍ୟବଧାନରେ ଅଗ୍ରଣୀ ରହିବା ସହ ଗ୍ରୁପ ସି ର ଚାମ୍ପିଅନ ଆଖ୍ୟା ଅର୍ଜନ କରି ତୃତୀୟ ଦଳ ଭାବେ ସେମିଫାଇନାଲ୍‌ରେ ପ୍ରବେଶ କରିଛି ।ତୃତୀୟ ଦିବସର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଧୁରୁଡିଆମ୍ବ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେଶ ଗାଗରାଇ, ସମ୍ମାନୀତ ଅତିଥି ଭାବେ ଯୁବ ସମାଜସେବୀ ଚିନ୍ମୟ କୁମାର ସାହୁ (ବିକି), ସୁରେନ୍ଦ୍ର ମଣ୍ଡଳ, ଅବସରପ୍ରାପ୍ତ ନାଲ୍‌କୋ କର୍ମଚାରୀ ଜଳଧର ନାଏକ, ଶିକ୍ଷାବିତ୍ ଲକ୍ଷ୍ମଣ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଖେଳାଳୀଙ୍କୁଉତ୍ସାହିତ କରିଥିଲେ। ରେଫରୀ ଯତିନ କୁମାର ମହାନ୍ତ (ଚମ୍ପୁଆ), ଗଜାନନ ପାତ୍ର (ବଣାଇ), ଦୈତାରୀ କାରୁଆ ( କମିସନରେଟ ପୁଲିସ ), ନିତିଶ ମହାନ୍ତ (ପୁଲିସ) ମ୍ୟାଚ୍ ଗୁଡିକୁ ପରିଚାଳନା କରିଥିବା ବେଳେ ବୁଲବୁଲ ଆପଟ, କୁଟୁଲ ସୋରେନ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍‌ର ସଭାପତି ଧର୍ମପଦ ମହାନ୍ତ, ସମ୍ପାଦକ ଯତିନ ପାତ୍ର, ସଦସ୍ୟ ଚତୁର୍ଭୁଜ ମହାନ୍ତ, ଶିବଚରଣ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ରଂଜନ କୁମାର ବାରିକ, ନରୋତମ ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ଦୟାନିଧି ମହାନ୍ତ, ପୁରେନ୍ଦ୍ର ମହାନ୍ତ, ଲିପୁନ ମହାନ୍ତ, ସୁଦନ ମହାନ୍ତ, ସଦାନନ୍ଦ ପାତ୍ର ପ୍ରମୁଖଙ୍କ ସମେତ କ୍ଳବ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାଲବାହୀ ଟ୍ରେନ୍ ଧକ୍କାରେ ଅଣ୍ଡିରା ଭାଲୁ ମୃତ

କେନ୍ଦୁଝର:୧୫/୦୯(ଦିଲ୍ଲୀପ କୁମାର ସାହୁ) – ପ୍ୱିତ୍ର ଗଣେଶ ଚତୁର୍ଥୀ ପୂର୍ବ ରାତ୍ରିରେ କେନ୍ଦୁଝର ବନଖଣ୍ଡରେ ଏକ ନୂଆ ହାତୀ ଶାବକ ଜନ୍ମନେଇ ପଶୁପ୍ରେମୀଙ୍କୁ ଆନନ୍ଦିତ କରିଥିଲା, ଅପରପକ୍ଷରେ ଗତ ସୋମବାର ସକାଳ ସମୟରେ ଏକ ଅଣ୍ଡିରା ଭାଲୁ ନରଣପୁର-ବସନ୍ତପୁର ରେଳପଥ ମଧ୍ୟଭାଗ ଏକ ଓଭରବ୍ରିଜ ନିକଟରେ ରେଳପଥ ଅତିକ୍ରମ କରୁଥିବା ବେଳେ ଏକ ମାଲବାହୀ ଟ୍ରେନର ଇଞ୍ଜିନ ସହ ଧକ୍କା ହୋଇ ମୃତ୍ୟବରଣ କରିଛି, ଯାହା ପଶୁପ୍ରେମୀଙ୍କୁ ବିଷାଦ ଘେରକୁ ଟାଣି ନେଇଛି। ମୃତ ଭାଲୁଟି ଅଣ୍ଡିରା ହୋଇଥିବା ବେଳେ ତାର ଆନୁମାନିକ ୧୨ ବର୍ଷ ବୟସ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଭାଲୁ ଏକ ସ୍ୱଳ୍ପ ଉଚ୍ଚତାଯୁକ୍ତ ପ୍ରାଣୀ ହୋଇଥିବାରୁ ଏଂ ଟ୍ରେନ୍ ଚାଳକ ଟ୍ରେନ ଚାଳନା ବେଳେ ଉଚ୍ଚରେ ବସି ଟ୍ରେନ ଚାଳନା କରୁଥିବାରୁ ଭାଲୁ ରେଳପଥ ଅତିକ୍ରମ କରିବା ସମୟରେ ପ୍ରାୟତଃ ଟ୍ରେନ ଚାଳକଙ୍କୁ ଦେଖାଯାଇନଥାଏ। ହାତୀଙ୍କ ଚଲାପଥରେ ସତର୍କ ସୂଚନା ଫଳକ ଲାଗିଥିବା ବେଳେ, ଭାଲୁଙ୍କ ଚଲାପଥରେ ମଧ୍ୟ ସତର୍କ ସୂଚନା ଫଳକ ଲଗାଇବାର ବ୍ୟବସ୍ଥା କରାଯିବ ବୋଲି ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି। ଭାଲୁଟି ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟବରଣ କରିଥିବା ଖବର ପାଇ ବନବିଭାଗର ଏକ ଟିମ ଘଟଣାସ୍ଥଳ ପରିଦର୍ଶନ କରି ମୃତ ଭାଲୁଟିର ବ୍ୟବଚ୍ଛେଦ କରାଇଛନ୍ତି। ରେଳ ମନ୍ତ୍ରାଳୟର ଲୋକୋପାଇଲଟ ମାନଙ୍କୁ ଏହି ବିଷୟରେ ସଚେତନ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।




ବୁଧବାର ୧୬।୦୯।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା


### ଆରମ୍ଭ ହେଲା ପାର୍ବଣ ଋତୁ

# ଧରାପୃଷ୍ଠକୁ ଆସିଲେ ଅଗ୍ରପୂଜ୍ୟ ଗଜାନନ

ଖୋର୍ଦ୍ଧା ୧୫/୦୯(ଅକ୍ଷର ଓଡ଼ିଶା): ଗଣେଷ ଚତୁର୍ଥୀ ଠାରୁ ରାଜ୍ୟରେ ପାର୍ବଣଋତୁ ଆରମ୍ଭ ହୋଇଥିବା କୁହାଯାଏ। ଉକ୍ତ ଦିନ ଧରାପୃଷ୍ଠକୁ ପ୍ରଭୁ ଶ୍ରୀ ଗଣେଷ ତଥା ଗଜାନନ ଅବତୀର୍ଣ୍ଣ କରିଥିବା ବିଶ୍ୱାସ ରହିଛି । ବିଶ୍ୱାସ ଓ ଶ୍ରଦ୍ଧାର ପ୍ରତୀକ ଗଜାନନ ଦେବତାଙ୍କ ଆବାହନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଜ୍ଞାନ ଅଧିଷ୍ଠାତା ତଥା ସିଦ୍ଧିଦାୟକ, ବିଘ୍ନ ବିନାଶକ ଗଣପତିଙ୍କ ପୂଜା ଆଜି ଧୂମଧାମରେ ବିଭିନ୍ନ ବିଦ୍ୟାଳୟ ଗୁଡିକ ରେ ପାଳିତ ହୋଇଯାଇଛି। ଓଁ ନମଃଗଣେଶାୟ ନମଃ ମନ୍ତ୍ରପାଠ, ଧୂପ, ଦୀପ ରେ ଦିନ ତମାମ ସମସ୍ତ ପୂଜାସ୍ଥାନ ଗୁଡ଼ିକରୁ ଶୁଭାଯାଉଛି। ସକାଳୁ ନୂତନ ପୋଷାକ ପରିଧାନ କରି ଛାତ୍ରଛାତ୍ରୀମାନେ ହାତରେ ଭୋଗଥାଳି ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରଭୁ ଗଜାନନଙ୍କୁ ପୂଜା କରିବା ସମେତ ଶିକ୍ଷାନୁଷ୍ଠାନରେ ସାମାଜିକ ଦୂରତ୍ୱ ରକ୍ଷାକରି ପୁଷ୍ପାଞ୍ଜଳୀ ଦେଇଥିବା ଦେଖାଯାଇଛି । ଚଳିତବର୍ଷ ଖୋର୍ଦ୍ଧା ସହରର ବିଭିନ୍ନ ମଣ୍ଡପ ଓ କ୍ଲବରେ ଗଜାନନଙ୍କ ଏକ ଫୁଟ ଠାରୁ ଆରମ୍ଭ କରି



୧୮ ଫୁଟ ଯାଏଁ ଗଣପତିଙ୍କ ମୂର୍ତ୍ତି ପୂଜାପାଇଥିବାବେଳେ ତୋରଣ ସାଙ୍ଗକୁ ଆକର୍ଷଣୀୟ ମେଢ, ଆଲୋକ ସଜ୍ଜାରେ ସହରରେ ପାଖାପାଖି ୨୫/୩୦ଟି ପୂଜମଣ୍ଡପ ଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଛି । ଖୋର୍ଦ୍ଧା ସହରର ସାମନ୍ତରାପୁର, ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, ମଙ୍ଗଳାନଗର, ଶ୍ରୀରାମନଗର, ଭାଲିଆବାଡି, ଜେମାଦେଇ ସମେତ ଖୋର୍ଦ୍ଧା ଉପକଣ୍ଠ ପଲ୍ଲୀ ତାରିଣୀକ୍ଲବ୍, ବରୁଣେଇ କ୍ଲବ, ଜରିପୁଟ ନୂଆସାହି, ପୁରୁଣାସାହି, ଜାମୁସାହି, ଦେଉଳଟାଙ୍ଗୀ, ପୁବୁସାହି, ମଲ୍ଲିପୁର, ବାଜପୁର, ନନ୍ଦପୁର ଯୁବକସଂଘ ପକ୍ଷରୁ ମଧ୍ୟ ଗଜାନନଙ୍କ ଛୋଟ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି । ଅନୁରୂପଭାବେ ବି.ଜେ.ବି ହାଇସ୍କୁଲ, ମହିଳା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ସିଗ୍ମା ପବ୍ଲିକ ସ୍କୁଲ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୀଣାପାଣି ଶିଶୁ ମନ୍ଦିର, ପ୍ରାଣନାଥ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ସମେତ ପୁବୁସାହି ବିଦ୍ୟାଳୟ ଆଦି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ଗଣପତିଙ୍କ ପୂଜାର୍ଚ୍ଚନା କରିଛନ୍ତି । ଖୋର୍ଦ୍ଧା ସାମ୍ବାଦିକ ଭବନ ପରିସରରେ ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ପକ୍ଷରୁ ଗଣନାଥଙ୍କ ଆରାଧନା କରାଯାଇଛି । ଏଥିସହିତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ମଧ୍ୟ ପ୍ରଭୁ ଗଜାନନଙ୍କ ପୂଜା ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିବା ଦେଖାଯାଇଛି।

## ରାଇକିଆ ବିଭିନ୍ନ ଜାଗାରେ ଗଣେଷ ପୂଜା ପାଳିତ

ରାଇକିଆ ୧୫/୦୯ (ଅକ୍ଷର ଓଡିଶା) ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଷଙ୍କ ପୂଜାକୁ ନେଇ ରାଇକିଆ ଓ ଏହାର ଆଖପାଖ ଅଞ୍ଚଳରେ ଦେଖାଦେଇଥିଲା ଭକ୍ତିମୟ ପରିବେଶ। ବିପୁଳ ଆନନ୍ଦ, ଉତ୍ସାହ ଓ ଉଲ୍ଲାସର ସହ ବିଭିନ୍ନ ପୂଜାମଣ୍ଡପରେ ପ୍ରଭୁ ଗଣେଷ ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ଧୂପ, ଦୀପ ଓ ମନ୍ତ୍ରୋଚ୍ଚାରଣରେ ପୂଜା ମଣ୍ଡପ ଗୁଡ଼ିକ ମୁଖରିତ ହୋଇଥିବା ବେଳେ ସନ୍ଧ୍ୟାରେ ଆଲୋକମାଳାରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ସନ୍ଧ୍ୟା ସମୟରେ ପୂଜା ମଣ୍ଡପ ଗୁଡ଼ିକରେ ଭକ୍ତ ଓ ଦର୍ଶନାର୍ଥୀଙ୍କ ଭିଡ଼ ଜମିଥିଲା। ବିଶେଷକରି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ପୂଜାକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପୂଜା ମଣ୍ଡପ ଗୁଡ଼ିକରେ ଭକ୍ତି ଓ ଉତ୍ସବର ମାହୋଲ ସୃଷ୍ଟି ହୋଇଥିବା ବେଳେ ସମଗ୍ର ରାଇକିଆ ବଜାର ବିଭିନ୍ନ ଜାଗାରେ ଗଣେଷମୟ ହୋଇପଡ଼ିଥିଲା। ବିଘ୍ନବିନାଶକ ପ୍ରଭୁ ଗଣେଷ ଙ୍କ ଆଶୀର୍ବାଦରେ



ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ—ଏହି ପ୍ରାର୍ଥନା ସହ ଭକ୍ତିଭାବରେ ପାଳିତ ହୋଇଥିଲା ଗଣେଶ ପୂଜା। ରାଇକିଆ ବିଜୟ ବଜାର, ବେରେଡ଼ା କିଆ , ଚୂନ ପଲି, କାଟା ପଲୀ, ଶିବ ମନ୍ଦିର ସାମାନା, ବହୁ ଜାଗାରେ ହୋଇ ରହିଛି ପୂଜା , ରାଇକିଆ ରୁ ଜଗଦୀଶ ଦାଶ ।

## ସହାୟ ଗୃହ ଓ ସକ୍ତି ଶଦନଠାରେ ଅଗ୍ର ପୂଜ୍ୟ ଶ୍ରୀ ଗଣେଶଙ୍କର ପୂଜା ଅର୍ଚ୍ଚନା ପାଳିତ

ବଅଁରପାଳ ୧୫/୦୯ (ଅଜିତ ) ସହାୟ ଗୃହ ଓ ସକ୍ତି ଶଦନ ଠାରେ ବଡ ଆଡମ୍ବର ସହକାରେ ପାଳିତ ହେଲା ବିଘ୍ନ ବିନାୟକ ଙ୍କ ପୂଜାର୍ଚ୍ଚନା,ସହାୟ ଗୃହ ରେ ୧୦୦ ଅନ୍ତେବାସୀଙ୍କ ସହିତ ସେଠିକାର ସଦସ୍ୟ ଓ ଅତିଥି ବୃନ୍ଦ ମାନଙ୍କ ଦ୍ୱାରା ବଡ଼ ଆନନ୍ଦ ଉଲ୍ଲାସରେ ଶ୍ରୀ ଗଣେଶଙ୍କ ଭଜନ କୀର୍ତ୍ତନ ସହିତ ପ୍ରସାଦ ସେବନ କରି ବହୁଆଡମ୍ବରରେ ସହକାରେ ପାଳନ କରାଗଲା । ସେହିପରି ଅନୁଗୋଳ ପଞ୍ଚମହଲା ସ୍ଥିତ ଠାରେ ଥିବା ଶକ୍ତି ସଦନ ପରିସରରେ ବିଘ୍ନ ବିନାୟକ ଙ୍କ ପୂଜାର୍ଚ୍ଚନା ୫୦ ଅନ୍ତେବାସୀ ଓ ସମସ୍ତ ସଦସ୍ୟ ଓ ଅତିଥି ଙ୍କ ଉପସ୍ଥିତିରେ ହୂମ ଯଜ୍ଞ ସହିତ ପ୍ରସାଦ ବିତରଣ ସହିତ ବୃହୁଆଡମ୍ବରସହକାରେ ପାଳନ କରାଗଲା ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏ.ବି.ସି.ଡି ସଂସ୍ଥାର ସମ୍ପାଦିକା ମମତା ମହାପାତ୍ର ଓ ସଦସ୍ୟ ମୋତିରାମ ଜେନା ।

## ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷାଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଖଣ୍ଡପଡ଼ା ୧୫ ।୯ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରର ୧୩ ନଂ ୱାର୍ଡ ଅଧୀନ ଉମାଦେବୀ ସାହିରେ ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ନୂତନ କାର୍ଯ୍ୟାଳୟ ଗୃହ ସୋମବାର ଉଦଘାଟିତ ହୋଇଯାଇଛି ।ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ନୂତନ କାର୍ଯ୍ୟାଳୟ ଗୃହ ଉଦଘାଟନ ସହ ପ୍ରଭୁ ଗଜାନନଙ୍କ ପୂଜା ଉତ୍ସବ ସେଠାରେ ଅନୁଷ୍ଠିତ ହୋଇଯାଇଛି ।ଉଦଘାଟନୀ କାର୍ଯ୍ୟକ୍ରମରେ ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ ।ଖଣ୍ଡପଡ଼ା ସହରବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏନଏସି ଅଧ୍ୟକ୍ଷାଙ୍କ ନୂତନ କାର୍ଯ୍ୟାଳୟ ଗୃହ ଉଦଘାଟିତ ହୋଇଥିବା ଜଣାପଡିଛି।

## ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଜନ୍ମଦିନ ପାଳିତ

ଦେବଗଡ଼ ୧୫/୦୯ (ଅକ୍ଷର ଓଡ଼ିଶା): ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଜନ୍ମଦିବସ ଅବସରରେ ଆଜି ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଦଳୀୟ କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ଉପସ୍ଥିତ ରହି ବିଧାୟକ ଶ୍ରୀ ବିଶ୍ୱାଳଙ୍କୁ ଜନ୍ମଦିନର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ତାଙ୍କର ସୁସ୍ଥ, ଦୀର୍ଘ ଓ ନିରାମୟ ଜୀବନ କାମନା କରି ଉପସ୍ଥିତ ସମସ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

### ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଳିଆ ଗଦାର ପାହାଡ

# ପ୍ରହସନ ପାଲଟିଛି ସ୍ୱଚ୍ଛ ଭାରତ ମିଶନ



ଡ଼ାବୁଗାଁ ୧୫ /୦୯ (ଅକ୍ଷର ଓଡିଶା) ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ର ସର୍ବ ପୁରାତନ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସର ଏବେ ଓଳିଆ ଗଦା ର ପାହାଡ ହୋଇଛି ।ଡାବୁଗାଁ ଦୈନିକ ବଜାର ର ସମସ୍ତ ଅଳିଆ ଆବର୍ଜନା କୁ ଏଠାରେ ପକା ଯାଉଥିବାରୁ ବିଦ୍ୟାଳୟ ର ପାଚେରି ମଧ୍ୟ ଦୀର୍ଘଦିନ ହେଲା ଭାଙ୍ଗି ଯାଇଛି । ଡ଼ାବୁଗାଁ ର ମଧ୍ୟ ଭାଗରେ ତଥା ମୁଖ୍ୟ ଯାତାୟାତ ରାସ୍ତାରେ ବିଦ୍ୟାଳୟ ର ଏପରି ଦୂରାବସ୍ଥା ରହିଥିଲେ ସୁଦ୍ଧା ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଡ଼ାବୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରେ ଅଛି ସର୍ବ ପୁରାତନ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ । ଏହି ବିଦ୍ୟାଳୟ ମୁଖ୍ୟ ରାସ୍ତା କୁ ଲାଗି ରହିଥିବାରୁ ବିଦ୍ୟାଳୟ ର ସମ୍ମୁଖ ଭାଗରେ ପାଚେରୀ ନିର୍ମାଣ ହୋଇଛି । ପାଚେରି କୁ ଲାଗି ବିଦ୍ୟାଳୟ ର ଗୋଟିଏ ଭଗ୍ନ ସରକାରୀ ବାସଗୃହ ସହ ଛାତ୍ରଛାତ୍ରୀ ଙ୍କ ପାଇଁ ଖେଳ ପଡିଆ ରହିଛି । ସରକାରୀ ଗୃହ କୁ ଲାଗି ଦୈନିକ ବଜାର ଥିବାରୁ ଦୈନିକ ବଜାର ର ଯାବତୀୟ ଓଳିଆ ଆବର୍ଜନା ବିଦ୍ୟାଳୟ ପାଚେରୀ ଦେଇ ଫିଙ୍ଗା ଯାଉଛି। ପ୍ରତିଦିନ ଏହି ଓଳିଆ ବିଦ୍ୟାଳୟ ଭିତରେ ପଡି ପାହାଡ ସଦୃଶ୍ୟ ରହିଛି । ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଭଙ୍ଗା ସରକାରୀ ବାସ ଗୃହ ରୁ ବିଦ୍ୟାଳୟ ଶ୍ରେଣୀ ଗୃହ ପର୍ଯ୍ୟନ୍ତ ଓଳିଆ ଗଦା ହୋଇ ରହିଛି । ପାଚେରି କୁ ଲାଗି ଓଳିଆ ଗଦା ରହିଥିବାରୁ ବର୍ଷା ପାଣି ଜମା ହୋଇ ପାଚେରୀ ଦୁର୍ବଳ ହେବା ସହ ଦୀର୍ଘଦିନ ହେଲାଣି ବର୍ଷାରେ ବିଦ୍ୟାଳୟ ର ସମ୍ମୁଖ ଭାଗ ପାଚେରି ଭାଙ୍ଗି ଯାଇଛି । ରାସ୍ତା କୁ ଲାଗି କୁଢ଼ କୁଢ଼ ଓଳିଆ ଆବର୍ଜନା ଥିବାରୁ ପୁତ୍ତ ଗନ୍ଧମୟ ହୋଇ ରହୁଛି । ଏହି ରାସ୍ତା ଦେଇ ଯାତାୟାତ କରିଥିବା ଲୋକେ ଦୁର୍ଗନ୍ଧ ଯୋଗୁ ନାକରେ ହାତ ଦେଇ ଯାତାୟତ କରୁଛନ୍ତି । ବିଦ୍ୟାଳୟ ରେ ଖେଳ ପଡିଆ ଥିଲେ ସୁଦ୍ଧା ଛାତ୍ରଛାତ୍ରୀ କୁଢ଼ କୁଢ ଓଳିଆ ଆବର୍ଜନା ଭର୍ତ୍ତି ଥିବାରୁ ଦୀର୍ଘ ବର୍ଷ ହେଲା ଖେଳ ପଡିଆ ବ୍ୟବହାର କରୁ ନାହାନ୍ତି ।ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଅବ୍ୟବହୃତ ସରକାରୀ ଗୃହ କୁ ମରାମତି କରିବା ସହ ବିଦ୍ୟାଳୟ ପରିସରରୁ ଓଳିଆ ଆବର୍ଜନା ହଟାଇ ସୁସ୍ଥ ପରିବେଶ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି ।

## ବଡ଼ମ୍ବାର ବିଭିନ୍ନ ପୂଜା ମଣ୍ଡପରେ ଯୋଗଦେଲେ ବିଧାୟକ



ଆଠଗଡ଼, ୧୫/୯ (ଅକ୍ଷର ଓଡ଼ିଶା)ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଦିନିଆରୀ ଗ୍ରାମ ପଞ୍ଚାୟତର ଦିନିଆରୀ ଗ୍ରାମରେ ଅନୁଷ୍ଠିତ ଅଗ୍ରପୂଜ୍ୟ ଶ୍ରୀ ଗଜାନନଙ୍କ ପୂଜା ମଣ୍ଡପରେ ଯୋଗଦାନ କରି ପ୍ରଭୁଙ୍କ ନିକଟରେ ଆଶିର୍ବାଦ ଭିକ୍ଷା କରିଥିଲେ ବିଧାୟକ ବିଜୟ କୁମାର ଦଳବେହେରା। ପରେ ବେଲପଡ଼ା ଗ୍ରାମରେ ବିଶେଶ୍ୱରୀ ପୂଜା କମିଟିର ଯୁବକ ବନ୍ଧୁଙ୍କ ଦ୍ୱାରା ଆୟୋଜିତ ପୂଜା ମଣ୍ଡପରେ ଯୋଗଦାନ କରିଥିଲେ ବିଧାୟକ ।ଏହି ଅବସରରେ ବିଧାୟକଙ୍କ ସହିତ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ଶ୍ରୀ ରଘୁପତି ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୂଦତ୍ତ ପଟ୍ଟନାୟକ ,ଦିନୀଆରି ଗ୍ରାମର ଯୁବନେତୃତ୍ୱ ପ୍ରକାଶ, ବେଲପଡ଼ା ଗ୍ରାମର ଯୁବ ନେତୃତ୍ୱ ତଥା ଦିନୀଆରି ଗ୍ରାମପଞ୍ଚାୟତର ସରପଞ୍ଚ ଆଲୋକ କୁମାର ସାହୁ ,ସମସ୍ତ ଯୁବକ ବନ୍ଧୁ, ବରିଷ୍ଠ ନେତୃତ୍ୱ ଉପସ୍ଥିତ ଥିଲେ।

## ସେବା ଫାଉଣ୍ଡେସନ ଅସହାୟ ଲୋକଙ୍କ ସେବାରେ ସମର୍ପିତ

ସୁବର୍ଣ୍ଣପୁର:୧୪।୯(ସଂଗ୍ରାମ ମହାପାତ୍ର ) ଯେଉଁଠି ଅସହାୟତା, ସେଠି ସାହାଯ୍ୟର ହାତ ଯେଉଁଠି ଦୁଃ, ସେଠି ସେବାର ଆଲୋକ ଯେଉଁଠି ନେତା ମନ୍ତ୍ରୀ ନିଜ ସମ୍ପତି ବଢ଼େଇବା ରେ ଲାଗିପଡ଼ି ନିଜର ମଣିଷ ପଣିଆ ହରାଉଛନ୍ତି ସେଥି ଏମିତି ମଣିଷ ପଣିଆ ଦେ୍ଵବାକୁ ମିଳୁଛି ବୈଦୂପାଲି ସ୍ଥାନୀୟ ଲୋକଙ୍କ ଦ୍ୱାରା ରାସ୍ତା କଡ଼ରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ସେବା ଫାଉଣ୍ଡେସନ ର ସଭ୍ୟା ନିତା ପଟେଲ୍ ଙ୍କୁ ଖବର ଦେଇଥିଲେ ଖବର ପାଇ ସେବା ଫାଉଣ୍ଡେସନ ର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳ, ବରିଷ୍ଠ ସଭ୍ୟ ଅରବିନ୍ଦ ପଟେଲ୍ ଓ ନିତା ପଟେଲ୍ ଘଟଣା ସ୍ଥଳେ ପହଞ୍ଚିଥିଲେ ସଙ୍ଗେ ସଙ୍ଗେ ତାକୁ ଦମକଳ ବାହିନୀ ସାହାଯ୍ୟରେ ଡୁଙ୍ଗୁରିପାଲି ଡାକ୍ତରାନାକୁ ପହଞ୍ଚିଥିଲୁ କିଛି ମାତ୍ରାରେ ମାନସିକ ରୋଗୀ ଭଳି ବ୍ୟବହାର ଦେ୍ଵବାକୁ ମିଳିଥିଲା ଡାକ୍ତର ସଞ୍ଜୟ କୁମାର ପଧାନ ଙ୍କ ପରାମର୍ଶରେ ଚିକିତ୍ସା ଚାଲିଥିଲା ଦୁଇ ଦିନ ଧରି ସେବା ଫାଉଣ୍ଡେସନ ଦ୍ୱାରା ରାସ୍ତା କଡ଼ରୁ ଉଦ୍ଧାର କରି ଦୁଇ ତିନି ଥର ତାକୁ ଡାକ୍ତର ।ନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ଆଜି ତାର ଉତ୍ତମ ଚିକିତ୍ସା ପାଇଁ ଡ଼ା ସଞ୍ଜୟ ପଧାନ ଓ ଡ଼ା ସରୋଜ ସେଠ୍ ଙ୍କ ସହ କଥା ହୋଇ ତାକୁ ଜିଲ୍ଲା ମୁ୍ୟ ଚିକିତ୍ସାଳୟକୁ ନିଆଗଲା ସେଠାରେ ପହଞ୍ଚିବା ପରେ ଡାକ୍ତରାନରେ ଆମ ସେବା ଫାଉଣ୍ଡେସନର ଦୁଇ ଜଣ ସକ୍ରିୟ ସାହସୀ ମହିଳା ସଭ୍ୟା ନିତା ପଟେଲ୍ ଓ ସଭ୍ୟ ସୁଶାନ୍ତ ବାରିକ୍ ମାନସିକ ରୋଗୀ ସହ କଥା ହେବାରେ ଲାଗିଲେ ଏବଂ କଥା କଥାରେ ସେ ତାର ସଠିକ୍ ପରିଚୟ ଦେବା ସଙ୍ଗେ ସଙ୍ଗେ ତାଙ୍କର ଘର ଲୋକ ମାନେ ବଡ଼ ଭାଇ ର ମୋବାଇଲ ନମ୍ବର ଦେଲେ, ବଡ଼ ଭାଇ ସହ ସଭ୍ୟା ନିତା ପଟେଲ୍ କଥା ହେବା ପରେ ଜଣାପଡ଼ିଲା ସେ ଭୁବନେଶ୍ୱର ସହରରେ ରହୁଥିବା ଜଣେ ବ୍ୟକ୍ତି ଏବଂ ତାଙ୍କ ବଡ଼ ଭାଇ ଭାଉଜ ସହ ତାଙ୍କ ସ୍ତ୍ରୀ ମଧ୍ୟ ଅଛନ୍ତି ସେମାନେ ଜାଣି ବହୁତ୍ ଖୁସି ହେଇଥିଲେ ଆସନ୍ତା କାଲି ସକାଳେ ଆସି ସେମାନେ ଘରକୁ ନେବା ପାଇଁ କହିଥିଲେ ଆଜି ବଡ ଭାଇ ସହ ପୁତୁରା ଆସି ତାଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ମୁ୍ୟ ଡାକ୍ତର ।ନାରୁ ତାଙ୍କୁ ଘରକୁ ନେଇଥିଲେ ।

## ବାଲୁଗାଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ ଜରିଆରେ ଜନସଚେତନତା

ବାଲୁଗାଁ୧୫/୦୯ : (ଅକ୍ଷର ଓଡ଼ିଶା)ଆସନ୍ନ ଗଣେଶ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନେଇ ଆଜି ବାଲୁଗାଁ ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି ।ଅଞ୍ଚଳରେ ଆଇନଶୃଙ୍ଖଳା ବଜାୟ ରଖିବା, ଅସାମାଜିକ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୁରକ୍ଷାର ଭାବନା ସୃଷ୍ଟି କରିବା ପାଇଁ ଏହି ଫ୍ଲାଗ୍ ମାର୍ଚ୍ଚ ଆୟୋଜନ କରାଯାଇଥିଲା। ଏହି ମାର୍ଚ୍ଚ ବାଲୁଗାଁ ଥାନାରୁ ବାହାରି ମୁଖ୍ୟ ବଜାର, ଗାନ୍ଧୀ ଛକ, ଚିଲିକା ରୋଡ୍ ସମେତ ବିଭିନ୍ନ ଗହଳିପୂର୍ଣ୍ଣ ଅଞ୍ଚଳ ପରିକ୍ରମା କରିଥିଲା ।ଏହି ଅବସରରେ ଗଣେଶ ପୂଜା କିପରି ଶାନ୍ତିଶୃଙ୍ଖଳାର ସହ ପାଳନ ହେବ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ସେ ନେଇ ବିଭିନ୍ନ ପୂଜା କମିଟିର ସଦସ୍ୟମାନଙ୍କୁ ପରାମର୍ଶ ଦିଆଯାଇଥିଲା ।ଉକ୍ତ ଫ୍ଲାଗ୍ ମାର୍ଚ୍ଚରେ ବାଲୁଗାଁ ଥାନା ଅଧିକାରିଣୀ ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ଏସଓ ଜଗନ୍ନାଥ ସେଠୀ, ଇଏସଓ ମନୋରଞ୍ଜନ ସ୍ୱାଇଁଙ୍କ ସମେତ ସମସ୍ତ ଅଧିକାରୀ ଓ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ସାମିଲ ହୋଇଥିଲେ ।ଏହି ଅବସରରେ ଥାନା ଅଧିକାରିଣୀ ଶ୍ରୀମତୀ ନାୟକ କହିଛନ୍ତି, ପାର୍ବଣ ସମୟରେ ଭିଡ଼ର ସୁଯୋଗ ନେଇ କେହି ଯେପରି ଅଶାନ୍ତି ସୃଷ୍ଟି ନ କରନ୍ତି ସେଥିପାଇଁ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ



ଅଛି । ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ । କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଅସାମାଜିକ କାର୍ଯ୍ୟକଳାପ ନଜରକୁ ଆସିଲେ ତୁରନ୍ତ ପୋଲିସକୁ ଜଣାଇବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଆଗାମୀ ଦିନରେ ମଧ୍ୟ ଏଭଳି ଫ୍ଲାଗ୍ ମାର୍ଚ୍ଚ ଜାରି ରହିବ ବୋଲି ସେ କହିଛନ୍ତି ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ନିଶ୍ଚିନ୍ତକୋଇଲି ୧୫/୦୯(ଅକ୍ଷର ଓଡ଼ିଶା)- ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମର ସ୍ୱର୍ଗତ ଗୋଲଖ ଚନ୍ଦ୍ର ପୃଷ୍ଟିଙ୍କ ସହଧର୍ମିଣୀ ତଥା ବିଶିଷ୍ଟ ଧର୍ମପରାୟଣା ମହିଳା ମାଳତୀ ପୃଷ୍ଟିଙ୍କର ତାଙ୍କ ବାସଭବନରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ଦୀର୍ଘ ଦିନ ଧରି ମାଳତୀ ଅସୁସ୍ଥ ହୋଇ ଚିକିତ୍ସାଧିନ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର କନିଷ୍ଠ ପୁତ୍ର ସନ୍ତୋଷ,ପୁତ୍ରବଧୂ ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ୍ନ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶୋକାକୂଳ ପରିବେଶରେ ଦାହ କରାଯାଇଛି। ତାଙ୍କର ଜ୍ୟେଷ୍ଠପୁତ୍ର ସଂଗ୍ରାମ କେଶରୀ ପୃଷ୍ଟି ମୁଖାଗ୍ନି ଦେଇଥିଲେ।

### ୫ମାସ ହେଲା ମାନସିକ ବାଣ ଫୁଟା ବନ୍ଦ

# ଭକ୍ତ ମହଲରେ ନୈରାଶ୍ୟ



ନିଶ୍ଚିନ୍ତକୋଇଲି ୧୫/୦୯(ଅକ୍ଷର ଓଡ଼ିଶା)-ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଂଚାୟତ ମଲ୍ଲିପୁରସ୍ଥିତ ପ୍ରସିଦ୍ଧ ଅସୁରେଶ୍ୱରର ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପବିତ୍ର ପୀଠରେ ପ୍ରଶାସନ ତରଫରୁ ପରମ୍ପରା ଭଙ୍ଗ କରାଯାଇ ୫ମାସ ହେଲା ମାନସିକ ବାଣ ଫୁଟାକୁ ବନ୍ଦ କରିଦିଆଯାଇଛି। ଏହି ଘଟଣାକୁ କେନ୍ଦ୍ର କରି ଭକ୍ତ ମହଲରେ ନୈରାଶ୍ୟଭାବ ସୃଷ୍ଟି ହୋଇଛି। ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପୀଠରେ ଦୀର୍ଘ ୫ଶହ ବର୍ଷରୁ ଉର୍ଦ୍ଧ ହେବ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦ୍ୱାରା ମାନସିକ ବାଣ ନୈବେଦ୍ୟ ଅର୍ପଣ କରାଯାଇଥାଏ। ଏପରିକି ପ୍ରସିଦ୍ଧ ଶ୍ରୀରାମ ନବମୀ,ଦାଣ୍ଡଯାତ୍ରା ସର୍ବୋପରି ବିଭିନ୍ନ ପର୍ବ ପର୍ବାଣୀ ଏବଂ ବିଶେଷ କରି ପ୍ରତି ସଂକ୍ରାନ୍ତି ଦିନ ଏଠାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ପୂଜାର୍ଚ୍ଚନା ନିମନ୍ତେ ଆସିଥାନ୍ତି। ଏହି ଶ୍ରଦ୍ଧାଳୁ ଭକ୍ତମାନେ ମାନସିକ ବାଣ ନୈବେଦ୍ୟ ଆକାରରେ ମହାପ୍ରଭୁ ରଘୁନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି। ସ୍ୱୀକୃତିପ୍ରାପ୍ତ ବାଣ ବିକ୍ରେତାଙ୍କ ଦ୍ୱାରା ଏହି ବାଣ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ଫୁଟାଯାଇଥାଏ। ମାତ୍ର ଗତ ଏପ୍ରିଲମାସରେ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଶ୍ରୀ ରାମ ନବମୀ ଯାତ୍ରା ପୂର୍ବରୁ ଦେବୋତର ବିଭାଗର ନିର୍ଦ୍ଦେଶକ୍ରମେ ଯାତ୍ରା ପରିଚାଳନା ପାଇଁ ଏକ ୧୫ଜଣିଆ ଅସ୍ଥାୟୀ ଟ୍ରଷ୍ଟବୋର୍ଡ ଗଠନ କରାଯାଇଥିଲା। ଏଥିରେ ନିଶ୍ଚିନ୍ତକୋଇଲି ତହସିଲଦାର ,ଥାନା ଅଧିକାରୀ, ବିଡିଓଙ୍କ ସମେତ ମନ୍ଦିରର ୧୨ଜଣ ସଦସ୍ୟ ରହିଥିଲେ। ଟ୍ରଷ୍ଟବୋର୍ଡର ତତ୍ତ୍ୱାବଧାନରେ ନା ନା ପ୍ରକାର ବିଶୃଙ୍ଖଳାରେ ଏହି ଯାତ୍ରା ସମାପନ ହୋଇଥିଲା। ତେବେ ଏହା ମଧ୍ୟରେ ସଂକ୍ରାନ୍ତିରେ ମାନସିକ ବାଣ ଅର୍ପଣକୁ ପ୍ରଶାସନ ତରଫରୁ ବନ୍ଦ କରି ଦିଆଯାଇଛି। ଏହାକୁ ନେଇ ଭକ୍ତ ମହଲରେ ନୈରାଶ୍ୟଭାବ ସୃଷ୍ଟି ହୋଇଛି। ପରମ୍ପରା,ଭକ୍ତି ଓ ବିଶ୍ୱାସ ଉପରେ ପ୍ରଶାସନ କୁଠାରଘାତ କରୁଛି ବୋଲି ବହୁ ଶ୍ରଦ୍ଧାଳୁ ମତବ୍ୟକ୍ତ କରିଛନ୍ତି। ଶ୍ରଦ୍ଧାଳୁ ଭକ୍ତଙ୍କ ଭାବାବେଗ ,ଭକ୍ତି ଓ ଦୀର୍ଘ ବର୍ଷର ପରମ୍ପରାକୁ ସମ୍ମାନ ଦେଇ ଆଇନ ଓ ସୁରକ୍ଷା ନିୟମାନୁଯାଇ ମାନସିକ ବାଣ ଅର୍ପଣ ପ୍ରକ୍ରିୟା ପୁନର୍ବାର କରାଯିବା ନିମନ୍ତେ ସ୍ଥାନୀୟ ଅଂଚଳବାସୀ ପ୍ରଶାସନ ନିକଟରେ ଦୃଢ ଦାବି କରିଛନ୍ତି।

## ସର୍ବଭାରତୀୟ ଯୋଗ ପ୍ରତିଯୋଗିତା ଉଦ୍‌ଯାପିତ

ପୁରୀ ୧୫/୯ (ଅକ୍ଷର ଓଡ଼ିଶା): ସର୍ବଭାରତ ସ୍ତରୀୟ ଯୋଗ ପ୍ରତିଯୋଗିତା ଓ ଯୋଗ ଉତ୍ସବ ଉଦଯାପିତ ହୋଇଯାଇଛି । 'ଓନଲି ଯୋଗ' ଅନୁଷ୍ଠାନ ପକ୍ଷରୁ ବଡ଼ଦାଣ୍ଡ ସ୍ଥିତ ଡୁଡୁୱାଲା ଧର୍ମଶାଳା ପରିସରରେ ତିନିଦିନ ଧରି ଚାଲିଥିବା ଏହି ଉତ୍ସବର ଉଦଯାପନୀ କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ,ଭଗବାନ ସୁଆର, କୃଷ୍ଣଚନ୍ଦ୍ର ସାମନ୍ତରା, ଗୌରାଙ୍ଗ ଖୁଣ୍ଟିଆ,ମଧୁସୂଦନ ସିଂହାରୀ,ଯୋଗଗୁରୁ ଡକ୍ଟର ଯୋଗୀରାମ (ସିଙ୍ଗାପୁର), ଟ୍ରାଫିକ ଡ଼ିଏସପି ଏଲ. ବିଜୟରତ୍ନମ ଓ ବିଶିଷ୍ଟ ଯୋଗ ଥେରାପିଷ୍ଟ ଅଂଶୁ ସରକାର (ଝାରଖଣ୍ଡ) ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଥିଲେ । ଏହି ଅବସରରେ ବାଳକ ବିଭାଗର ଶ୍ରେଷ୍ଠ ବିଜେତା ଅନିନ୍ଦ୍ୟ ଗଡ଼ାଇ (ପଶ୍ଚିମବଙ୍ଗ)ଙ୍କୁ 'ଭାରତ ଯୋଗପୁତ୍ର' ଏବଂ ବାଳିକା ବିଭାଗରେ ଶ୍ରୀତମା ବିଶ୍ୱାସ (ପଶ୍ଚିମବଙ୍ଗ )ଙ୍କୁ 'ଭାରତ ଯୋଗପୁତ୍ରୀ' ଉପାଧିରେ ଭୂଷିତ କରାଯାଇଥିଲା ।ଏଥି ସହିତ ବିଭିନ୍ନ ବର୍ଗରେ ଚମ୍ପିୟନ ଓ ପ୍ରଥମ, ଦ୍ୱିତୀୟ ,ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର, ମେଡାଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଭିନ୍ନ ରାଜ୍ୟରୁ ଆସିଥିବା ବିଚାରକ ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।ଅନୁଷ୍ଠାନର ସଭାପତି ଅନ୍ତର୍ଜାତୀୟ ଯୋଗ ଗୁରୁ ଜଗନ୍ନେଶ୍ୱର ଖୁଣ୍ଟିଆ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଇଂ ଅଭିନନ୍ଦନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଭାକାର୍ଯ୍ୟ ସଂଚାଳନ କରିଥିଲେ । ଉଲ୍ଲେଖଯୋଗ୍ୟ ୯ରୁ ୬୦ ବର୍ଷ ପର୍ଯ୍ୟନ୍ତ ବୟସ ବର୍ଗରେ ଓଡ଼ିଶା ସମେତ ଦିଲ୍ଲୀ, କୋଲକାତା,ଝାରଖଣ୍ଡ, ଛତିଶଗଡ,ଉତ୍ତରପ୍ରଦେଶ, ଆସାମ,ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ଆଦି ରାଜ୍ୟରୁ ପ୍ରାୟ ଦୁଇଶହ ପଚାଶ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ,ଭାରତ ଯୋଗକେନ୍ଦ୍ର,ନୀଳାଦ୍ରି ପାର୍କ ୱେଲନେସ ସେଣ୍ଟର, ରୟାଲ ଗ୍ରୁପ ଅଫ ଗାନ୍ଧୀପାର୍କ, ଶ୍ରୀଜଗନ୍ନାଥ ବଲ୍ଲଭ ଯୋଗକେନ୍ଦ୍ର,ବନିନା ଗ୍ରୁପ ଆଦି ସଂଗଠନର ସହଯୋଗରେ ଏହି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାକୁ ଯୋଗଗୁରୁ ଗଣେଶ୍ୱର ଗୋଛିକାର, ରମାବଲ୍ଲଭ ମହାପାତ୍ର,ଡକ୍ଟର ଆଲୋକ କୁମାର ସ୍ୱାଇଁ ଓ ବିଥିକା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ନୃତ୍ୟାଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୁଲ୍ୟରେ ଖୋଜ୍ ୨୦୨୬ ଅନୁଷ୍ଠିତ




କଟକସଦର (୧୫ /୯(ଅକ୍ଷର ଓଡିଶା ): କଟକ ନୃତାଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ନୃତାଙ୍ଗନ୍ 'ଖୋଜ୍' ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠାନର ଫାଉଣ୍ଡର ଶ୍ରୀମତୀ ସୁଚିସ୍ମିତା ଦାଶ ଙ୍କ ଉଦ୍ୟମ କ୍ରମେ କଟକ ଶତାବ୍ଦୀ ଭବନ ଠାରେ ଆୟୋଜିତ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟାଙ୍ଗନା ତଥା ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି, ନିଜର ଅନ୍ତର୍ନିହିତ ଗୁଣକୁ ବିକଶିତ କରିବାର ପ୍ରୟାସ କରିଥିଲେ । ପିଲା ମାନଙ୍କ ଦ୍ୱାରା ପରିବେଷିତ, ସଜକଞ୍ଜୀ,ମୁଖରୀ ପଲ୍ଲବୀ, ମଙ୍ଗଳାଚରଣ ,ବଟୁ ଓ ସମ୍ବଲପୁରୀ ନୃତ୍ୟ ଖୁବ୍ ଉଚ୍ଚ କୋଟୀର ହୋଇଥିଲା।ଏହି ଅବସରରେ, ଓଡିଶୀ ଗୁରୁ ଶ୍ରୀମତୀ ମୁକ୍ତିଲତା ପାଲ,ଓଡିଶୀ ଗୁରୁ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ କୁମକୁମ ମହାନ୍ତି ଓ ନୃତ୍ୟ ଗୁରୁ ବିଦୁଷୀ ମୀରା ଦାସ ଯୋଗଦେଇ,ଆଧୁନିକ ଯୁଗରେ ଓଡିଶୀ ନୃତ୍ୟ ପରମ୍ପରା ସହିତ ଯୁବ ପିଢିକୁ ଯୋଡ଼ିବା ପାଇଁ ଶ୍ରୀମତୀ ସୁଚିସ୍ମିତା ଦାସ ଙ୍କ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ।

## ହିଞ୍ଜିଳିକାଟୁରେ ଜିଲ୍ଲା ବିଜେପିର କାର୍ଯ୍ୟକାରିଣୀ ବୈଠକ



ହିଞ୍ଜିଳିକାଟୁ, ୧୫/୯ (ଅବନି କାନ୍ତ ପଟ୍ଟନାୟକ) ସ୍ଥାନୀୟ ପୌରାଞ୍ଚଳ ସ୍ଥିତ ରୟାଲ ପେଲେସ ଠାରେ ବିଜେପି ପକ୍ଷରୁ ଘୁମୁସର ଆସିକା ସାଙ୍ଗଠନିକ ଦ୍ୱାରା ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମ୍ମାନିତ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ଜିଲ୍ଲା ପ୍ରଭାରୀ ପ୍ରକାଶ ମଙ୍ଗରାଜ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶିଶିର ମିଶ୍ର, ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ହିଞ୍ଜିଳି ମଣ୍ଡଳ ସଭାପତି ସୁଧାଂଶୁ ଶେଖର ସାବତ, ବରିଷ୍ଠ ବିଜେପି ନେତା ମାଧବ ଗୌଡ଼, ରାକେଶ ରଥ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବ କାର୍ଯ୍ୟକାରିଣୀର ବିବରଣୀ ପଠନ ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ କିପରି କାର୍ଯ୍ୟକାରୀ ହେଉଛି ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଆଗାମୀ ପଞ୍ଚାୟତ, ପୌର ଓ ସମବାୟ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବିଜେପି ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ସାର୍ତ୍ତାଗୁଡ଼ା ଗ୍ରାମରେ ଧୁମଧାମରେ ବାର୍ଷିକ ନୂଆଁଖାଇ ପରବ ପାଳନ

ଫୁଲବାଣୀ ୧୫/୯ (ମନୋଜ ସାହୁ): ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି କଳା ର କଳାକାର ମାନଙ୍କୁ ନେଇ ବାର୍ଷିକ ନୂଆଁଖାଇ ପରବ ପାଳନ ଉତ୍ସବ ଅନୁଷ୍ଠିତ ହୋଇଛି କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ବୁର୍ବିନାଜୁ ପଞ୍ଚାୟତ ସର୍ତାଗୁଡ଼ା ଗାଁ ଠାରେ ମାଁ ମାଲାଜଡି ଆଦିବାସୀ ଖଞ୍ଜଣି ଓ ଶିଘ ତାମ୍ର ନୃତ୍ୟ ଦଳ ଆୟୋଜନ କରିଥିଲେ । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସାଂସ୍କୃତିକ ସମାରୋହରେ ଜିଲ୍ଲା ପାରମ୍ପରିକ ଲୋକ କଳା ସଂଘର ଜିଲ୍ଲା ସଭାପତି ଅକ୍ଷୟ କୁମାର କର୍ଣ୍ଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ବିଜେପି ବରିଷ୍ଠ ନେତା ବନ ମହାନ୍ତି, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସଂଜିତ ମଣ୍ଡଳ, ବୁର୍ବିନାଜୁ ସରପଞ୍ଚ ସଲିମା ପ୍ରଧାନ, କଇଝର ସରପଞ୍ଚ ରୂନିତା କହଁର, ପାବୁରିଆ ସମିତି ସଭ୍ୟ ଲଳିତ ପ୍ରଧାନ, ବରିଷ୍ଠ ମହିଳା କଳାକାର ସ୍ୱପ୍ନରାଣୀ କର୍ଣ୍ଣ, ଏସି ମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ କମଳିନୀ ବେହେରା, କଳାକାର ସଂଘ ସମ୍ପାଦକ ପ୍ରଭାକର ବେହେରା, ଯୋଗଦେଇ ବାର୍ଷିକ ନୂଆଁଖାଇ ପର୍ବର ମହତ୍ତ୍ୱ, ଅଞ୍ଚଳର ପରମ୍ପରା ଓ ଲୋକକଳାର ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ। ଉତ୍ସବକୁ ନେଇ ବୁର୍ବିନାଯୁ ଓ ଏହାର ଆଖପାଖ ଅଞ୍ଚଳରେ ଦିନତମାମ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ନୂଆଁଖାଇ ପର୍ବର ମୁଖ୍ୟ ଆକର୍ଷଣ ଥିଲା ପାରମ୍ପରିକ ବାଜା, ବାଦ୍ୟ ଓ ଲୋକନୃତ୍ୟ। ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଦଳ ନିଜ ନିଜର ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଢୋଲ, ନିଶାଣ, ମହୁରୀ ଆଦି ପାରମ୍ପରିକ ବାଦ୍ୟର ତାଳେ ତାଳେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଲୋକକଳାକାରଙ୍କ ନୃତ୍ୟ ଓ ବାଦ୍ୟର ତାଳରେ ସମଗ୍ର ଅଞ୍ଚଳ ଝୁମି ଉଠିଥିଲା।ଏହି ସାଂସ୍କୃତିକ ମହୋତ୍ସବରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରି ନିଜର ପାରମ୍ପରିକ କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ନିଜ ମାଟିର ପରମ୍ପରା, ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ନୂଆ ପିଢ଼ି ନିକଟରେ ପହଞ୍ଚାଇବାରେ ଏଭଳି ଉତ୍ସବର ଗୁରୁତ୍ୱ ରହିଥିବା ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ଉତ୍ସବରେ ଅଂଶଗ୍ରହଣ



କରିଥିବା ସମସ୍ତ ସାଂସ୍କୃତିକ ଦଳ ଓ କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା କଳାକାରମାନଙ୍କ ମନରେ ଉତ୍ସାହ ସୃଷ୍ଟି କରିବା ସହ ପାରମ୍ପରିକ ଲୋକକଳାକୁ ଆଗକୁ ବଢ଼ାଇବା ପାଇଁ ପ୍ରେରଣା ଯୋଗାଇଥିଲା।

## ପାରଳା ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭକ୍ତଙ୍କ ସହାୟତାର ହାତ ବଢ଼ି ଚାଲିଛି

ପାରଳାଖେମୁଣ୍ଡି, ୧୫/୯ (ତାରିଣୀ ପ୍ରସାଦ ପଣ୍ଡା): ପାରଳାଖେମୁଣ୍ଡି ସହରରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି. ଏହି ମନ୍ଦିର ନିର୍ମାଣ ପାଇଁ ବହୁ ଭକ୍ତ ଭିନ୍ନ ଭିନ୍ନ ଭାବେ ନିଜ ନିଜକୁ ସାମିଲ କରି ସହାୟତାର ହାତ ବଢ଼ାଇ ଚାଲିଛନ୍ତି. ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା କେରାଣ୍ଡି ଗ୍ରାମର ନରେନ୍ଦ୍ର କୁମାର ପାତ୍ର ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ୫୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି. ସେହିପରି ପାରଳାଖେମୁଣ୍ଡି ସହରର ତୁଳସୀ ନଗର ବାସିନ୍ଦା ବେଣୁଗୋପାଳ ପାଢ଼ୀଙ୍କ ପୁଅ ଡ଼. ଦିଗବିଜୟ ପାଢ଼ୀ ନୂତନ ମନ୍ଦିର ନିର୍ମାଣ ପାଇଁ ୧୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି. ଶ୍ରୀଜଗନ୍ନାଥଙ୍କ ଭକ୍ତ ତଥା ପାରଳାଖେମୁଣ୍ଡି



ଜଗନ୍ନାଥ ମନ୍ଦିର ନିର୍ମାଣ କମିଟିର ସଦସ୍ୟ ଦୁର୍ଗା ମାଧବ ପାଣିଗ୍ରାହୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା ମନ୍ଦିର ନିର୍ମାଣରେ ସହାଭାଗିତା ହୋଇଥିବା ଶ୍ରୀଜଗନ୍ନାଥଙ୍କ ଭକ୍ତମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

## ବିପଦ ସଙ୍କୁଳ ଅବସ୍ଥାରେ କେନାଲ ସେତୁ
### ଦଳିତ ସାହି ଲୋକେ ଗମନା ଗମନ ଭୟଭୀତ

ନିଶ୍ଚିନ୍ତକୋଇଲି ୧୫/୦୯ (ଅକ୍ଷର ଓଡ଼ିଶା)- ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପୁବଂଶ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଧିନରେ ଥିବା ୯ନମ୍ବର କେନାଲ ବନ୍ଧ ସେତୁ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଅଭିଯୋଗ ହୋଇଛି। ଏହି ସେତୁକୁ ମରାମତି କରାଯିବା ଦିଗରେ ଜଳ ସମ୍ପଦ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିପଦ ସଙ୍କୁଳ ସେତୁରେ ଦଳିତ ସାହି ଲୋକେ ଗମନା ଗମନ କରିବାକୁ ଭୟକରୁଥିବାର ଜଣାଯାଇଛି। କେନ୍ଦ୍ରାପଡା ଜିଲ୍ଲା ଛତା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ପୁବଂଶ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଅଧିନରେ ୯ନମ୍ବର କେନାଲର ରକ୍ଷଣା ବେକ୍ଷଣା ଦାୟୀତ୍ୱ ରହିଛି। ଏହି କେନାଲର ସୁକରପଡା ଗ୍ରାମପଂଚାୟତ ରାଣିପଡା ୯ନମ୍ବର କେନାଲ ଉପରେ ଦୀର୍ଘ ବର୍ଷ ତଳେ ଏକ ସେତୁ ନିର୍ମାଣ



କରାଯାଇଥିଲା। ଏହି ସେତୁ ଦେଇ ସ୍ଥାନୀୟ ଅଂଚଳର ଶହ ଶହ ଲୋକ, ସ୍କୁଲ କଲେଜ ଛାତ୍ର ଛାତ୍ରୀ ସର୍ବୋପରି ଅଙ୍ଗନୱାଡିର କୋମଳମତି ଶିଶୁ ମାନେ ଗମନା ଗମନ ନିମନ୍ତେ ନିର୍ଭର କରିଥାନ୍ତି। ତେବେ ଦୀର୍ଘ ଦିନ ହେଲା ଏହି ସେତୁଟି ଜରାଜୀର୍ଣ୍ଣ ଓ ବିପଦ ସଙ୍କୁଳ ଅବସ୍ଥାରେ ପଡିରହିଛି। ସେତୁର ମଧ୍ୟଭାଗ ଫାଟି ଯାଇଥିଲା ବେଳେ ଦୁଇ ପାର୍ଶ୍ୱ ବାଡ଼ା ମଧ ଭାଙ୍ଗିରୁଜି ଯାଇଛି। କେନାଲସେତୁଟି ବିପଦ ସଙ୍କୁଳ ଅବସ୍ଥାରେ ପଡି ରହିଛି। ଏହି ବିପଦ ସଙ୍କୁଳ କେନାଲ ସେତୁ ଉପରେ ଲୋକେ ଗମନା ଗମନା କରିବାକୁ ଭୟଭୀତ ହେଉଛନ୍ତି। କେତେବେଳେ ଏହି ସେତୁ ଭୁଷୁଡି ଲୋକଙ୍କ ଧନଜୀବନ ହାନୀ ଘଟାଇବ ତାହା କହିହେଉନାହିଁ। ଅପରପକ୍ଷରେ ସେତୁଟି ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା କାରଣରୁ ଜରୁରୀ କାଳୀନ ପରିସ୍ଥିତିରେ ଏହି ଗାଁକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସିପାରୁନାହିଁ। ଫଳରେ ବହୁ ସମୟରେ ଲୋକେ ଡାକ୍ତରଖାନାକୁ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ତୁରନ୍ତ ପ୍ରଶାସନ ତରଫରୁ ଏହି ସେତୁକୁ ମରାମତି କରାଯିବା ନିମନ୍ତେ ସ୍ଥାନୀୟ ଅଂଚଳବାସୀ ଦୃଢ ଦାବି କରିଛନ୍ତି।

## ରକ୍ତଦାନ କରି ଜନ୍ମଦିନ ପାଳନ କଲେ ସୁଧାଂଶୁ

ଆଠଗଡ଼, ୧୫/୯ (ଅକ୍ଷର ଓଡ଼ିଶା) ଆଠଗଡ଼ର ସମ୍ବାଦ ସାହିତ୍ୟ ଘରର ସହ ସମ୍ପାଦକ ସୁଧାଂସୁ ଶେଖର ସାହୁ ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି।ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ଦୋରଡ଼ ସ୍ଥିତ ବ୍ରଜ ବିହାରୀ ମେମୋରିଆଲ ଟ୍ରଷ୍ଟ ଏବଂ ଢେଙ୍କାନାଳ ସ୍ଥିତ ଗୋବିନ୍ଦ ପୁର ଠାରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନର ଅନ୍ତେବାସୀଙ୍କ ଶୁଖିଲା ଖାଦ୍ୟ ଦେବା ସହ ନିଜର ଖୁସିର ଦିନକୁ ଅନ୍ତେବାସୀଙ୍କ ସହ ବାଣ୍ଟିଥିଲେ। ଆଠଗଡ଼ ଅଞ୍ଚଳର ଉର୍ମିଳା ବେହେରାଙ୍କ ଜରୁରୀ ରକ୍ତ ଆବଶ୍ୟକ ଜାଣି ନିଜର ୩୩ ତମ ରକ୍ତ ଦେଇ ନିଆରା ଭାବେ ଜନ୍ମଦିନ ପାଳନ କରିଛନ୍ତି।ଏହା ଯୁବ ବର୍ଗ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ସହ ପ୍ରଶଂସାର ପାତ୍ର ସାଜିଛନ୍ତି।

## ଗଣପତି ବାବାଙ୍କୁ ଶହ ଶହ ଦୁବ ଅର୍ପଣ କରି ପୂଜା କଲେ ଛାତ୍ରଛାତ୍ରୀ

ଖୋର୍ଦ୍ଧା, ୧୫/୦୯ (ଅକ୍ଷର ଓଡ଼ିଶା): ପବିତ୍ର ଗଣେଷ ଚତୁର୍ଥୀ। ଆଜି ମଧ ସୋମବାର। ବିଶ୍ୱାସ ରହିଛି ସୋମବାର ଦିନ ପ୍ରଭୁ ଗଜାନନ ଙ୍କୁ ଦୁବ ଏବଂ ମୋଦକ ଅର୍ପଣ କରି ପୂଜା କଲେ ସିଦ୍ଧି ଲାଭ ହୁଏ। ଏହି ବିଶ୍ୱାସ ଏବଂ ପରମ୍ପରାକୁ ଆଧାର କରି ଖୋର୍ଦ୍ଧାରେ ବିଭିନ୍ନ ସ୍କୁଲ ର ଛାତ୍ରଛାତ୍ରୀମାନେ ଉପବାସ ରହି ଗଜାନନଙ୍କୁ ଭକ୍ତି ଅର୍ଘ୍ୟ ସହକାରେ ଦୁବ ଅର୍ପଣ କରି ପୂଜା କରିଥିଲେ। ଏହିକ୍ରମରେ ସିଗମା ପବ୍ଲିକ ସ୍କୁଲ ର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ ଶ୍ରଦ୍ଧାଳୁ ଗଜାନନ ଙ୍କ ମନ୍ତ୍ର ପାଠ କରି ନଡ଼ିଆ ଭାଙ୍ଗି, ପୁଷ୍ପାଞ୍ଜଳି ପ୍ରଦାନ କରି ଆଶିଷ ଭିକ୍ଷା କରିଥିଲେ। ସ୍କୁଲ ରେ ଶିକ୍ଷୟତ୍ରୀ ସୁମିତା ତ୍ରିପାଠୀ ଙ୍କ ତତ୍ୱାବଧାନ ରେ ଛାତ୍ର ଛାତ୍ରୀ ମାନେ ଦୁବ ଅର୍ପଣ କରି ଗଜାନନଙ୍କୁ ପୂଜା କରିଥିଲେ। ୨୧ଟି ଦୁବ କୁ ଏକାଠି କରି ଗୋଟିଏ ଗୋଟିଏ ବିଡ଼ା କରି ପ୍ରାୟ ୪୦୦ରୁ ଉର୍ଦ୍ଧ ଦୁବଫୁଲ ବିଡ଼ା ଅର୍ପଣ କରାଯାଇଥିଲା। ପବିତ୍ର ଗଣେଷ ପୂଜା ରେ ଶିଶୁମାନେ ବିଦ୍ୟାରମ୍ଭ ଅନୁକୂଳ କରି ପାଠ ଆରମ୍ଭ କରିଥିଲେ। ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଏବଂ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ବିଘ୍ନେଶ୍ୱରଙ୍କ ପୂଜା କରିବା ସହ ସମସ୍ତଙ୍କ ଆର୍ଶୀବାଦ କାମନା କରିଥିଲେ। ଅନ୍ୟମାନଙ୍କ ମଧ ରେ ଉପାଧକ୍ଷ ତୁଷାର ରଂଜନ ମହାନ୍ତି, ମାନସ ରଞ୍ଜନ ମହାପାତ୍ର, ବିରଂଚି ନାରାୟଣ ପଣ୍ଡା, ଦୀପ୍ତି ରଞ୍ଜନ ରଣା, ବସନ୍ତ କୁମାର ପଟ୍ଟନାୟକ, ବର୍ଣ୍ଣାଳୀ ମାଜୀ, ଶୁଭ ଦର୍ଶନି ଦାସ, ସ୍ୱର୍ଣ୍ଣ ମହାପାତ୍ର ପ୍ରମୁଖ ଗଣେଶ ପୂଜା ପରିଚାଳନା କରିଥିଲେ।

## ବିଧାୟକଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ



ବାଲିମେଳା ୧୫/୯/(ପ୍ରଦୀପ ରାଉଳ) ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ବାଲିମେଳା ଗ୍ରସ୍ତ କରି ବିଭିନ୍ନ ଗଣେଶ ପୂଜା ମଣ୍ଡପ ବୁଲିବା ସହ ବାଲିମେଳା ପାୱାର ପ୍ରୋଜେକ୍ଟ ଶ୍ରମିକ ସଂଘ ଠାରେ ଏକ ପାଚେରୀ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ।ଶ୍ରମିକ ସଙ୍ଘର ନିଜସ୍ୱ ଗୃହ ଥିବା ବେଳେ ପାଚେରୀ ନଥିବା ଯୋଗୁ ବହୁତ ହଇରାଣ ହରକତ ହେଉଥିଲେ।ଏଥିପାଇଁ ବିଧାୟକ ମଙ୍ଗୁ ସହ ଆଲୋଚନା କରି ପାଚେରୀ ଆବଶ୍ୟକ ବୋଲି ନିବେଦନ କରିଥିଲେ।ବିଧାୟକ ନିଜ ପାଣ୍ଠିରୁ ଆବଶ୍ୟକ ଟଙ୍କା ପ୍ରଦାନ କରି ପାଚେରୀ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ଆଜିର ଭିତିପ୍ରସ୍ତର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିବା ବେଳେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ବାଲିମେଳା ନଗର ସଭାପତି ସୁରେଶ ଖୋସଲା, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିଦେଶୀ ଦାସ, କାଉନସ୍ଲେର କୃଷ୍ଣ ବାଘ, ରବି ହରିଜନ, ବାଲିମେଳା ପାୱାର ପ୍ରୋଜେକ୍ଟ ଶ୍ରମିକ ସଂଘ ସଭାପତି ପ୍ରବୀର ଦାସ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ମିଶ୍ର, ସମ୍ପାଦକ ସନ୍ତୋଷ ପଣ୍ଡା, କେ. ମୋହନ ରାଓ, ମାଲକାନଗିରି ଜିଲ୍ଲା ୟୁନିୟନ ସାମ୍ବାଦିକ ସଙ୍ଘର ସଭାପତି ତଥା ଶ୍ରମିକ ସଂଘର ସଂଯୋଜକ ଦେବ ପ୍ରସାଦ ଦାସ ଓ ବହୁ ସଂଖ୍ୟକ ଶ୍ରମିକ ଉପସ୍ଥିତ ଥିଲେ।

## ପୁଣି ଚର୍ଚ୍ଚାରେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି

ବୋଲଗଡ଼ ୧୫/୯ (ଅକ୍ଷର ଓଡିଶା) ଖୋର୍ଦ୍ଧା -ବଲାଙ୍ଗୀର ୫୭ନଂ ଜାତୀୟରାଜପଥ ରାଜସୁନାଖଳାସ୍ଥିତ ବସ ଷ୍ଟାଣ୍ଡ ନିକଟନସ୍ଥ ପରିତ୍ୟକ୍ତ ସୁଲଭ ଶୌଚାଳୟ ଓ ସ୍ନାନାଗାରକୁ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁ ଦେବ ସାହୁ ପୁନରୁଦ୍ଧାର କରି ଚର୍ଚ୍ଚାରେ । ଏହି ସୁଲଭ ଶୌଚାଳୟ ଓ ସ୍ନାନଗାର ପୂର୍ବତନ କଂଗ୍ରେସ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କରକମଳରେ ୧୯୯୫ମସିହାରେ ଗ୍ରାମ୍ୟ ଉର୍ନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିଲା ! ଯାହାକି ଏବେ ନିୟମିତ ସଫାସୁତୁରା ନ ହେବା, କବାଟ, ଝରକା ଭାଙ୍ଗିଜ୍ୱା ସହିତ ଅନାବନା ଗଛ ଆଡୁଆଳରେ ଭିତରେ ଶୌଚାଳୟଟି ଲୁଚି ଯାଇଥିବାବେଳେ ସରୀସୃପମାନଙ୍କ ବାସସ୍ଥାନରେ ପରିଣତ ହୋଇଯାଇଥିଲା ! ଶୌଚାଳୟରେ ପାଣିର ସୁବିଧା ନ ରହିବା ଯୋଗୁଁ ଏହା ଧୀରେ ଧୀରେ ବ୍ୟବହାର ଅନୁପଯୋଗୀ ହୋଇପଡିଥିଲା ! ରକ୍ଷଣା ବେକ୍ଷଣ ଅଭାବରୁ ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ ସମୟ ହେବ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା । ଏହି ସୁଲଭ ଶୌଚାଳୟଟି ବସ ଷ୍ଟାଣ୍ଡ ନିକଟରେ ଥିବାରୁ ୧୦୦ ରୁ ଉର୍ଦ୍ଧ ଗ୍ରାମବାସିମାନେ ନିର୍ଭର ଏହାର ବ୍ୟବହାର କରୁଥିଲେ । ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବସ ଷ୍ଟାଣ୍ଡ ସମ୍ପାଦକ ବୈଦ୍ୟନାଥ ପଟ୍ଟଯୋଶୀ ଓ ବସ ମାଲିକମାନେ ପରିତ୍ୟକ୍ତ ସୁଲଭ ଶୌଚାଳୟ ଉଦ୍ଧାର କରିବାକୁ ବିଜେପି ଉପସଭାପତି ଶ୍ରୀ ସାହୁଙ୍କ କହିଥିଲେ ! ଶ୍ରୀ ସାହୁ ତତକ୍ଷଣାତ୍ ଏହାର ପୁନରୁଦ୍ଧାର ପାଇଁ ମଙ୍ଗଳବାର ଦିନ ୧୦ଜଣ



ଶ୍ରମିକମାନଙ୍କୁ ଧରି ଶୌଚାଳୟ ପରିସର ଓ ଗୃହଟିକୁ ସଫା କରିବାରେ ଲାଗିଛନ୍ତି । ଜିଲ୍ଲା ବିଜେପି ଉପସଭାପତି ଶ୍ରୀ ସାହୁ ଲୋକମାନଙ୍କ ସହିତ ନିଜେ ମଧ କୋଦାଳ, ଫାଉଡ଼ା ଧରି କାମରେ ଲାଗି ପଡ଼ିଛନ୍ତି। କିଛିଦିନ ତଳେ ସେ ମର୍ଦ୍ଦବାଡି ଗ୍ରାମର କୀଡ଼ନି ରୋଗୀ ପ୍ରସନ୍ନ ବେହେରାଙ୍କୁ ସହାୟତାରେ ହାତ ବଢ଼ାଇ୍ୱା ସହିତ ଅନେକ କାର୍ଯ୍ୟ କରି ପୁଣି ଚର୍ଚ୍ଚାରେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ ! ଏହି ଭଳି ଜନ ହିତକର କାର୍ଯ୍ୟ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ଶିକ୍ଷାବିତ ଓ ଜନସାଧାରଣମାନେ ସାଧୁବାଦ ଜଣାଇବା ସହିତ ତାଙ୍କୁ ଉଚ୍ଚ ପ୍ରଶଂସା କରିଅଛନ୍ତି !

## ସବୁଜିମା ସଂକଳ୍ପ ନେଇ ପାଳିଲେ ଗୁରୁଜୀଙ୍କ ପୁଣ୍ୟ ଜନ୍ମୋତ୍ସବ



କଟକ ୧୫/୦୯ (ଅକ୍ଷର ଓଡ଼ିଶା) : ପବିତ୍ର ଗଣେଶ ପୂଜାରେ ବିଜ୍ଞାନୀ ଗୁରୁ ଶ୍ରୀସନ୍ଥଙ୍କ ପୁଣ୍ୟ ଜନ୍ମ ଦିବସ କୁ ଏକ ନିଆରା ଢଙ୍ଗରେ ପାଳିଛନ୍ତି ରେକି ମିଶନ, ଓଡ଼ିଶାର ଗୁରୁସେନା, ଶକ୍ତିସେନା ଓ ଶିଶୁସେନା ମାନେ ନିମନ୍ତ୍ରଣ ଚଷମା ରେ ତିଆରି କରିବା ସହ ସ୍ଲୋଗାନ ଥିଲା, ଝଚଷମା ଖୋଲି ଥରେ ଦେଖ, ପ୍ରକୃତି ଖେଳୁଛି ଖେଳ, ଏହା ସହ ଜନ୍ମଦିନ ଭକ୍ତ ଓ ଶିଷ୍ୟ ମାନଙ୍କୁ ୨୦୦୦ ନିମ୍ବ ବୃକ୍ଷ ବାଣ୍ଟି ସବୁଜିମା ସଂକଳ୍ପ ସହ ପ୍ରତିବର୍ଷ ନେଇଥିବା ଗଛ ସହ ଫଟୋ ଉଠେଇ ଆଶ୍ରମ ପଠାଇବାକୁ କୁହାଯାଇଥିଲା, ସକାଳ ୧୦ ଟା ରୁ ଆଶ୍ରମର ପ୍ରତିଷ୍ଠିତ ଶ୍ରୀଗଣେଶ, ଶ୍ରୀ ସରସ୍ୱତି ଓ ଶ୍ରୀ ଲକ୍ଷ୍ମୀ ଙ୍କ ପୂଜା ଆରାଧନା କରାଯାଇଥିଲା, ପରେ ପରେ ଦିନ ୧୨:୩୦ ରୁ ସନ୍ଧ୍ୟା ୬:୦୦ ଟା ପର୍ଯ୍ୟନ୍ତ ୧୦୦୮ ହନୁମାନ ଚଷଲିଶା ପାଠ କରାଯାଇଥିଲା, ସନ୍ଧ୍ୟା ୭ଟା ରୁ ଗୁରୁଙ୍କ ଦର୍ଶନ ଆରମ୍ଭ ହେବା ସହ ବିଭିନ୍ନ ପ୍ରକାର ଖାଦ୍ୟ ପାନୀୟର ଆୟୋଜନ କରାଯାଇଥିଲା । ପ୍ରତିବର୍ଷ ପରି ଏ ବର୍ଷ ମଧ ଶ୍ରୀକୁଟୀର ରେ ପାଖାପାଖି ୮ ହଜାର ରୁ ଅଧିକ ଭକ୍ତ ଉପସ୍ଥିତ ରହି ଗୁରୁଜୀଙ୍କ ଦର୍ଶନ ସହ ପ୍ରସାଦ ସେବନ ର ଆନନ୍ଦ ଉଠାଇଥିଲେ, ପ୍ରବଳ ବର୍ଷା ସତ୍ତ୍ୱେ ଭକ୍ତ ମାନେ ଶ୍ରୀ କୁଟୀର ରେ ଉପସ୍ଥିତ ରହି ଧାଡ଼ି ରେ ଗୁରୁ ଦର୍ଶନ କରିଥିଲେ, ଏହା ସହ ଓଡ଼ିଶା ର କୋଣ ଅନୁକୋଣ ରୁ ଅନେକ ଆଶ୍ରମ ଓ ମଠ ରୁ ମହନ୍ତ ଓ ସାଧୁସନ୍ଥ, ଓଡ଼ିଶାର ବିଭିନ୍ନ କିନ୍ନର ଆଖଡ଼ା ର କିନ୍ନର ତଥା ବହୁ ଜ୍ଞାନୀ, ମାନି , ବିଜ୍ଞାନୀ ମାନେ ମଧ ଉପସ୍ଥିତ ରହି ପୂଜ୍ୟ ଗୁରୁଜୀ ଙ୍କ ଦର୍ଶନ କରିଥିଲେ।

## ୬ ଲକ୍ଷ ମୂଲ୍ୟର ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ଖୋର୍ଦ୍ଧା, ୧୫/୦୯ (ଅକ୍ଷର ଓଡ଼ିଶା): ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ପୁଲିସ ବରୁଣେଇ ମନ୍ଦିର ନିକଟସ୍ଥ ପାର୍କରେ ଚଢଉ କରି ୬୧ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି । ଯାହାର ମୂଲ୍ୟ ୬ଲକ୍ଷ ୧୦ହଜାର ହେବ ବୋଲି ପୁଲିସ ଆକଳନ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଏଥିସହ ଦୁଇଟି ମୋବାଇଲ ଫୋନ୍, ଗୋଟିଏ ବୁଲେଟ୍ ସମେତ ଦୁଇଟି ବାଇକ୍ ଓ ନଗଦ ୫,୧୦୦ ଟଙ୍କା ଜବତ ହୋଇଛି । ଏହି ଘଟଣାରେ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ନୂଆବସ୍‌ଷ୍ଟାଣ୍ଡ ଡମସାହି ଅଂଚଳର ଶୁଭମ ସାମନ୍ତରାୟ (୧୯) ଏବଂ ଠେଙ୍ଗାହାଟ ସ୍ୱପ୍ନେଶ୍ୱର ସାହି ଅଂଚଳ ର ରାକେଶ କୁମାର ବେହେରା (୧୯)। ସୂଚନା ଅନୁସାରେ, ଗତକାଲି ଅପରାହ୍ନ ସମୟରେ ବରୁଣେଇ ମନ୍ଦିର ତଳ ପାର୍କ ଠାରେ ବ୍ରାଉନସୁଗର କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା । ସେମାନଙ୍କୁ ଧରିବା ପାଇଁ ଏସ୍‌ପି ପରମାର ସ୍ମିତ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଓ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ଚଢଉ କରି ସେଠାରୁ ଶୁଭମ ଓ ରାକେଶ କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ବ୍ରାଉନସୁଗର ସମେତ ୨ବାଇକ୍ , ମୋବାଇଲ ଓ ଟଙ୍କା କୁ ଜବତ୍ କରିଥିଲେ। ଏନେଇ ୨୯୨/୨୬ରେ ଏନ୍‌ଡିପିଏସ୍ ଆଇନର ଧାରା ୨୧(ବି)/୨୯ ଅନୁଯାୟୀ ମାମଲା ରୁଜୁ କରି ପୁଲିସ ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

## ଅସାମାଜିକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ମିଶନ ଶକ୍ତି ଗୃହ




ଡାବୁଗାଁ ୧୫/୦୯ (ଅକ୍ଷର ଓଡ଼ିଶା) : ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି ଗୃହ ଏବେ ଅସାମାଜିକ ଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ଏହି ମିଶନ ଶକ୍ତି ଗୃହ ହସ୍ତାନ୍ତର କରାଯାଇଥିଲେ ସୁଦ୍ଧା ରକ୍ଷଣା ବେକ୍ଷଣ ଅଭାବ ଯୋଗୁ ଗୃହ ର ଲୁହା କବାଟ ଭାଙ୍ଗି ନୂତନ ଗୃହ ର ଅଧିକାଂଶ ଯନ୍ତ୍ରାଂଶ ଓ ବିଦ୍ୟୁତ ସାମଗ୍ରୀ ନଷ୍ଟ କରିବା ସହ ଦୃର୍ବୃତ୍ତ ମାନେ ଚୋରି କରି ନେଇଗଲେଣି। ୨୦୨୦/୨୧ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଡାବୁଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହିଳା ଓ ଶିଶୁ ବିକାଶ ତଥା ତଥା ମିଶନ ଶକ୍ତି ର ମହିଳା ସ୍ୱୟଂ ଶକ୍ତି ମହିଳା ମାନଙ୍କ ନିମନ୍ତେ ଏହି ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଥିଲା। ଗୃହ କାର୍ଯ୍ୟ ସମାପ୍ତ ପରେ ଏହା ମିଶନ ଶକ୍ତି ବିଭାଗ କୁ ହସ୍ତାନ୍ତର କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହି ଗୃହ ର କୌଣସି ବ୍ୟବହାର କରାଯାଇନାହିଁ। ଯୋ ଦ୍ୱାରା ସନ୍ଧ୍ୟା ହେଲେ ଏହି ମିଶନ ଶକ୍ତି ଗୃହ ଅସାମାଜିକ ବ୍ୟକ୍ତି ଓ ମଦ୍ୟପ ମାନଙ୍କ ଆଡ୍ଡା ସ୍ଥଳ ପାଲଟିଛି। ଗୃହ ସମ୍ମୁଖରେ ମାଳ ମାଳ ମଦ ବୋତଲ, ପ୍ଲାଷ୍ଟିକ ବୋତଲ ଓ ବର୍ଜ୍ୟବସ୍ତୁ ପଡି ରହିଛି। ବିଜେଡି ସରକାର ଅମଳରେ ମହିଳା ମାନଙ୍କୁ ସୁସଂଗଠିତ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ମିଶନ ଶକ୍ତି ଗଠନ କରାଯାଇଥିଲା। ମହିଳା ସ୍ୱୟଂ ଗୋଷ୍ଠୀ ଙ୍କୁ ତାଲିମ , ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି, ଅର୍ଥନୈତିକ ସଂଯୋଗିକରଣ, ବିଭିନ୍ନ ସରକାରୀ ଯୋଜନାରେ ସଂପୃକ୍ତି, ଜୀବିକା ଓ ବଜାର ସହ ସଂପୃକ୍ତି, ତଦାରଖ ଓ ମୂଲ୍ୟ ନିର୍ଦ୍ଧାରଣ ଆଦି କାର୍ଯ୍ୟ କରିବା ନିମନ୍ତେ ଗଠନ କରାଯାଇଥିଲା। ମିଶନ ଶକ୍ତି ର ମହିଳା ଙ୍କୁ ଏକତ୍ରିତ କରି ତାଲିମ ଦେବା ନିମନ୍ତେ ଏହା ମହିଳା ଓ ଶିଶୁ ପ୍ରକଳ୍ପ ଅଧିକାରୀଙ୍କୁ ଗୃହ ହସ୍ତାନ୍ତର କରାଯାଇଥିଲା। ତେବେ ଦୀର୍ଘବର୍ଷ ଧରି ଏହି ଗୃହ ଅବହେଳିତ ଅବସ୍ଥାରେ ଥିବାରୁ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବାଟବଣା ହେବା ସହ ଲକ୍ଷାଧିକ ଟଙ୍କାର ନିର୍ମିତ ଏହି ମିଶନ ଶକ୍ତି ଗୃହ ନଷ୍ଟ ହେବାକୁ ବସିଲାଣି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଲକ୍ଷାଧିକ ଟଙ୍କାରେ ବ୍ୟୟ ମିଶନ ଶକ୍ତି ଗୃହ ର ରକ୍ଷଣା ବେକ୍ଷଣ ସହ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି।

## ହରିଚନ୍ଦନପୁରରେ ବିଭିନ୍ନ ବିଦ୍ୟାଳୟରେ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ

ହରିଚନ୍ଦନପୁର, ୧୫/୯ ( ଶୂନ୍ୟରଞ୍ଜନ ଘଣା ): ବିଦ୍ୟା, ବୁଦ୍ଧି, ବିବେକ ଓ ଶୁଭାରମ୍ଭର ଅଧିଷ୍ଠାତା ଶ୍ରୀଗଣେଶଙ୍କ ପୂଜା ଅବସରରେ ହରିଚନ୍ଦନପୁର ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନ ଆଧ୍ୟାତ୍ମିକ ଭାବାବେଗ ଓ ଉତ୍ସବମୁଖର ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା। ବିଶେଷକରି ଇଚ୍ଛାସରକାରୀ ଉଚ୍ଚ ବିଦ୍ୟାଳୟ ହରିଚନ୍ଦନପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ହରିଚନ୍ଦନପୁର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରହରିଚନ୍ଦନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଦୁଅଡିହା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବକ୍ସିବାରିଗାଁ, କଳାପାଟ ପରିସରରେ ଗଣେଶ ପୂଜା ମହାସମାରାହରେ ର ପାଳିତ ହୋଇଥିଲା । ପୂଜା ଅବସରରେ ପ୍ରସାଦ ବଣ୍ଟନ ସହିତ ସମସ୍ତଙ୍କ ମଧ୍ୟରେ ଭାଇଚାରା, ସହଯୋଗ ଓ ସଦ୍ଭାବର ମନଭାବ ପ୍ରକାଶ ପାଇଥିଲା। ବିଦ୍ୟାଳୟର ଏପରି ସାଂସ୍କୃତିକ ଆୟାଜନ ଛାତ୍ରଛାତ୍ରୀଙ୍କ ମନରେ ନିଜ ସଂସ୍କୃତି ଓ ପରମ୍ପରା ପ୍ରତି ତି ସମ୍ମାନବାଧ ସୃଷ୍ଟି କରିବା ସହିତ ସେମାନଙ୍କ ସାମାଜିକ ଓ ସୃଜନଶୀଳ ବିକାଶରେ ମଧ୍ୟ ସହାୟକ ହୋଇଥାଏ।



ବୁଧବାର ୧୬।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ପୁଣି ବାହାହେଲେ ଇମ୍ରାନଙ୍କ ପୂର୍ବତନ ପତ୍ନୀ ଜେମିମା



ନୂଆଦିଲ୍ଲୀ, ୧୫/୦୯: ପୂର୍ବତନ ପାକିସ୍ତାନ କ୍ରିକେଟର୍ ଓ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପତ୍ନୀ ଜେମିମା ଗୋଲ୍ଡସ୍ମିଥ୍ ପୁଣି ଥରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଚଳଚ୍ଚିତ୍ର ନିର୍ମାତା ଓ ମାନବ ଅଧିକାର ଆଇନଜୀବୀ ଜେମିମା ଦ୍ୱିତୀୟ ଥର ଲାଗି ଅଷ୍ଟ୍ରେଲିଆର କୋଟିପତି ଫାଇନାନ୍‌ସିଅର ୬୨ ବର୍ଷୀୟ କାମେରନ ଓ'ରିଲିଙ୍କ ହାତ ଧରିଛନ୍ତି। ଗତ ସପ୍ତାହାନ୍ତରେ ଏହି ବିବାହ ଉତ୍ସବ ଧୁମ୍‌ଧାମରେ ହୋଇଥିଲା। ୫୨ ବର୍ଷୀୟ ଜେମିମା ଓ ଇମ୍ରାନଙ୍କ ମଧ୍ୟରେ ୨୦୦୪ରେ ବିବାହ ବିଚ୍ଛେଦ ହୋଇଥିଲା। ବିବାହ ବିଚ୍ଛେଦର ୯ ବର୍ଷ ପରେ ଇମ୍ରାନ୍ କ୍ରିକେଟର୍‌ରୁ ରାଜନେତା ହୋଇଥିଲେ। ଉଭୟଙ୍କ ୨ ପୁଅ ସୁଲେମାନ ଓ କାସିମ୍ ଅଛନ୍ତି। ଇମ୍ରାନ ରାଓଲପିଣ୍ଡି ଜେଲ୍‌ରେ ଥିଲା ବେଳେ ବାପାଙ୍କ ପାଇଁ ଦୁଇ ପୁଅ ପ୍ରଚାର କରିଥିଲେ। ଜେମିମା ଓ କାମେରନ୍‌ଙ୍କ ବିବାହ ବିଷୟରେ ଜେମିମାଙ୍କ ଭାଉଜ ଜେମିମା ଜୋନ୍‌ସ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଜଣାଇଛନ୍ତି। ସେ ଲେଖିଛନ୍ତି, 'ଜେମିମା ଓ କାମେରନ୍‌ଙ୍କ ବିବାହ ଉତ୍ସବ ପାଳନ କଲୁ, ମୋର ପସନ୍ଦର ଦିନ, ବହୁତ ଖୁସି ଥିଲା''।

# ଭାଙ୍ଗିଗଲା ରମେଶଙ୍କ ରେକର୍ଡଭରା ଜାଭଲିନ୍



ନୂଆଦିଲ୍ଲୀ, ୧୫/୦୯ : ଆଗାମୀ ଏସୀୟ କ୍ରୀଡ଼ା ପୂର୍ବରୁ ଶ୍ରୀଲଙ୍କାର ଜାଭଲିନ ତାରକା ରମେଶ ପଥିରାଗେଙ୍କୁ ବଡ଼ ଝଟକା ଲାଗିଛି। ତାଙ୍କର ୯୦ ମିଟରରୁ ଅଧିକ ଦୂରତାର ଥ୍ରୋ ପାଇଁ ବ୍ୟବହୃତ ତିନିଟି ପ୍ରମୁଖ ଜାଭେଲିନ୍ ବିମାନ ଯାତ୍ରା ସମୟରେ ଭାଙ୍ଗିଯାଇଛି। ତୁର୍କିସ୍ ଏୟାରଲାଇନ୍‌ସ ମାଧ୍ୟମରେ ହଙ୍ଗେରୀରୁ ଶ୍ରୀଲଙ୍କା ଫେରୁଥିବା ବେଳେ ଏହି ଘଟଣା ଘଟିଥିବା ରମେଶ ଦୁଃଖର ସହ କହିଛନ୍ତି। ହଙ୍ଗେରୀରେ ଆୟୋଜିତ ବିଶ୍ୱ ଆଥଲେଟିକ୍ସ ଅଲ୍ଟିମେଟ୍ ଚାମ୍ପିଅନ୍‌ସିପ୍ ଜିତିବା ପରେ ରମେଶ ଏହି ଏୟାରଲାଇନ୍‌ସ ମାଧ୍ୟମରେ ସ୍ୱଦେଶ ଫେରିଥିଲେ। ଶ୍ରୀଲଙ୍କାରେ ପହଞ୍ଚିବା ପରେ ତାଙ୍କ ଜାଭଲିନ୍‌ଗୁଡ଼ିକ କୌଣସି କାରଣରୁ ଭାଙ୍ଗିଯାଇଥିବା ଜଣାପଡ଼ିଥିଲା। ଇନ୍‌ଷ୍ଟାଗ୍ରାମରେ ଭାଙ୍ଗିଯାଇଥିବା ଜାଭଲିନ୍‌ର ଫଟୋ ପ୍ରକାଶ କରି କରି ରମେଶ ଘଟଣା ସମ୍ପର୍କରେ ଜଣାଇଛନ୍ତି। ସେ କହିଛନ୍ତି, ୯୦ ମିଟରରୁ ଅଧିକ ଥ୍ରୋ କରିବା ସମୟରେ ମୁଁ ବ୍ୟବହାର କରିଥିବା ସମସ୍ତ ତିନିଟି ଜାଭଲିନ୍ ନଷ୍ଟ ହୋଇଯାଇଛି। ଏଥିନେଇ ହୁଏତ ଏୟାରଲାଇନ୍ସର ଭୁଲ୍ ଥାଇପାରେ। କିନ୍ତୁ ଏହା ବଡ଼ ସମସ୍ୟା ନୁହେଁ। ମୁଁ ଆଗକୁ ବଢ଼ିବି। ସୂଚନାଯୋଗ୍ୟ ଯେ ୨୦୨୬ ଋତୁରେ ରମେଶ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଡାଏମଣ୍ଡ ଲିଗ୍ ଫାଇନାଲ୍ ଏବଂ ବିଶ୍ୱ ଆଥଲେଟିକ୍ସ ଅଲ୍ଟିମେଟ୍ ଚାମ୍ପିଅନସିପ୍‌ରେ ବିଜେତା ହୋଇଛନ୍ତି। ଏହା ସହିତ ସେ ଚଳିତ ଋତୁରେ ତିନିଥର ୯୦ ମିଟରରୁ ଅଧିକ ଦୂରତାକୁ ଜାଭଲିନ୍ ଫିଙ୍ଗିଛନ୍ତି।

# ଏସୀୟ କ୍ରୀଡ଼ା: ନୂଆ ମୁହଁ, ୭୦୨ କୋଟିର ପୁଞ୍ଜି ବିନିଯୋଗ

ନୂଆଦିଲ୍ଲୀ, ୧୫/୦୯ : ଆଗାମୀ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟାକୁ ଆହୁରି ବଢ଼ାଇବା ଲକ୍ଷ୍ୟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ବ୍ୟାପକ ପ୍ରସ୍ତୁତି କରିଛି। ଗତ ୩ ବର୍ଷ ମଧ୍ୟରେ ଖେଳାଳିଙ୍କ ପ୍ରଶିକ୍ଷଣ, ଉପକରଣ, ବିଦେଶୀ ପ୍ରତିଯୋଗିତାରେ ଅଂଶଗ୍ରହଣ, ପ୍ରଶିକ୍ଷକ ଓ ବିଶେଷଜ୍ଞ ନିଯୁକ୍ତି ଆଦି ପାଇଁ ଭାରତ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ଭଲ ଗତି ଦେଖିବାକୁ ମିଳୁଛି। ଯୁବ ଖେଳାଳିମାନେ ସ୍ୱଳ୍ପ ବୟସରେ ଶୀର୍ଷସ୍ତରୀୟ ପ୍ରତିଯୋଗିତାକୁ ଆସିବା ଭାରତୀୟ କ୍ରୀଡ଼ା ପାଇଁ ଏକ ଭଲ ସଙ୍କେତ। ଏଥର ଭାରତୀୟ ଦଳରେ ଅନେକ ଯୁବ ପ୍ରତିଭାଙ୍କ ଉପରେ ନଜର ରହିବ।

## ବୈଭବ, ଆୟୁଷ, ଅନହାତଙ୍କ ଉପରେ ନଜର

ସରକାରଙ୍କ ପକ୍ଷରୁ ପ୍ରାୟ ୭୦୨.୮୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ବ୍ୟତୀତ ଟାର୍ଗେଟ୍ ଅଲିମ୍ପିକ୍ ପୋଡିୟମ୍ ସ୍କିମ୍ (ଟପ୍ସ) ମାଧ୍ୟମରେ ଆଉ ୯୭.୮୪ କୋଟି ଟଙ୍କା ବିନିଯୋଗ ହୋଇଛି। ଜାପାନରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ଆଗାମୀ ଏସୀୟ କ୍ରୀଡ଼ାରେ ଭାରତର ୫୦୧ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବ। ଏଥିରେ ଅଛନ୍ତି ୨୬୭ଜଣ ପୁରୁଷ ଏବଂ ୨୩୪ଜଣ ମହିଳା ଖେଳାଳି। ୩୬ଟି କ୍ରୀଡ଼ାରେ ଭାରତୀୟ ଦଳ ଅଂଶଗ୍ରହଣ କରିବ। ଏଥର ୩୧୦ଜଣ ଭାରତୀୟ ଖେଳାଳି ପ୍ରଥମଥର ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ଏଥିନେଇ ଟପ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଏନ୍‌ଏସ୍ ଜୋହଲ କହିଛନ୍ତି, ବିଭିନ୍ନ

୧୫ ବର୍ଷୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ, ଟିଟି ତାରକା ସିଣ୍ଡ୍ରେଲା ଦାସ, ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଆୟୁଷ ସେଟ୍ଟୀ, ୧୮ ବର୍ଷୀୟ ସ୍କ୍ୱାସ୍ ତାରକା ଅନାହତ ସିଂହ ଏବଂ ଜୁଡୋକା ଅସ୍ମିତା ଦେ'ଙ୍କ ଭଳି ଯୁବ ଖେଳାଳିମାନେ ଭାରତର ଭବିଷ୍ୟତ ପଦକ ଆଶାକୁ ମଜବୁତ କରିଛନ୍ତି। ଜୋହଲଙ୍କ ଅନୁଯାୟୀ, ଚଳିତ ବର୍ଷ ଜାନୁଆରିଠାରୁ ଏସୀୟ କ୍ରୀଡ଼ା ପାଇଁ ଟପ୍ସ ଅଧୀନରେ ୯ଟି ସମନ୍ୱୟ ବୈଠକ ହୋଇଛି। ପ୍ରଶାସନିକ ସମସ୍ୟା ସତ୍ତ୍ୱେ ଖେଳାଳିଙ୍କୁ ସର୍ବୋତ୍ତମ ପରିବେଶ ଓ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତର ପ୍ରମୁଖ କ୍ରୀଡ଼ା ବିକାଶ ବ୍ୟବସ୍ଥା 'ଖେଲୋ ଇଣ୍ଡିଆ'ରୁ ଆସିଥିବା ୬୫ଜଣ ଖେଳାଳି ଏଥର ଭାରତୀୟ ଦଳରେ



ସ୍ଥାନ ପାଇଛନ୍ତି। ଏହା ଦେଶର ତୃଣମୂଳସ୍ତରୀୟ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମର ସଫଳତାକୁ ମଧ୍ୟ ଦର୍ଶାଉଛି। ଖେଳାଳିଙ୍କ ପ୍ରସ୍ତୁତି ପାଇଁ ଖର୍ଚ୍ଚ ହୋଇଥିବା ୭୦୨.୮୬ କୋଟି ଟଙ୍କା ମଧ୍ୟରୁ ସର୍ବାଧିକ ୨୫୧.୪ କୋଟି ଟଙ୍କା ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଖେଳାଳିଙ୍କୁ ଅଧିକ ଅଭିଜ୍ଞତା ଦେବା ପାଇଁ ଖର୍ଚ୍ଚ ହୋଇଛି। ଏହାପରେ ଦେଶ ଭିତରେ ପ୍ରଶିକ୍ଷଣ ପାଇଁ ୧୧୮.୩ କୋଟି ଟଙ୍କା ବ୍ୟୟ ହୋଇଛି।

ସୂଚନାଯୋଗ୍ୟ ଯେ ଗତ ହାଙ୍ଗ୍‌ଝୁ ଏସୀୟ କ୍ରୀଡ଼ାରେ ଭାରତ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଓ ୪୦ଟି କାଂସ୍ୟ ସହ ମୋଟ ୧୦୬ଟି ପଦକ ଜିତିଥିଲା। ଏହା ଏସୀୟ କ୍ରୀଡ଼ା ଇତିହାସରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏଥର ସେହି ୧୦୬ ପଦକର ରେକର୍ଡକୁ ଅତିକ୍ରମ କିମ୍ବା ଅତି କମ୍‌ରେ ସମାନ କରିବା ଲକ୍ଷ୍ୟରେ ଭାରତ ମଇଦାନକୁ ଓହ୍ଲାଇବ। ଖେଳାଳିଙ୍କ ସହ ୨୬୫ ଜଣ ସପୋର୍ଟ ଷ୍ଟାଫ୍ ବା ସହକାରୀ ଅଧିକାରୀ ମଧ୍ୟ ଭାରତୀୟ ଦଳରେ ରହିବେ। ଏଥିରେ ଫିଜିଓ, ଡାକ୍ତର, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସମେତ ବିଭିନ୍ନ କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ସପୋର୍ଟ ଷ୍ଟାଫ୍‌ଙ୍କ ମଧ୍ୟରେ ୫୬ଜଣ ମହିଳା ରହିଛନ୍ତି, ଯାହା ମୋଟ ସଂଖ୍ୟାର ପ୍ରାୟ ୨୨ ପ୍ରତିଶତ। ଜୋହଲ କହିଛନ୍ତି, ଶେଷରେ ପଦକ ଜିତିବାର ଦାୟିତ୍ୱ ଖେଳାଳିଙ୍କ ଉପରେ ହିଁ ରହିବ। ତେବେ ଭାରତୀୟ ଖେଳାଳିଙ୍କ ପ୍ରସ୍ତୁତିରେ କୌଣସି ଅଭାବ ରଖାଯାଇନାହିଁ। ଯୁବ ଖେଳାଳିଙ୍କ ଉତ୍ସାହ ଓ ବରିଷ୍ଠଙ୍କ ଅଭିଜ୍ଞତା ସହ ଭାରତ ଏଥର ନୂଆ ପଦକ ଇତିହାସ ରଚିବା ଲକ୍ଷ୍ୟରେ ରହିଛି।



# ମୁଁ ସେ ଭୁଲ ଆଉ ଦୋହରାଇବି ନାହିଁ: ଅନିମେଷ

ଭୁବନେଶ୍ୱର, ୧୫/୦୯ : ଏସୀୟ କ୍ରୀଡ଼ା ଲାଗି ଜାପାନ ଗସ୍ତ ପୂର୍ବରୁ ଦେଶର ଅନ୍ୟତମ ଶ୍ରେଷ୍ଠ ଧାବକ ଅନିମେଷ କୁଜୁର ଆତ୍ମବିଶ୍ୱାସରେ ଥିବା ପ୍ରକା କରିଛନ୍ତି। ଆଉ ସେ ପୂର୍ବ ଭୁଲ ଦୋହରାଇବେ ନାହିଁ ବୋଲି ଦୃଢ଼ତାର ସହ ମଧ୍ୟ କହିଛନ୍ତି। ଗତ ସପ୍ତାହରେ ଦିଲ୍ଲୀର ଜବାହରଲାଲ୍ ନେହରୁ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଇଣ୍ଡିଆନ୍ ଆଥଲେଟିକ୍ସ ସିରିଜ୍‌ର ୨୦୦ ମିଟର୍ ପୂର୍ବରୁ ଅନିମେଷଙ୍କୁ ତାଙ୍କ ପ୍ରଶିକ୍ଷକ ଗୋଟିଏ ସାଧା ସିଧା କଥା କହିଥିଲେ 'ଘଣ୍ଟାକୁ ପିଛା କର ନାହିଁ, ଏହା ବହୁ ବିଳମ୍ବରେ ଚାଲୁଛି। ଅଗ୍ରାଧିକାର ହେଉଛି ଆହତଶୂନ୍ୟ ଭାବେ ବେଷ୍ଟ୍ ହୋଇ ରେସ୍ ଶେଷ କରିବା।' କୁଜୁର ସେଠାରେ ୧୦୦ ମିଟର୍ ରେସ୍କୁ ୧୦.୨୧ ସେକେଣ୍ଡ୍‌ରେ ଶେଷ କରିବା ସହ ଜାତୀୟ ରେକର୍ଡଧାରୀ ଗୁରିନ୍ଦରବୀର ସିଂହ (୧୦.୩୨ ସେକେଣ୍ଡ)ଙ୍କୁ ପଛରେ ପକାଇଥିଲେ।

ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଏସୀୟ କ୍ରୀଡ଼ାରେ ଅନିମେଷ ୧୦୦, ୨୦୦ ମିଟର୍ ଏବଂ ରିଲେରେ ଅଂଶଗ୍ରହଣ କରିବେ। ଗତବର୍ଷ ଏସୀୟ ପ୍ରତିଯୋଗିତାରେ ଅନିମେଷ ୧୦୦ ମିଟରରେ ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୧୪ ସେକେଣ୍ଡ୍ ଏବଂ ୨୦୦ ମିଟରରେ ୨୦.୩୨ ସେକେଣ୍ଡ୍ ସମୟ ନେଇଥିଲେ। କିନ୍ତୁ ଗୁରିନ୍ଦରବୀର ସିଂହ ତାଙ୍କ ୧୦୦ ମିଟର୍ ଜାତୀୟ ରେକର୍ଡକୁ ମେ' ମାସରେ ରାଞ୍ଚିରେ ଅନୁଷ୍ଠିତ ଫେଡେରେସନ୍ କପ୍‌ରେ ୧୦.୦୯ ସେକଣ୍ଡେ ସହ ପଛରେ ପକାଇ ଦେଇଥିଲେ। ଏବେ ଅନିମେଷ ଏବଂ ଗୁରିନ୍ଦରବୀରଙ୍କ ମଧ୍ୟରେ ହେଉଥିବା ବ୍ୟକ୍ତିଗତ ଲଢ଼େଇ ଭାରତକୁ ପଦକ ଦେବ ବୋଲି ବିଶ୍ୱାସ କରାଯାଉଛି। '୧୦୦ ମିଟରରେ ଗୁରିଙ୍କଠାରୁ ବାରମ୍ବାର ମିଳୁଥିବା ପ୍ରତିଦ୍ୱନ୍ଦ୍ୱିତା ପାଇଁ ଏହା ମଜାଦାର ହେଉଛି। ସମାନ ଅନୁଭମ ମୋତେ ୨୦୦ ମିଟରରେ ମିଳୁନାହିଁ' ବୋଲି ଅନିମେଷ ପ୍ରକାଶ କରିଛନ୍ତି। ଏସୀୟ କ୍ରୀଡ଼ାରେ କିନ୍ତୁ ଉଭୟ ଭାରତୀୟଙ୍କୁ ୧୦୦ ମିଟରରେ ବଡ଼ ଆହ୍ୱାନ ଅପେକ୍ଷା କରିଛି।



ଜାପାନର ସୁହେଇ ଟାଡାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୦୧ ସେକେଣ୍ଡ୍ ଏବଂ ୟୁକି କୋଇକେଙ୍କ ୧୦.୦୬ ସେକେଣ୍ଡ୍ ସମୟ ଏମାନଙ୍କୁ ଅଧିକ ଭଲ କରିବାକୁ ଅବଶ୍ୟ ବାଧ୍ୟ କରିବ। ଚଳିତ ଋତୁରେ ଏହି ଦୁଇ ଜାପାନୀ ସ୍ପ୍ରିଣ୍ଟର୍ ମଧ୍ୟ ଏକାଧିକ ଥର ୧୦.୧୦ ସେକେଣ୍ଡ୍ ସମୟ ଦେଇ ଆଗରେ ରହିଛନ୍ତି। ୨୦୦ ମିଟରରେ ମଧ୍ୟ ଜାପାନର ସୋଶି ମିଜୁକୁବୋଙ୍କ ୨୦.୦୭ ସେକେଣ୍ଡ୍ ଏବଂ ଥାଇଲାଣ୍ଡର ପୁରିପୋଲ୍ ବୁନସନ୍‌ଙ୍କ ୨୦.୦୩ ସେକେଣ୍ଡ୍ କୁଜୁର (୨୦.୩୨)ଙ୍କଠାରୁ ଆଗରେ ରହିଛି। ଅବଶ୍ୟ କୁଜୁର ପୂର୍ବରୁ ୨୦୨୪ରେ ୨୦.୫ ଓ ୨୦.୬ ସେକେଣ୍ଡ୍‌ରେ ଦୌଡ଼ିବାର ଉଦାହରଣ ରହିଛି। 'ଯାହା ଘଟିବାର ଥିବ ଘଟିବ, ଆପଣ ନିଜକୁ ଯେତେ ଭିଡ଼ନ୍ତୁ ପଛେ ପରିବେଶ ଓ ପରିସ୍ଥିତି ବି ସାଥିରେ ରହିବା ଆବଶ୍ୟକ, ସେହିଦିନ କିଭଳି ବିତିବ କେବଳ ପ୍ରତିଯୋଗିତା କହିବ। ୧୦୦ ମିଟର୍ ପାଇଁ ମୁଁ ବି କେବଳ ୧୦ ସେକେଣ୍ଡ୍ କଥା ନୁହେଁ ୯ ସେକେଣ୍ଡ୍ କଥା ବି ଭାବୁଛି ବୋଲି କୁଜୁର କହିଛନ୍ତି।

୨୦୨୫ ଏସୀୟ ଦୌଡ଼କୁଦ ଥିଲା କୁଜୁରଙ୍କ ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା। ସେଠାରେ ଚାପ ପରିସ୍ଥିତିରେ କାଂସ୍ୟ ପଦକ ଜିତିଥିଲେ। 'ସେଥର ଏସୀୟ ପ୍ରତିଯୋଗିତାରେ କରିଥିବା ଭୁଲ୍‌କୁ ମୁଁ ଏଥର ଦୋହରାଇବି ନାହିଁ' ବୋଲି ସେ କହିଛନ୍ତି। ବିଶେଷ କରି ଏହା ପରେ ବିଶ୍ୱ ପ୍ରତିଯୋଗିତା ଏବଂ ୱାର୍ଲଡ କଣ୍ଟିନେଣ୍ଟାଲ୍ ଟୁର୍ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାର ଅଭିଜ୍ଞତାକୁ ଉପଯୋଗ କରିବି। ୨୦୨୮ ଲସ୍ ଏଞ୍ଜେଲ୍‌ସ ଅଲିମ୍ପିକ୍ସ ପୂର୍ବରୁ ମୁଁ କୌଣସି ପ୍ରକାର ଭୁଲ୍‌କୁ ପ୍ରଶ୍ରୟ ଦେବାକୁ ଚାହିଁବି ନାହିଁ' ବୋଲି ଅନିମେଷ ପ୍ରକାଶ କରିଛନ୍ତି। କିଟ୍ ବିଶ୍ୱ ବିଦ୍ୟାଳୟର ଛାତ୍ର ଅନିମେଷ ଭୁବନେଶ୍ୱର ରିଲାଏନ୍ସ ଫାଉଣ୍ଡେସନ୍ ଏଚ୍‌ପିସିରେ ତାଲିମ ନେଉଥିବାବେଳେ ଓଡ଼ିଶା ସରକାର, ଟପ୍ସ, ଏଏଫଆଇ ଏବଂ ପୁମାଠାରୁ ମିଳୁଥିବା ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଏସୀୟ ପଦକ ଜିତି ସାରିଛି, ଏବେ ଏସୀୟ କ୍ରୀଡ଼ା ପଦକ ଜିତିବାକୁ ଆଶା ରଖିଛି। ୧୦୦, ୨୦୦ ଓ ରିଲେ ମଧ୍ୟରୁ କେଉଁଥିରୁ ପଦକ ମିଳିବା ସମ୍ଭାବନା ରହିଛି ବୋଲି ପ୍ରଶ୍ନ ହେବାରୁ ଅନିମେଷ କହିଥିଲେ 'ନିଶ୍ଚିତ ଜିତିବି, ସବୁଗୁଡ଼ିକ କାହିଁକି ନୁହେଁ'।

## ପୁଣି ସଙ୍କଟରେ ହକି ଇଣ୍ଡିଆ ଲିଗ୍

# ହସ୍ତକ୍ଷେପ କଲା କ୍ରୀଡ଼ା ମନ୍ତ୍ରାଳୟ, ଗଠନ କଲା ୫ ଜଣିଆ କମିଟି

ନୂଆଦିଲ୍ଲୀ, ୧୫/୦୯ : ୭ବର୍ଷର ବ୍ୟବଧାନ ପରେ ଫେରିଥିଲା ହକି ଇଣ୍ଡିଆ ଲିଗ୍। ବହୁ ଆଡ଼ମ୍ବରରେ ଫେରିବାର ୨ବର୍ଷ ପରେ ଚଳିତ ବର୍ଷ ଏହି ଲୋକପ୍ରିୟ ଲିଗ୍ ପୁଣି ଥରେ ଆର୍ଥିକ ସଙ୍କଟ ଘେରକୁ ଚାଲି ଯାଇଛି। ଫଳରେ ଏହାର ଭବିଷ୍ୟତ ନେଇ ନାନା ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦେଖି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଏହାର ସ୍ଥିରତା ବଜାୟ ରଖିବା ସହ ସୁପରିଚାଳନା ଲାଗି ନିଜ ଆଡୁ ପଦକ୍ଷେପ ନେଇଛନ୍ତି। ଲିଗ୍‌ର ଆର୍ଥିକ ସ୍ଥାୟିତ୍ୱ ଓ ଦୀର୍ଘମିଆଦୀ ସଫଳତା ସୁନିଶ୍ଚିତ କରିବା ଲାଗି ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ହକି ଇଣ୍ଡିଆ ଏବଂ ଫ୍ରାଞ୍ଚାଇଜି ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୫ ଜଣିଆ ଏକ କମିଟି ବି ଗଠନ କରାଯାଇଛି। କମିଟିରେ ହକି ଇଣ୍ଡିଆର ଦୁଇଜଣ ପ୍ରତିନିଧି, ଫ୍ରାଞ୍ଚାଇଜି ପକ୍ଷରୁ ଦୁଇଜଣ ପ୍ରତିନିଧି ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସ୍ଥାନ ପାଇବେ। ଏହି କମିଟି ହକି ଇଣ୍ଡିଆ ଲିଗ୍‌ର ଭବିଷ୍ୟତ ପାଇଁ ଏକ ବ୍ୟାପକ ପୁନରୁଦ୍ଧାର ଯୋଜନା ପ୍ରସ୍ତୁତ କରିବ। ସୂଚନା ଅନୁସାରେ ନିକଟରେ ହକି ଇଣ୍ଡିଆର ଅଧିକାରୀ ଏବଂ ଲିଗ୍‌ର ବିଭିନ୍ନ ଫ୍ରାଞ୍ଚାଇଜି ପ୍ରତିନିଧିଙ୍କ ସହ ଶ୍ରୀ ମାଣ୍ଡବୀୟଙ୍କର ଏକ ବୈଠକ ହୋଇଥିଲା। ବୈଠକରେ ହକି ଇଣ୍ଡିଆ ଲିଗ୍ ସମ୍ପର୍କିତ ଆର୍ଥିକ ଓ ପରିଚାଳନାଗତ ସମସ୍ୟା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହା ପରେ ଲିଗ୍‌ର ପରିଚାଳନା ଓ ଆର୍ଥିକ ମଡେଲ୍ ଏବଂ ସମଗ୍ର ଢାଞ୍ଚା ଉପରେ ପ୍ରାଥମିକତା ଭିତ୍ତିରେ କାମ କରିବାକୁ କମିଟିକୁ କୁହାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କମିଟି ଏହାର ରିପୋର୍ଟ କ୍ରୀଡ଼ା ମନ୍ତ୍ରଣାଳୟକୁ ପ୍ରଦାନ କରିବ। ଏହି ମହତ୍ତ୍ୱପୂର୍ଣ୍ଣ ବୈଠକରେ ହାଇଦ୍ରାବାଦ ତୁଫାନ୍ସ, ବେଦାନ୍ତ କଳିଙ୍ଗ ଲାନ୍ସର୍ସ, ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍, ଶ୍ରାଚି ବେଙ୍ଗଲ୍ ଟାଇଗର୍ସ, ରାଞ୍ଚି ରୟାଲ୍‌ସ ଭଳି ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ବୈଠକରେ କ୍ରୀଡ଼ା ସଚିବ ତଥା ସାଇ ମହାନିର୍ଦ୍ଦେଶକ ହରିରଞ୍ଜନ ରାଓ, ଟପ୍ସ (ଟାର୍ଗେଟ୍ ପୋଡିୟମ୍ ଅଲିମ୍ପିକ୍ସ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଏନ୍‌ଏସ୍ ଜୋହଲ୍‌ଙ୍କ ସମେତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ହକି ଇଣ୍ଡିଆର ମହାସଚିବ ଭୋଳାନାଥ ସିଂହ ଭର୍ଚୁଆଲ୍ ମାଧ୍ୟମରେ ବୈଠକରେ ଯୋଡ଼ି ହୋଇଥିଲେ। ସେହିପରି କମାଣ୍ଡର ଆର୍‌କେ ଶ୍ରୀବାସ୍ତବଙ୍କ କ୍ଷମତା ସମ୍ପ୍ରତି କମାଇ ଦିଆଯାଇଥିବା ପରେ ରଞ୍ଜିତ ଗିଲ୍ କାର୍ଯ୍ୟକାରୀ ମହାନିର୍ଦ୍ଦେଶକ ଭାବେ ବୈଠକରେ ଯୋଗ ଦେଇଥିଲେ।

# ଏସୀୟ କ୍ରୀଡ଼ାରେ ଏଥର ଡଜନେ ଓଡ଼ିଆ

ଭୁବନେଶ୍ୱର, ୧୫/୦୯ : ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ ତାରିଖରୁ ଏସୀୟ କ୍ରୀଡ଼ା ଆରମ୍ଭ ହେବାକୁ ଯାଉଛି। ପ୍ରତି ୪ ବର୍ଷରେ ଆୟୋଜିତ ହେଉଥିବା ଏହି ମର୍ଯ୍ୟାଦାଜନକ ମହାଦେଶୀୟ ବିବିଧ କ୍ରୀଡ଼ା ଇଭେଣ୍ଟର ଏହା ବିଂଶତମ ସଂସ୍କରଣ। ସର୍ବୋଚ୍ଚ ଏସୀୟ କ୍ରୀଡ଼ା ମହୋତ୍ସବରେ ଏଥର ଭାରତରୁ ୫୦୩ ଖେଳାଳି ଅଂଶଗ୍ରହଣ କରିବେ। ଏମାନଙ୍କ ବ୍ୟତୀତ ଭାରତୀୟ ଦଳ ସହ ୨୬୫ ଜଣ ଅଫିସିଆଲ୍ ଯାତ୍ରା କରୁଛନ୍ତି। ଫଳରେ ଭାରତୀୟ ସଦସ୍ୟଙ୍କ ସଂଖ୍ୟା ୭୬୮ ରହିଛି। ଏଥିରେ ଓଡ଼ିଶାରୁ ବର୍ତ୍ତମାନ ସୁଦ୍ଧା ୨୦ ଜଣ ସାମିଲ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ କେବଳ ଖେଳାଳି ଭାବେ ୧୪ ଜଣ ରହିଛନ୍ତି। ଅଣଓଡ଼ିଆ ଭାବେ ଅନିମେଷ କୁଜୁର ଓ ପ୍ରଣତି ନାୟକଙ୍କୁ ବାଦ ଦେଲେ ଡଜନେ ଖାଣ୍ଟି ଓଡ଼ିଆଙ୍କୁ ଜାପାନ ଆକ୍ସନରେ ଦେଖିବାକୁ ମିଳିବ। ଏମାନେ ୭ଟି ବିଭିନ୍ନ ଖେଳରେ ଅଂଶଗ୍ରହଣ କରିବେ।

ଓଡ଼ିଶାରୁ ମନୋନୀତ ୧୪ ଜଣଙ୍କ ମଧ୍ୟରୁ ୮ ଜଣ ମହିଳା ଏବଂ ୬ ଜଣ ପୁରୁଷ। ସର୍ବାଧିକ ୪ ଜଣ ରଗ୍‌ବି ସେଭେନ୍ସ ଭାରତୀୟ ମହିଳା ଦଳରେ ସାମିଲ ଅଛନ୍ତି। ସେମାନେ ହେଲେ-ପାର୍ବତୀ ହାଁସଦା, ଡୁମୁନି ମାର୍ଣ୍ଡି, ସନ୍ଧ୍ୟାରାଣୀ ଟୁଡୁ, ନିର୍ମାଲ୍ୟ ରାଉତ। ତେବେ ପ୍ରାରମ୍ଭିକ ଦଳରେ ଏମାନଙ୍କ ନାମ ରହିଥିଲେ ମଧ୍ୟ ଚୂଡାନ୍ତ ତାଲିକା ପ୍ରକାଶ ପାଇନାହିଁ। ସେହିଭଳି ପୁରୁଷ ହକି ଦଳରେ ଶିଳାନନ୍ଦ ଲାକ୍ରା ଓ ଅମିତ ରୋହିଦାସ ଏବଂ ମହିଳା ହକି ଦଳରେ ରହିଛନ୍ତି ଏକମାତ୍ର ଓଡ଼ିଆ ସୁନେଲିତା ଟୋପ୍ପୋ। ଜିମ୍ନାଷ୍ଟିକ୍ସରେ ପ୍ରଣତି ନାୟକ ଏକମାତ୍ର ଭାରତୀୟ ଭାବେ ଗସ୍ତ କରୁଛନ୍ତି। ସେ ମହିଳା ବିଭାଗ ଭଲ୍ଟ ଓ ଅଲରାଉଣ୍ଡ୍‌ରେ ଅଂଶଗ୍ରହଣ କରିବେ। ଆଥଲେଟିକ୍ସରେ ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ ଭାରତୀୟ ମହିଳା ୧୦୦ ମିଟର୍ ରିଲେ ଦଳରେ ସାମିଲ ଥିବାବେଳେ ଅନିମେଷ କୁଜୁର ୧୦୦, ୨୦୦ ମିଟର ଦୌଡ଼ ସହିତ ୧୦୦ ମିଟର୍ ରିଲେରେ ପ୍ରତିନିଧିତ୍ୱ କରିବେ। ସାଇକ୍ଲିଂରେ ସ୍ୱସ୍ତି ସିଂହ ପର୍ସୁଟ୍ ଓ ମାଡିସନ୍ ଦଳଗତ ଇଭେଣ୍ଟ୍‌ରେ ପ୍ରତିନିଧିତ୍ୱ କରିବେ। ସନ୍ତରଣରେ ମହାରାଷ୍ଟ୍ରରୁ ଖେଳୁଥିବା କଟକ ପୁଅ ଋଷଭ ଦାସ ସର୍ବାଧିକ ୪ଟି ଇଭେଣ୍ଟ୍‌ରେ ଖେଳିବେ। ତାଙ୍କ ଇଭେଣ୍ଟ୍ ଗୁଡ଼ିକ ହେଲା- ୫୦, ୧୦୦, ୨୦୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକ୍ ଏବଂ ୪ ଗୁଣା ୧୦୦ ମିଟର୍ ମିଡଲେ ରିଲେ। ପ୍ରଥମ ଥର ପଦାର୍ପଣ କରିବାକୁ ଯାଉଥିବା ଇ-ସ୍ପୋର୍ଟସରେ ଚିନ୍ମୟ ସାହୁ ଓ ରୁଦ୍ରନାରାୟଣ ନାୟକ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

# କଳିଙ୍ଗନଗରରେ ବିଜେପିର ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଯାଜପୁର, ୧୫/୯ (ଅକ୍ଷର ଓଡ଼ିଶା.) : ଆଗାମୀ ଦିନରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ଦଳୀୟ କାର୍ଯ୍ୟକଳାପର ପ୍ରମୁଖ ଆଧାର କରିବା ଉପରେ ବିଜେପି ଗୁରୁତ୍ୱ ଦେଇଛି। ଏହି ଲକ୍ଷ୍ୟରେ କଳିଙ୍ଗନଗରସ୍ଥିତ ଦାନଗଦୀ ବ୍ଲକ୍‌ର ରୟାଲ୍ ତାଜ୍ ପ୍ୟାଲେସ୍‌ଠାରେ ବିଜେପି ଯାଜପୁର ଜିଲ୍ଲାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି।




ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ସଂଗଠନକୁ ଅଧିକ ମଜବୁତ କରିବା ଓ ଜନସାଧାରଣଙ୍କ ସହ ଦଳର ସମ୍ପର୍କକୁ ଆହୁରି ନିବିଡ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକ ପୂର୍ବରୁ ମନ୍ତ୍ରୀ ବଳ ସାମନ୍ତ ଦଳୀୟ ପତାକା ଉତ୍ତୋଳନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ବୈଠକରେ ୱାର୍ଡ ଓ ପଞ୍ଚାୟତସ୍ତରରେ ଦଳୀୟ ସଂଗଠନକୁ ସକ୍ରିୟ କରିବା ନେଇ ଆଲୋଚନା ହୋଇଥିଲା। କେବଳ ନିର୍ବାଚନ ସମୟରେ ନୁହେଁ, ବର୍ଷତମାମ ଲୋକଙ୍କ ସହ ଯୋଡ଼ି ହୋଇ ରହିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଥିଲା। ଘରକୁ ଘର ଯାଇ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ତାହାର ସମାଧାନ ପାଇଁ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।ବିଶେଷକରି ସରକାରୀ ଯୋଜନାରୁ ବଞ୍ଚିତ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ଯୋଜନାର ସୁଫଳ ପହଞ୍ଚାଇବା, ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେବା ଏବଂ ଲୋକଙ୍କ ନିକଟରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତି ବଢ଼ାଇବା ନେଇ ଆଗାମୀ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇଥିଲା। ସଂଗଠନ ହିଁ ଦଳର ଶକ୍ତି ହୋଇଥିବାରୁ ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତାଙ୍କୁ ଅଧିକ ଦାୟିତ୍ୱଶୀଳ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ବିଜେପି ରାଜ୍ୟ ଉପସଭାପତି ମାନସ ମହାନ୍ତି, ବଡ଼ଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ଆଶୁତୋଷ ପରିଡ଼ା, ବିଞ୍ଝାରପୁର ନେତ୍ରୀ ବବିତା ମଲିକ, ବରୀ ନେତା ଉମେଶ ଜେନାଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ନେତା, ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ବିଭିନ୍ନ ଅନୁଷ୍ଠାନରେ ପୂଜା ପାଇଲେ ପ୍ରଥମ ପୂଜ୍ୟ ଶ୍ରୀ ଗଣେଶ

ରାଜନଗର, ୧୫/୦୯(କାମାକ୍ଷା ପ୍ରସାଦ ସ୍ୱାଇଁ)ରାଜନଗର ବ୍ଲକର ଇଶ୍ୱରପୁର ପଂଚାୟତ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଛି। ପୂଜା ମଣ୍ଡପ ଗୁଡିକ ଆଲୋକ ମାଳାରେ ସୁସଜ୍ଜିତ କରାଯାଏ ଆକର୍ଷଣୀୟ କରାଯାଇଛି।ଖରା ଓ ବର୍ଷା ପାଗକୁ ଖାତିରି ନକରି ଅନୁଷ୍ଠାନ ପୂଜା ପାଇଁ ତତ୍ପର। ଇଶ୍ୱରପୁର ଓ ଘଡିଆମାଳ ଗ୍ରମ ପଂଚାୟତ ର ପୂଜା କମିଟି , ଗଣେଶ ପୂଜା କମିଟି ଦିଘୀ, ମହ୍ୟ ବିନାୟକ ପୂଜା କମିଟି ଦିଘୀ. ଜମ୍ବୁସାଗର, ତଅଁଳା କୋଲା। ଘଡ଼ିଆମାଳ, ଶିକ୍ଷା ଅନୁଷ୍ଠାନରେ ଜୁଣଘଡି ପ୍ରାଥମିକ ବିଦ୍ୟାଳୟ, ମଧୁସୂଦନ ବିଦ୍ୟାମନ୍ଦିର ଘଡ଼ିଆମାଳ, ଇଶ୍ୱରପୁର ପଂଚାୟତ ଶିକ୍ଷା ଅନୁଷ୍ଠାନ ଉତ୍କଳ ମଣି ନୋଡ଼ାଲ୍ ବିଦ୍ୟାଳୟ ବଳଭଦ୍ରପୁର। ସମେତ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ପ୍ରଥମପୂଜ୍ୟ ଶ୍ରୀ ଗଣେଶ ଙ୍କ ପୂଜାର୍ଚ୍ଚନା କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗଣେଶ ପୂଜା କମିଟି ଦିଘୀ ଓ ମହ୍ୟ ବିନାୟକ ପୂଜା କମିଟି ଦିଘୀ ସନ୍ଧ୍ୟା ରେ ପାଗ ଅନୁକୂଳ ଥିବାରୁ । ପୂଜା ମଣ୍ଡପ ନିକଟରେ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। କମିଟି ଓ ଅନୁଷ୍ଠାନ ଗୁଡ଼ିକ ଶ୍ରଦ୍ଧାଳୁଙ୍କ ଉଦେଶ୍ୟ ରେ ବିଭିନ୍ନ ପୂଜା ମଣ୍ଡପ ରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera